RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

# ନିତିଦିନ NITIDIN

www.nitidin.com
twitter.com/nitidintoday
facebook.com/nitidintoday

SATURDAY
20 JUNE 2026
ଶନିବାର
୨୦ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 20 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୨୦ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର



15001/76/2627

୨ ବର୍ଷରେ ଗୁଣା ବିକାଶ



ବିକାଶର ଧାରା
ଓଡ଼ିଶା ସାରା





## ₹୪୭,୬୦୦ କୋଟିର
## ବିଭିନ୍ନ ଜନକଲ୍ୟାଣ ପ୍ରକଳ୍ପର ଲୋକାର୍ପଣ ତଥା ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି

**ଶ୍ରୀମତୀ ଦ୍ରୌପଦୀ ମୁର୍ମୁ**
ମାନ୍ୟବର ରାଷ୍ଟ୍ରପତି

ଗରିମାମୟ ଉପସ୍ଥିତି

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଡ. ହରି ବାବୁ କମ୍ଭମପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡ଼ା**
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକାଗଣ

### ଲୋକାର୍ପଣ

₹୮୧୧ କୋଟିର ରାସ୍ତା ଓ ସେତୁ

₹୫୩୦ କୋଟିର
ସୁଦୃଢ଼ ପରିବହନ ଓ ଗମନାଗମନ ବ୍ୟବସ୍ଥା

ସୁରକ୍ଷିତ ସଡ଼କ, ସ୍ମାର୍ଟ ପରିବହନ ଓ
ଉନ୍ନତ ଜନସେବା ଦିଗରେ ଆଉ ଏକ ପଦକ୍ଷେପ

ଅନ୍ୟାନ୍ୟ ପ୍ରକଳ୍ପ ₹୩,୨୧୮ କୋଟି

### ଭିତ୍ତିପ୍ରସ୍ତର ସ୍ଥାପନ

₹୨୫ ହଜାର କୋଟିର 'ବିସିଜିସିଏଲ୍ କୋଲ୍ ଗ୍ୟାସିଫିକେସନ ପ୍ରକଳ୍ପ'

₹୧୭,୧୧୭ କୋଟିର
ଉନ୍ନତ ବିଦ୍ୟୁତ୍ ଶକ୍ତି ଭିତ୍ତିଭୂମି

ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି
ରାଜ୍ୟର ବିଦ୍ୟୁତ ଭିତ୍ତିଭୂମିର ହେବ ବିକାଶ

ଅନ୍ୟାନ୍ୟ ପ୍ରକଳ୍ପ ₹୯୨୭ କୋଟି

### ରେଳ ପ୍ରକଳ୍ପ ଲୋକାର୍ପଣ

- ହିନ୍ଦୋଳ - ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ
- ଯଖପୁରା- ଯାଜପୁର କେନ୍ଦୁଝର ରୋଡ୍ - ବୈତରଣୀ ରୋଡ୍ ମଲ୍ଟି-ଟ୍ରାକିଂ ପ୍ରକଳ୍ପ

ରାଜ୍ୟର ଆଞ୍ଚଳିକ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ

୨୦ ଜୁନ୍ ୨୦୨୬ | ମଧ୍ୟାହ୍ନ ୧୨:୧୫ | ରାଇରଙ୍ଗପୁର, ମୟୂରଭଞ୍ଜ

OIPR-15001/15001/2/26-27/0076

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

ନିତିଦିନ NITIDIN









# ଜନ୍ମମାଟିରେ ମହାମହିମ

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜନ୍ମମାଟିରେ ପାଦ ରଖିଛନ୍ତି।ଆଜି ଅପରାହ୍ନ ୩.୪୫ରେ ରାଷ୍ଟ୍ରପତି ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଆସି ଦାଣ୍ଡବୋଷ ବିମାନବନ୍ଦରରେ ପହଞ୍ଚିବାର ଥିଲା । କିନ୍ତୁ ଖରାପ ପାଣିପାଗ ପାଇଁ କୋଲେଇକୁଣ୍ଡାରୁ ଅବତରଣ କରି ସେଠାରୁ ସେ ସଡ଼କ ପଥରେ ଖଡଗପୁର ବହରାଗୋଡା, ବହ୍ମେଛକ, ବାଙ୍ଗିରିପୋଷି, ଦ୍ୱାରଶୁଣି ଘାଟି ଦେଇ ରାଇରଙ୍ଗପୁର ପହଞ୍ଚିଥିଲେ। ରାଇରଙ୍ଗପୁରରେ ରାଷ୍ଟ୍ରପତିଙ୍କୁ ଭବ୍ୟ ସ୍ୱାଗତ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଓଡ଼ିଶା ମାଟିର ସୁଯୋଗ୍ୟା କନ୍ୟା ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମହୋଦୟାଙ୍କୁ ତାଙ୍କର ପ୍ରିୟ ଜନ୍ମମାଟି ରାଇରଙ୍ଗପୁରରେ ରାଜ୍ୟପାଳ ଡ଼. ହରିବାବୁ କମ୍ଭମପାଟି ଜୀଙ୍କ ସହ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଲି। ଆମ ସରକାରଙ୍କ ସେବା ଓ ସୁଶାସନର ଦୁଇ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେବା ପାଇଁ ତାଙ୍କର ଏହି ଆଗମନ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନକୁ ଆହୁରି ଗୌରବାନ୍ୱିତ କରିଛି। ତାଙ୍କର ସରଳତା ଓ ସଂଘର୍ଷର କାହାଣୀ ପ୍ରତିଟି ଓଡ଼ିଆଙ୍କ ପାଇଁ ଶ୍ରେଷ୍ଠ ପ୍ରେରଣା। ଓଡ଼ିଶାର ବିକାଶ ଓ ପ୍ରଗତି ଯାତ୍ରାରେ ରାଷ୍ଟ୍ରପତିଙ୍କ ମାର୍ଗଦର୍ଶନ ଆମକୁ ଏକ ସମୃଦ୍ଧ ଓ ସଶକ୍ତ ଓଡ଼ିଶା ଗଠନ ଦିଗରେ ଆହୁରି ଦୃଢ଼ ସଂକଳ୍ପବଦ୍ଧ କରିବ।"

ରାଇରଙ୍ଗପୁର ସ୍ଥିତ ହୋଲିଡେ ହୋମରେ କିଛି ସମୟ ବିଶ୍ରାମ ପରେ ଏମ୍ସର ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରରେ ମହାମହିମ ଯୋଗଦେଇଥିଲେ। ଶିବିରାର୍ଥୀମାନଙ୍କ ସହ ଭାବ ବିନିମୟ କରିବା ସହ ଅନ୍ୟାନ୍ୟ ପ୍ରକଳ୍ପର ମଧ୍ୟ ଉଦଘାଟନ କରିଥିଲେ।

ରାଷ୍ଟ୍ରପତି ଗସ୍ତ ନେଇ ଜନ୍ମମାଟିରେ ଉତ୍ସାହ ଦେଖାଯାଇଛି। ପାହାଡ଼ପୁରର ପବନରେ ଅଲଗା ଉତ୍ସାହ...ଚାରିଆଡ଼େ ପର୍ବର ମାହୋଲ, ପ୍ରତିଟି ଘର ଖୁସିରେ ମସଗୁଲ୍। କାରଣ ଯେଉଁ ମାଟି ଦେଶକୁ ପ୍ରଥମ ଆଦିବାସୀ ରାଷ୍ଟ୍ରପତି ଦେଇଛି, ସେହି ମାଟିକୁ ଆସିଛନ୍ତି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ନେତୃତ୍ୱ। ଶୁକ୍ରବାର ରାଇରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଷ୍ଟ୍ରପତି ଶନିବାର ଜନ୍ମମାଟିରେ ଜନ୍ମଦିନ ପାଳିବେ। ପ୍ରେସିଡେଣ୍ଟ ଦ୍ରୌପଦୀ ମୁର୍ମୁ ଆଉ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଏକାଠି ଉଭୟଙ୍କର ଉପସ୍ଥିତି ସହିତ ଆସନ୍ତାକାଲି ପୁଣିଥରେ ଇତିହାସର ସାକ୍ଷୀ ସାଜିବାକୁ ଯାଉଛି ରାଇରଙ୍ଗପୁର। ଖାସ୍ ସେଇଥିପାଇଁ ନବବଧୂ ଭଳି ସଜେଇ ହୋଇଛି ମହାମହିମଙ୍କ ଶାଶୁଘର ପାହାଡ଼ପୁର। ଗାଁର ବୃଦ୍ଧବୃଦ୍ଧାଙ୍କଠାରୁ ସ୍କୁଲ ପିଲା ପର୍ଯ୍ୟନ୍ତ, ସମସ୍ତଙ୍କ ମନରେ କେବଳ କାଲିକୁ ଅପେକ୍ଷା। ଆସନ୍ତାକାଲି ଜନ୍ମମାଟିରେ ଜନ୍ମଦିନ ପାଳିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ପ୍ରଥମ ଥର ପାଇଁ ଓଡ଼ିଆ ରାଷ୍ଟ୍ରପତିଙ୍କ ଜନ୍ମଦିନରେ ପୁଣି ଜନ୍ମମାଟିରେ ଏକାଠି ହେବେ ଦେଶର ପ୍ରେସିଡେଣ୍ଟ ଓ ପିଏମ୍। ଉଭୟ ଏକାଠି ପାହାଡ଼ପୁର ଯିବାର କାର୍ଯ୍ୟକ୍ରମ ରହିଛି। ସେଠାରେ ଗ୍ରାମବାସୀଙ୍କ ସାଥିରେ ଭାବବିନିମୟ ସହିତ ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କ ସ୍ମୃତିରେ ପ୍ରତିଷ୍ଠିତ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିବେ। ସେହି ମୁହୂର୍ତ୍ତକୁ ଆଖିରେ ଦେଖିବାକୁ ଅପେକ୍ଷା କରିଛି ସାରା ଦେଶ। ନିଜ ଝିଅକୁ ରାଷ୍ଟ୍ରପତି ଭାବରେ ଦେଖିଥିବା ଗାଁ ଏବେ ଦେଶର ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ଉତ୍ସାହର ସହିତ ଚାହିଁ ବସିଛି। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ରାଇରଙ୍ଗପୁର ଓ ପାହାଡ଼ପୁରରେ ପୋଲିସ ଛାଉଣୀ। ଚାରିଆଡ଼େ ତ୍ରିସ୍ତରୀୟ ସୁରକ୍ଷା ବଳୟ । ମୁତୟନ ହୋଇଛନ୍ତି ଏସପିଜି, ଏନଏସଜିଙ୍କ ସମେତ ୧୨୦ ପ୍ଲାଟୁନ ଫୋର୍ସ । ୩ଟି ସିଆରପିଏଫ୍ ଓ ୨ଟି ବିଏସଏଫ କମ୍ପାନୀ ବି କଡ଼ା ନଜର ରଖିଛନ୍ତି। ପାହାଡ଼ପୁର ଏବେ ସାରା ଦେଶର ନଜରରେ। କାଲିର ସକାଳ ସହିତ ଏହି ଗାଁ ଆଉ ଏକ ଐତିହାସିକ ଅଧ୍ୟାୟରେ ଯୋଡ଼ିହେବ। ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କର ଏଇ ଗସ୍ତ ସାଧାରଣ ଗସ୍ତ ନୁହେଁ, ଏହା ଆମ ରାଜ୍ୟର ଗର୍ବ ଓ ଗୋଟିଏ ଗାଁର ସଫଳତାର ଉତ୍ସବ।







# ରାଇରଙ୍ଗପୁରରେ ହେବ ବିକାଶର ବର୍ଷା

## ୭୩୨ କୋଟିର ରେଳ ପ୍ରକଳ୍ପ ଦେଶବାସୀଙ୍କୁ ସମର୍ପଣ କରିବେ ରାଷ୍ଟ୍ରପତି

- ଯଖପୁରା-ଯାଜପୁର କେନ୍ଦୁଝର ରୋଡ଼-ବୈତରଣୀ ରୋଡ଼ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଲୋକାର୍ପଣ
- ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଲୋକାର୍ପଣ
- ଓଡ଼ିଶାରେ ଟ୍ରେନ୍ ପରିଚାଳନା କ୍ଷମତା, ଶିଳ୍ପ ଲଜିଷ୍ଟିକ୍ସକୁ ବ୍ୟାପକ ଭାବେ ବୃଦ୍ଧି କରିବ

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ରେଳ ଭିତ୍ତିଭୂମି, ପରିଚାଳନା ଦକ୍ଷତା ଏବଂ ସଂଯୋଗୀକରଣ କ୍ଷେତ୍ରରେ ଏକ ବଡ଼ ସଫଳତା ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଗରିମାମୟ ଉପସ୍ଥିତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତାକାଲି ଅର୍ଥାତ ଶନିବାର ରାଇରଙ୍ଗପୁର ଠାରେ ୭୩୨ କୋଟିରୁ ଅଧିକ ଟଙ୍କାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଲ୍ଟି-ଟ୍ରାକିଂ ରେଳ ପ୍ରକଳ୍ପକୁ ଦେଶବାସୀଙ୍କୁ ସମର୍ପଣ କରିବେ।

ପୂର୍ବତଟ ରେଳପଥ ଅଧୀନରେ ବିକଶିତ ଏହି ଦୁଇଟି ପ୍ରକଳ୍ପ ରେଳ ଲାଇନର କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀବାହୀ ତଥା ମାଲବାହୀ ଟ୍ରେନର ସୁଗମ ଚଳାଚଳକୁ ସହଜ କରିବ। ଏହି ପ୍ରକଳ୍ପ ଗୁଡ଼ିକ ଓଡ଼ିଶାର ରେଳ ଭିତ୍ତିଭୂମିର ମେରୁଦଣ୍ଡକୁ ଆହୁରି ମଜବୁତ କରିବ ଏବଂ ରାଜ୍ୟରେ ବଢୁଥିବା ଶିଳ୍ପ ତଥା ଅର୍ଥନୈତିକ କାର୍ଯ୍ୟକଳାପକୁ ସହାୟତା ପ୍ରଦାନ କରିବ। ୧୯ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ପ୍ରକଳ୍ପ ୩୨୩ କୋଟି ଟଙ୍କା ବ୍ୟୟରେ ସମ୍ପୂର୍ଣ୍ଣ ହୋଇଛି, ଯାହା ବୃହତ ଭଦ୍ରକ-ନିର୍ଗୁଣ୍ଡି ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଭାବରେ ବିକଶିତ କରାଯାଇଛି। ଏହି ପ୍ରକଳ୍ପଟି ଅତ୍ୟଧିକ ବ୍ୟସ୍ତବହୁଳ ହାଓ୍ୱଡ଼ା-ଚେନ୍ନାଇ ମୁଖ୍ୟ ଲାଇନରେ କ୍ଷମତା ବୃଦ୍ଧି କରିବ, ଭିଡ଼ ହ୍ରାସ କରିବ, ସମୟାନୁବର୍ତ୍ତିତାରେ ସୁଧାର ଆଣିବ ଏବଂ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନଗୁଡ଼ିକର ଦ୍ରୁତ ଚଳାଚଳ ନିଶ୍ଚିତ କରିବ। ଏହି ପ୍ରକଳ୍ପ କୋଇଲା ଏବଂ ଅନ୍ୟାନ୍ୟ ଭାରୀ ସାମଗ୍ରୀର ନିରବଚ୍ଛିନ୍ନ ପରିବହନରେ ମଧ୍ୟ ସହାୟକ ହେବ, ଯାହା ନିକଟସ୍ଥ ବନ୍ଦର, ଶିଳ୍ପ ଏବଂ ବାଣିଜ୍ୟିକ କେନ୍ଦ୍ରଗୁଡ଼ିକୁ ସୁଦୃଢ଼ ଲଜିଷ୍ଟିକ୍ ସହାୟତା ପ୍ରଦାନ କରିବ, ଯାହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ବିକାଶରେ ସହଯୋଗ ମିଳିବ।



ସେହିପରି, ୪୦୯ କୋଟି ଟଙ୍କା ବ୍ୟୟରେ ୨୭ କିଲୋମିଟର ଦୈର୍ଘ୍ୟରେ ସମ୍ପୂର୍ଣ୍ଣ ହୋଇଥିବା ହିନ୍ଦୋଳ ରୋଡ଼- ମେରାମଣ୍ଡଳୀ ମଲ୍ଟି-ଟ୍ରାକିଂ ପ୍ରକଳ୍ପ, ଗୁରୁତ୍ୱପୂର୍ଣ୍ଣ ବୁଢ଼ାପଙ୍କ-ଶାଳଗାଁ ମଲ୍ଟି-ଟ୍ରାକିଂ ପ୍ରକଳ୍ପର ଏକ ଅଂଶ ଅଟେ। ଏହି ପ୍ରକଳ୍ପ ଟ୍ରେନ୍ ପରିଚାଳନ କ୍ଷମତାକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ, ପରିଚାଳନାଗତ ପ୍ରତିବନ୍ଧକ ଗୁଡ଼ିକୁ ଦୂର କରିବ ଏବଂ କୋଇଲା, ଇସ୍ପାତ, ବିଦ୍ୟୁତ କ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଓ ଅନ୍ୟାନ୍ୟ ଶିଳ୍ପ ଜାତ ସାମଗ୍ରୀର ସୁଗମ ପରିବହନକୁ ସହାୟତା କରିବ। ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ସୃଷ୍ଟ ଅତିରିକ୍ତ କ୍ଷମତା ଅଧିକ ଯାତ୍ରୀବାହୀ ଓ ମାଲବାହୀ ଟ୍ରେନ୍ ପରିଚାଳନକୁ ସମ୍ଭବ କରିବ, ସଂଯୋଗୀକରଣର ବ୍ୟବସ୍ଥାରେ ଉନ୍ନତି ଆଣିବ, ଶିଳ୍ପ ଲଜିଷ୍ଟିକ୍ସକୁ ମଜବୁତ କରିବ ଏବଂ ଓଡ଼ିଶାର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଏହି କ୍ଷମତା ବୃଦ୍ଧି ପ୍ରକଳ୍ପଗୁଡ଼ିକ ଆଧୁନିକ, ଦକ୍ଷ ଏବଂ ଭବିଷ୍ୟତ ଉପଯୋଗୀ ରେଳ ଭିତ୍ତିଭୂମି ନିର୍ମାଣ ଦିଗରେ ଭାରତ ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାର ପ୍ରତିଫଳନ। ଏହି ପ୍ରକଳ୍ପଗୁଡ଼ିକ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସୁଦୃଢ଼ କରିବାରେ ବହୁ ଦୂର ସହାୟକ ହେବ।

### ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

## ହେବ ୪୭ ହଜାର କୋଟି ଟଙ୍କାର ଶିଳାନ୍ୟାସ

### ଗୋଟିଏ ମଞ୍ଚରେ ଜନସଭାକୁ ସମ୍ବୋଧିତ କରିବେ ରାଷ୍ଟ୍ରପ୍ରତି, ପ୍ରଧାନମନ୍ତ୍ରୀ

**ରାଇରଙ୍ଗପୁର,ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ଆସନ୍ତାକାଲି ଅର୍ଥାତ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶାରେ ବିଜେପି ସରକାରଙ୍କ ୨ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବେ। ଉଭୟେ ରାଇରଙ୍ଗପୁରଠାରେ ଗୋଟିଏ ମଞ୍ଚରେ ଯୋଗଦେଇ ଜନସଭାକୁ ସମ୍ବୋଧିତ କରିବେ। ଏହା ଓଡ଼ିଶାବାସୀଙ୍କ ପାଇଁ ଗୌରବର ବିଷୟ। ଏହି ଅବସରରେ ଦେଶ ଓ ଜାତି ଉଦ୍ଦେଶ୍ୟରେ ୪୭ ହଜାର କୋଟି ଟଙ୍କାର ଶିଳାନ୍ୟାସ କରାଯିବ। ଆସନ୍ତାକାଲିର ସଭା ଭାରତ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଇରଙ୍ଗପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କହିଛନ୍ତି ।

ଶ୍ରୀ ସାମଲ କହିଛନ୍ତି ଯେ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶନିବାର ତାଙ୍କ ଶାଶୂ ଘର ଗ୍ରାମ ପାହଡ଼ପୁର ଗସ୍ତରେ ଯିବେ। ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ମଧ୍ୟ ଉପସ୍ଥିତ ରହିବେ। ଉଭୟେ ଉକ୍ତ ଗ୍ରାମର ଓଲସମା ଓ ସାନ୍ତାଳି ସମାଜର ପବିତ୍ର ପୀଠରେ ପୂଜାର୍ଚ୍ଚନା କରିବେ । ସେଠାରେ ଥିବା ବିଦ୍ୟାଳୟ, ବିଦ୍ୟାମନ୍ଦିର ଓ ସ୍କିଲ୍ ଡେଭଲପ୍ମେଣ୍ଟ ଅନୁଷ୍ଠାନକୁ ପରିଦର୍ଶନ କରିବା ସହ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବେ। ଏହାପରେ ରାଇରଙ୍ଗପୁରରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧିତ କରିବା ସହ ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ସଂଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ଜଳସେଚନ ଭଳି ଅନେକ ପ୍ରକଳ୍ପର ଶିଳାନ୍ୟାସ କରିବେ। ମୁଖ୍ୟ ଶିଳ୍ପନ୍ୟାସ ପ୍ରକଳ୍ପଗୁଡିକ ମଧ୍ୟରେ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତି ଅନ୍ତଷ୍ଟୋରେଜ ପ୍ରକଳ୍ପ, ଆଇବି ତାପଜ ବିଦ୍ୟୁତ୍ କେନ୍ଦ୍ରର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣରେ ୬୬୦ ମେଗାୱାଟ୍ ୟୁନିଟ୍, ଝାରସୁଗୁଡା ଜିଲ୍ଲାରୁ ଲଖନପୁର ଯାଏଁ ଭାରତ ଟୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ବିସିଜିସିଏଲ୍ ପ୍ରକଳ୍ପ ରହିଛି । ଅନ୍ୟାନ୍ୟ ପ୍ରକଳ୍ପ ମଧ୍ୟରୁ ଭୁବନେଶ୍ୱର ୩୦୦ ଟିଡିପି କ୍ଷମତା କମ୍ପ୍ରେସ୍ଡ ବାୟୋଗ୍ୟାସ ପ୍ଲାଣ୍ଟ, କଟକ-ଭୁବନେଶ୍ୱର ସଂଯୋଗ ପାଇଁ କାଠଯୋଡି ନଦୀ ଉପରେ ସେତୁ, ବୌଦ୍ଧ ଜିଲ୍ଲାର ଧଳପୁର ହରଭଙ୍ଗା ସଡ଼କର ପ୍ରଶସ୍ତିକରଣ, ନୂଆପଡା ହାଟିପଡା ଜାତୀୟ ରାଜପଥର ୪ଲେନ୍ ବିକାଶ, କୁସୁମଡିମ୍ ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ରାଇରଙ୍ଗପୁରଠାରେ ଆଇଜିଏନ୍ଏଲୟୁ ଆଞ୍ଚଳିକ କେନ୍ଦ୍ର ଓ ବ୍ୟାଡ୍ମିଣ୍ଟନ୍ କମ୍ପ୍ଲେକ୍ସ ଅନ୍ତର୍ଭୁକ୍ତ ରହିଛି। ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨୬ ଅଟଳ ବସ୍ଷ୍ଟାଣ୍ଡ, ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ଯାନ ପରୀକ୍ଷା କେନ୍ଦ୍ର ଉଦ୍ଘାଟନ କରାଯିବ। ଏହା ବ୍ୟତୀତ ନୟାଗଡ ଟାଉନ୍ ବାଇପାସ୍ ଉଷୁମି ସ୍ମାର୍ଟ ଇରିଗେସନ୍ ପ୍ରକଳ୍ପର ଭୂତଳ ପାଇପ୍ ଲାଇନ୍, ଯାଜପୁର କେନ୍ଦୁଝର ରୋଡ୍ ବୈତରଣୀ ରୋଡ୍ ମଲ୍ଟି ଟ୍ରାକିଂ ପ୍ରକଳ୍ପ, ହିନ୍ଦୋଳରୁ ମେରାମଣ୍ଡଳୀ ମଲ୍ଟି ଟ୍ରାକିଂ ପ୍ରକଳ୍ପ, ରାଇରଙ୍ଗପୁରରେ କ୍ରୀଡା କମ୍ପ୍ଲେକ୍ସ ଓ ଆଦିବାସୀ ଗବେଷଣା କେନ୍ଦ୍ର ମଧ୍ୟ ଉଦ୍ଘାଟନ ହେବ ବୋଲି ଶ୍ରୀ ସାମଲ କହିଛନ୍ତି ।




ପ୍ରଧାନମନ୍ତ୍ରୀ ମୋଦିଜୀ ସର୍ବକାଳୀନ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ରେକର୍ଡକୁ ଅତିକ୍ରାନ୍ତ କରିବା ପରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀ ସର୍ବଦା ଓଡ଼ିଶାକୁ ଅଧିକ ଗୁରୁତ୍ୱ ଦେଇଆସିଛନ୍ତି। ବିକଶିତ ଭାରତରେ ଓଡ଼ିଶାର ଯେପରି ସର୍ବାଧିକ ଯୋଗଦାନ ରହିବ ସେହି ସଂକଳ୍ପ ନେଇ ମୋଦିଜୀ ଓଡ଼ିଶା ଆସୁଛନ୍ତି । ଏନେଇ ମୟୂରଭଞ୍ଜ ସମେତ ସମଗ୍ର ଓଡ଼ିଶାରେ ଆଜି ଆନନ୍ଦ ଓ ଉଲ୍ଲାସର ବାତାବରଣ ସୃଷ୍ଟି ହୋଇଛି ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ନିତିଦିନ

NITIDIN

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 20 JUNE 2026
ଶନିବାର
୨୦ ଜୁନ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 12 • ISSUE 20 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୨ • ସଂଖ୍ୟା ୨୦ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


# ଆଜି ଓଡ଼ିଶା ଆସିବେ ପ୍ରଧାନମନ୍ତ୍ରୀ



**ରାଷ୍ଟ୍ରପତିଙ୍କ ସହ ମୟୂରଭଞ୍ଜର ପାହାଡ଼ପୁର ଯିବେ**

**ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ଉତ୍ସବରେ ହେବେ ସାମିଲ୍**

**ମହାମହିମଙ୍କ ସହ ଭେଟିଦେବେ ୪୭,୬୦୦ କୋଟି ଟଙ୍କାର ପ୍ରକଳ୍ପ**

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ଅର୍ଥାତ ଶନିବାର ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଉପସ୍ଥିତ ରହିବେ ଯାହା ରାଜ୍ୟ ପାଇଁ ଏକ ବିରଳ ତଥା ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ପୂର୍ବାହ୍ନ ୧୧ଟା ୫ରେ ପ୍ରଧାନମନ୍ତ୍ରୀ ପାହାଡ଼ପୁର ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ରାଷ୍ଟ୍ରପତିଙ୍କ ସହିତ ପୂର୍ବାହ୍ନ ୧୧ଟା ୧୫ରେ ଗ୍ରାମର ଗୋଷାଣୀ ପୀଠ ପରିଦର୍ଶନ କରିବେ। ସେଠାରୁ ଫେରିବା ପରେ ଗ୍ରାମରେ ଥିବା କହ୍ଲୁ ଓ ସାନ୍ତାଳ ସମ୍ପ୍ରଦାୟର ଜାହିରା ପରିଦର୍ଶନ କରିବେ। ୧୨ଟା ୨୦ରେ ପାହାଡ଼ପୁରସ୍ଥିତ ଏସ୍ଏଲ୍ଏସ୍ ସ୍ମାରକୀ ଆବାସିକ ବିଦ୍ୟାଳୟ ପରିସରରେ ଥିବା ରାଷ୍ଟ୍ରପତିଙ୍କ ସ୍ୱାମୀ ଓ ଦୁଇ ପୁଅଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ପରେ ବିଦ୍ୟାଳୟ ଓ ଦକ୍ଷତା ବିକାଶ କେନ୍ଦ୍ର ବୁଲି ଦେଖିବା ସହିତ ଛାତ୍ର ଛାତ୍ରୀଙ୍କ ସହିତ ଭାବ ବିନିମୟ କରିବେ। ସେଠାରୁ ସଡ଼କ ପଥ ଦେଇ ଦିଘିଆବେଡା ହେଲିପ୍ୟାଡକୁ ଯାଇ ଅପରାହ୍ନ ୧୨ଟା ୨୫ରେ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ରାଇରଙ୍ଗପୁର ଗସ୍ତ କରିବେ। ୧୨ଟା ୫୫ରେ ଦାଣ୍ଡବୋଷ ଏୟାର ଷ୍ଟ୍ରିପରେ ଅବତରଣ କରିବା ପରେ ସେଠାରେ ଅନୁଷ୍ଠିତ ସଭାସ୍ଥଳରେ ଯୋଗଦେବେ। ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିବେ। ପରେ ଜନସଭାକୁ ଉଦ୍‌ବୋଧନ ଦେବେ। କାର୍ଯ୍ୟକ୍ରମର

▶▶ ୫

## ଭିଜିଲାନ୍ସ ଜାଲରେ କୁବେର ଯନ୍ତ୍ରୀ



**ରହିଛି ୪୯ ପ୍ଲଟ୍, ଜମା ରଖିଛନ୍ତି ୬୦.୯୨ ଲକ୍ଷ**

**କେଜିଏ ସୁନା, ଅଢ଼େଇ କେଜି ରୁପା ଗହଣା ଜବତ**

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:**

ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକ୍ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟନାରାୟଣ ସେଠୀ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ତାଙ୍କର କୋରାପୁଟ ଜିଲ୍ଲା ଜୟପୁରର ପାରାବେଡ଼ା ଅଞ୍ଚଳରେ ଥିବା ଭଡ଼ା ଘର ସମେତ ମୋଟ୍ ୭ଟି ଠିକଣାରେ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ ତାଙ୍କର ପୁଳା ପୁଳା ସମ୍ପତ୍ତି ଠାବ କରିଛି ଭିଜିଲାନ୍ସ। ସତ୍ୟନାରାୟଣ ସେଠୀ ଓ ତାଙ୍କ ପରିବାର ଲୋକଙ୍କର ୨ ଫ୍ଲାଟ୍, ୨ଟି ଫାର୍ମ ହାଉସ୍ ଓ ୪୯ଟି ଦାମୀ ପ୍ଲଟ୍ ରହିଛି। ତାଙ୍କ ଘରୁ ପ୍ରାୟ ୯୪୦ ଗ୍ରାମ ସୁନା ଗହଣା, ପ୍ରାୟ ଅଢ଼େଇ କେଜିର ରୁପା ଗହଣା ଓ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ଜବତ କରାଯାଇଛି। ସେ ୬୦.୯୨ ଲକ୍ଷ ଟଙ୍କା ଜମା ରଖିଛନ୍ତି। ଶ୍ରୀ ସେଠୀଙ୍କର ଗୋଟିଏ ଫ୍ଲାଟ୍ ଖୋର୍ଦ୍ଧା ଜିଲ୍ଲା ଜଟଣୀର ମାଧ୍ୱପୁର ମୌଜାର ହାଇଟେକ୍

▶▶ ୫

**ଖଣି ଚୋରା ଚାଲାଣ ବିରୋଧରେ ସରକାରଙ୍କ ଶକ୍ତ ପ୍ରହାର**

## ନିର୍ଦ୍ଧାରିତ ଗ୍ରେଡ୍‌ଠାରୁ କମ୍ ମାନର ଖଣିଜ ପଦାର୍ଥ ପରିବହନକୁ ନା



**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:**

ଖଣିଜ ସମ୍ପଦର ଚୋରାଚାଲାଣ ଉପରେ ମୋହନ ମାଝୀଙ୍କ ସରକାର ଶକ୍ତ ପ୍ରହାର କରିଛନ୍ତି। ରାଜ୍ୟରେ ବେଆଇନ୍ ଖଣି କାର୍ଯ୍ୟକଳାପ ଓ ସେଥି ସହିତ ଜଡ଼ିତ ଅନିୟମିତତାକୁ ରୋକିବା ପାଇଁ ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ଏବେ ଆକ୍ସନ ମୋଡରେ। ଖଣିଜ ପଦାର୍ଥ ପରିବହନ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଓଡ଼ିଶା ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ (ଡିଏମଜି) ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ଅନୁମୋଦିତ ଖଣି ଯୋଜନାରେ ନିର୍ଦ୍ଧାରିତ ମାନଦଣ୍ଡଠାରୁ କମ୍ ଗ୍ରେଡ୍ ବା ମାନର ଓର (ଖଣିଜ ପଥର) ପରିବହନ ପାଇଁ ଏବେ ଆଉ କୌଣସି ଅନୁମତି ମିଳିବ ନାହିଁ। ଗତ ୧୬ ଜୁନ୍ ୨୦୨୬ରେ ଜାରି ହୋଇଥିବା ଏହି ନୂତନ ନିର୍ଦ୍ଦେଶନାମାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଖଣିଜ ପଦାର୍ଥର ଗ୍ରେଡ୍‌ରେ ହେର୍‌ଫେର୍, ବ୍ଲେଣ୍ଡିଂରେ ଅନିୟମିତତା, ଭୁଲ୍ ଶ୍ରେଣୀଭୁକ୍ତ କରିବା ଏବଂ କମ୍ ଗ୍ରେଡ୍ ଦର୍ଶାଇ ରିପୋର୍ଟ କରିବା ଭଳି ବେଆଇନ୍ କାର୍ଯ୍ୟକଳାପକୁ ରୋକିବା। ଏହିପରି ଅନିୟମିତତା ଯୋଗୁଁ ସରକାରଙ୍କ ରୟାଲଟି ସଂଗ୍ରହ ଏବଂ ଅନ୍ୟାନ୍ୟ ସଂହିତାବଦ୍ଧ ଦେୟ ପ୍ରଭାବିତ ହେଉଥିଲା। ଅନେକ ଖଣି ମାଲିକ ଅଧିକ ଟିକସ ଏବଂ ରପ୍ତାନି ଶୁଳ୍କ ଏଡ଼ାଇବା ପାଇଁ ଉଚ୍ଚମାନର ଲୁହା ପଥରକୁ ଜାଣିଶୁଣି ନିମ୍ନମାନର ବୋଲି ଦର୍ଶାଉଥିଲେ। ଏହି ଗ୍ରେଡ୍ ମିଶ୍ରଣ ଏବଂ ଖଣିଜ ପଦାର୍ଥର ମୂଲ୍ୟ କମ୍ ଦର୍ଶାଇବା ଦ୍ୱାରା ରାଜ୍ୟ ସରକାରଙ୍କୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡୁଥିଲା। ଏହାକୁ ରୋକିବା ପାଇଁ ସରକାର କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଟ୍ରାକିଂ ପାଇଁ ଆଧୁନିକ ଟେକ୍ନୋଲୋଜିର ବ୍ୟବହାର କରୁଛନ୍ତି।

ନୂଆ ନିୟମ ଅନୁଯାୟୀ, ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍) ଦ୍ୱାରା ଅନୁମୋଦିତ ଖଣି ଯୋଜନାରେ ଥିବା ବାର୍ଷିକ ହାରାହାରି ଓର ଗ୍ରେଡ୍‌କୁ ହିଁ ଖଣି ଲିଜ୍ ଅଞ୍ଚଳରୁ ପରିବହନ ପାଇଁ ସର୍ବନିମ୍ନ ସ୍ୱୀକୃତ ମାନଦଣ୍ଡ ଭାବେ ଗ୍ରହଣ କରାଯାଇଛି। ଚଳିତ ଆର୍ଥିକ ବର୍ଷ ୨୦୨୬ରେ ଓଡ଼ିଶାର ଅନୁମୋଦିତ ଇସି (ଏନଭାଇରନମେଣ୍ଟ କ୍ଲିଅରାନ୍ସ) ସୀମା ୨୭୮ ମିଲିୟନ ଟନ୍ ରହିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରାୟ ୧୫୮ ମିଲିୟନ ଟନ୍ ଲୁହାପଥର ଉତ୍ପାଦନ ହୋଇଥିଲା, ଯାହା ସମଗ୍ର ଦେଶର ମୋଟ ଲୁହାପଥର ଉତ୍ପାଦନର ପ୍ରାୟ ୫୦ ପ୍ରତିଶତ ଅଟେ। ଖଣିଜ ପଦାର୍ଥ ଉତ୍ପାଦନ, ଡିସପାଚ୍ ଏବଂ ଷ୍ଟକ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କ୍ଷେତ୍ର ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଯଦ୍ୱାରା ଉତ୍ପାଦନର ପ୍ରକୃତ ପରିମାଣ

**ଗ୍ରେଡ୍ ହେର୍‌ଫେର୍ ଓ କମ୍ ରିପୋର୍ଟ ପ୍ରଦାନକାରୀଙ୍କ ଉପରେ ଡିଏମ୍‌ଜିର କଡ଼ା ନଜର**

**ଉଚ୍ଚମାନର ଲୁହା ପଥରକୁ ଜାଣିଶୁଣି ନିମ୍ନମାନର ଦର୍ଶାଉଥିଲେ ଅନେକ ଖଣି ମାଲିକ**


**ସରକାର ହରାଉଥିଲେ ହଜାର ହଜାର କୋଟି ଟଙ୍କାର ରାଜସ୍ୱ**

**ଷ୍ଟକ୍ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ**

ଲୁଚାଇବା କିମ୍ବା ବେଆଇନ୍ ଖନନ ଭଳି ବିସଙ୍ଗତିଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ସରକାରୀ ସର୍କୁଲାରରେ ସ୍ପଷ୍ଟ କରାଯାଇଛି ଯେ ବାର୍ଷିକ ହାରାହାରି ଗ୍ରେଡ୍‌ଠାରୁ କମ୍ ମାନର ଖଣିଜ ପଦାର୍ଥ ପରିବହନକୁ କୌଣସି ପରିସ୍ଥିତିରେ ବି ଅନୁମତି ଦିଆଯିବ ନାହିଁ। ଯେଉଁ ଖଣି ଯୋଜନାରେ ବାର୍ଷିକ ହାରାହାରି ଗ୍ରେଡ୍ ଉଲ୍ଲେଖ ନାହିଁ, ସେଠାରେ କାର୍ଯ୍ୟକ୍ଷମ ଖଣି ଫେସ୍ ବା ବେଞ୍ଚର ଜିଓଲୋଜିକାଲ୍ ରିପୋର୍ଟରୁ ମିଳିଥିବା ଓଜନ ହାରାହାରି ଗ୍ରେଡ୍ (ୱେଟେଡ୍ ଆଭରେଜ୍ ଗ୍ରେଡ୍)କୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବ। ଜଣେ ଖଣି ମାଲିକ ବା ମାଇନର କହିଛନ୍ତି ଯେ, ପୂର୍ବରୁ କିଛି ସଂସ୍ଥା ଆଇବିଏମ୍ ଦର ତୁଳନାରେ ରିପୋର୍ଟ ହୋଇଥିବା ଗ୍ରେଡ୍ ଆଧାରରେ ରୟାଲଟିରେ ହେରଫେର କରୁଥିବା ଅଭିଯୋଗ ହୋଇଥିଲା, ଯାହା ବର୍ତ୍ତମାନ ସରକାରଙ୍କ ସ୍କାନରରେ ରହିଛି। ତେବେ ପୂର୍ବ ଅନୁମୋଦନ କ୍ରମେ ଦିଆଯାଇଥିବା ଚାଲୁ ଡିସପାଚ୍ ଅନୁମତି ଉପରେ ଏହି ନୂଆ ବିଜ୍ଞପ୍ତିର କୌଣସି ପ୍ରଭାବ ପଡ଼ିବ ନାହିଁ। ଖଣି ଯୋଜନାରେ ବ୍ଲେଣ୍ଡିଂ (ମିଶ୍ରଣ) ପାଇଁ ଅନୁମତି ଥିଲେ ମଧ୍ୟ, ଚୂଡ଼ାନ୍ତ ବ୍ଲେଣ୍ଡେଡ୍ ଓର ଗ୍ରେଡ୍ ନିର୍ଦ୍ଧାରିତ ମାନଦଣ୍ଡ ସହିତ ସମାନ କିମ୍ବା ତା'ଠାରୁ ଅଧିକ ହେବା ଆବଶ୍ୟକ।

ପ୍ରକାଶ ଯେ ରାଜ୍ୟ ସରକାର ଖଣି କ୍ଷେତ୍ରରେ ସ୍ୱଚ୍ଛତା ଓ କଠୋର ନିୟାମକ ଅନୁପାଳନକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। କିନ୍ତୁ କିଛି ଖଣି ଲିଜ୍‌ଧାରୀ ବେଆଇନ ଖନନ, ପରିବହନ, ସଂରକ୍ଷଣ, ପ୍ରକ୍ରିୟାକରଣ, ଖଣିଜ ବ୍ୟବସାୟ, ଉତ୍ପାଦନ ଲୁଚାଇବା ଏବଂ ଗ୍ରେଡ୍ ହେରଫେର ଭଳି ବେଆଇନ କାର୍ଯ୍ୟରେ ଲିପ୍ତ ରହୁଥିବା ନଜରକୁ ଆସୁଛି। ଏହିସବୁ ଅନିୟମିତତା ଯୋଗୁଁ ସରକାରଙ୍କ ରାଜସ୍ୱ ହାନି ହେବା ସହ ଖଣିଜ ସମ୍ପଦର ସଂରକ୍ଷଣ ବାଧାପ୍ରାପ୍ତ ହେଉଛି। ଏହାକୁ ଦୃଷ୍ଟିରେ ରଖି ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ଆଇଏଏସ୍, ଓଡ଼ିଶାର ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ଆଇଏଫଏସ୍‌ଙ୍କୁ ସମସ୍ତ କ୍ଷେତ୍ରୀୟ ଅଧିକାରୀମାନଙ୍କ ଦ୍ୱାରା ମନିଟରିଂ ଓ ଯାଞ୍ଚ ପ୍ରକ୍ରିୟାକୁ ଅଧିକ ତୀବ୍ର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶନାମା ଅନୁସାରେ ଖଣିଜ ପଦାର୍ଥର ମୂଲ୍ୟାଙ୍କନ ଓ ରୟାଲଟିକୁ ପ୍ରଭାବିତ କରୁଥିବା ଗ୍ରେଡ୍ ହେରଫେର, ବ୍ଲେଣ୍ଡିଂ ଏବଂ ଭୁଲ୍ ଶ୍ରେଣୀଭୁକ୍ତ ପ୍ରକ୍ରିୟାକୁ ରୋକିବା ପାଇଁ କ୍ଷେତ୍ରାଧିକାରୀମାନେ ଉତ୍ପାଦନ, ଡିସପାଚ୍ ଓ ଷ୍ଟକ୍ ସ୍ଥିତିର ନିୟମିତ ସମୀକ୍ଷା କରିବେ। ବିନା ବୈଧ ପରମିଟ୍‌ରେ ପରିବହନ, ନକଲି ଦସ୍ତାବିଜର ବ୍ୟବହାର ଏବଂ ନିର୍ଦ୍ଧାରିତ ଓଜନଠାରୁ ଅଧିକ ପରିବହନ ରୋକିବା ପାଇଁ ଗାଡ଼ିଗୁଡ଼ିକର ଗତିବିଧି, ଓଜନ ଓ ପରମିଟ୍ ଯାଞ୍ଚ କରାଯିବ। ଖଣିଜ ପଦାର୍ଥ ଗଚ୍ଛିତ ଥିବା ସମସ୍ତ ଷ୍ଟକୟାର୍ଡ, ଡିପୋ, ରେଳ ସାଇଡିଂ, ଓଜନ ବ୍ରିଜ୍ ଏବଂ ବନ୍ଦର ପରିସରଗୁଡ଼ିକୁ ନିୟମିତ ଯାଞ୍ଚ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି।

ସୂଚନାଯୋଗ୍ୟ ଯେ, ଏହି ମନିଟରିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭେହିକିଲ୍ ଟ୍ରାକିଂ ସିଷ୍ଟମ୍ ଭଳି ଆଧୁନିକ ଡିଜିଟାଲ୍ ଓ ବୈଷୟିକ ଉପକରଣର ବ୍ୟବହାର କରାଯିବ ଏବଂ ସନ୍ଦେହଜନକ ଖଣି ଅଞ୍ଚଳରେ ଅତର୍କିତ ଚଢ଼ଉ କରାଯିବ। କୌଣସି ପ୍ରକାରର ଉଲ୍ଲଂଘନ ଚିହ୍ନଟ ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ଖଣିଜ ସାମଗ୍ରୀ, ଗାଡ଼ି ଓ ଯନ୍ତ୍ରପାତି ଜବତ କରାଯିବ ଏବଂ ଏଫ୍ଆଇଆର୍ ଦାୟର କରାଯିବ। ଏହି ଏନଫୋର୍ସମେଣ୍ଟ କାର୍ଯ୍ୟର ଅଗ୍ରଗତି ନେଇ ପ୍ରତି ମାସର ପ୍ରଥମ ସପ୍ତାହରେ ଏକ ସଂକ୍ଷିପ୍ତ ମାସିକ ପ୍ରଗତି ରିପୋର୍ଟ ବିଭାଗକୁ ହସ୍ତାନ୍ତର କରାଯିବ।

# ଜୋର୍ ଧରିଲା ବ୍ରହ୍ମପୁରରେ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରତିଷ୍ଠା ଦାବି

## ପଦଯାତ୍ରା, ପଥପ୍ରାନ୍ତ ଶୋଭା ମାଧ୍ୟମରେ ସଚେତନତା ସୃଷ୍ଟି




**ବ୍ରହ୍ମପୁର, ୧୯।୬/ଏନ୍ଏନ୍ଏସ୍:** ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମକୁ ଶୀଘ୍ର ସମାପ୍ତ କରିବା ସହ ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ସ୍ଥାପନ ଦାବିରେ ପୁଣିଥରେ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣସଂଗଠନ ପକ୍ଷରୁ ସ୍ଥାନୀୟ ରୁକ୍ମିଣୀ ସିନେମା ହଲ୍‌ରୁ ରାମଲିଙ୍ଗମ୍ ପାର୍କ, ଅର୍ବାନ୍ ବ୍ୟାଙ୍କ ରୋଡ୍ ଓ ଫାୟାର ଷ୍ଟେସନ୍ ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ଏହି ଅବସରରେ ଫୋରମ୍ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ଛକରେ ପଥପ୍ରାନ୍ତ ସଭା କରି ସାଧାରଣଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ପୂର୍ବରୁ ଉପରୋକ୍ତ ଦାବି ନେଇ ଓଡ଼ିଶା ଡେଭଲପ୍‌ମେଣ୍ଟ ଫୋରମ୍ ପକ୍ଷରୁ ଦକ୍ଷିଣାଞ୍ଚଳ ଆର୍‌ଡିସି, ଗଞ୍ଜାମ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳ ଓ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର୍‌ଙ୍କୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମରେ ଆଶାଜନକ ପ୍ରଗତି ଦେଖିବାକୁ ମିଳୁନାହିଁ। ସ୍ଥାନୀୟ ବିଡିଓଙ୍କ ଅବହେଳା ଓ ଅସହଯୋଗ କାରଣରୁ ବିମାନବନ୍ଦର ଅଞ୍ଚଳରେ ଥିବା ୨୦ଟି ପରିବାରକୁ ଦୁଇ ବର୍ଷ ହେବ ସ୍ଥାନାନ୍ତର କରାଯାଇ ନାହିଁ। ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କ ଘୋର ଅବହେଳା କାରଣରୁ ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର ବ୍ରହ୍ମପୁରରେ ପୂର୍ଣ୍ଣାଙ୍ଗ ବିମାନବନ୍ଦରର ସ୍ୱପ୍ନ ଏପର୍ଯ୍ୟନ୍ତ ସାକାର ହୋଇପାରୁ ନାହିଁ ବୋଲି ଫୋରମ୍ ଅଭିଯୋଗ କରିଛି। ଗତ ବର୍ଷ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୀକ୍ଷା ବୈଠକରେ ସମ୍ପୃକ୍ତ ବିଭାଗଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରନ୍‌ୱେ ସମ୍ପ୍ରସାରଣ, ବିମାନବନ୍ଦର ଅଞ୍ଚଳର ଘର ସ୍ଥାନାନ୍ତର, ଆଲୋକୀକରଣ ଓ ଏଟିସି ଟାୱାର୍ ନିର୍ମାଣ ଭଳି ଅନେକ କାର୍ଯ୍ୟ ୨୦୨୪ ଡିସେମ୍ବର ସୁଦ୍ଧା ସାରିବାକୁ କୁହାଯାଇଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଗତ କିଛିଦିନ ତଳେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଙ୍ଗେଇଲୁଣ୍ଡା ବିମାନବନ୍ଦର କାମକୁ ପରିଦର୍ଶନ କରିଥିଲେ ମଧ୍ୟ କାମ ସାରିବାକୁ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଦେଇନଥିଲେ। ଆଉ କେତେଦିନ ପର୍ଯ୍ୟନ୍ତ ବ୍ରହ୍ମପୁର ପୂର୍ଣ୍ଣାଙ୍ଗ ବିମାନବନ୍ଦର ନାଁରେ ଗଞ୍ଜାମବାସୀଙ୍କୁ କେବଳ ଲଲିପପ୍ ଦିଆଯିବ ବୋଲି ସଂଗଠନର କର୍ମକର୍ତ୍ତାମାନେ ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଫୋରମ୍‌ର ସଚିବ ଭି ସୋମେଶ୍ୱର ରାଓ, ଲକ୍ଷ୍ମୀନାରାୟଣ ପାଢ଼ୀ, ପ୍ରବୀଣ ପଟ୍ଟନାୟକ, ସହସଚିବ ମାନସ ରଞ୍ଜନ ପାତ୍ର, ମଧୁସୁଦନ ସାହୁ, ପ୍ରଗତିଶୀଳ ଉତ୍କଳ ସମାଜର ରାଜ୍ୟ ସମ୍ପାଦକ ଓ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ପ୍ରକାଶ ଭଜାନୀ, ଭି ନେହାଲ, ସମାଜସେବୀ ଆଦିତ୍ୟ ରଥ, ଲାଫିଙ୍ଗ୍ ଯୋଗ କ୍ଲବ୍‌ର ସଦସ୍ୟ ଜେ. ସୂର୍ଯ୍ୟନାରାୟଣ, ବି ୱେଙ୍କଟ, ଏସ୍ ସତ୍ୟନାରାୟଣ, ଏସ୍. ନାଗେଶ୍ୱର, ଭି. ପଦ୍ମନାଭ ରାଓ, ମନୋଜ ପାତ୍ର, ମୋହନ ରାଓ, ଅଙ୍କନେୟୁଲି, ଭାଗିତାଘି ପାତ୍ର, ପ୍ରଦୀପ ପାତ୍ର, ନ୍ୟାଚୁରାଲ୍ ଭାଇ, କୋଟା ମାଧବ, ବଦ୍ରି ସୁବୁଦ୍ଧି, ସବ୍ୟସାଚୀ ପଣ୍ଡା, ମହାରଣା ବାବୁ, ଭାସ୍କର ବାଙ୍ଗାରୀଙ୍କ ସମେତ ଲେଡିଜ୍ ୱାର୍କର୍ ଗ୍ରୁପ୍, ମାରୱାଡ଼ି ଗ୍ରୁପ୍ ଓ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ମତଦାତା ସଚେତନତା ପ୍ରତିଯୋଗିତା

**ବ୍ରହ୍ମପୁର, ୧୯।୬/ଏନ୍ଏନ୍ଏସ୍:** ସ୍ୱଚ୍ଛ ଭୋଟର୍ ତାଲିକା, ସ୍ୱଚ୍ଛ ନିର୍ବାଚନ ଓ ଏକ ସମାବେଶୀ ଶାସନତନ୍ତ୍ର ଲକ୍ଷ୍ୟରେ ପ୍ରଚଳିତ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଆରମ୍ଭ ହୋଇଥିବା 'କୌଣସି ଯୋଗ୍ୟ ମତଦାତା ବାଦ୍ ପଡ଼ିବେ ନାହିଁ' ବିଷୟବସ୍ତୁ ଭିତ୍ତିକ ଜିଲ୍ଲାସ୍ତରୀୟ ମତଦାତା ସଚେତନତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ମତଦାତା ସଚେତନତା ସମ୍ପର୍କିତ ସ୍ଲୋଗାନ୍, ସ୍କିଟ୍ (ଲଘୁ ନାଟିକା) ଓ ରିଲ୍ ପ୍ରସ୍ତୁତି ପରି ୩ଟି ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସ୍ଲୋଗାନ୍ ପ୍ରତିଯୋଗିତାର ଅଂଶଗ୍ରହଣକାରୀ ନିଜର ନାମ, ଠିକଣା ଓ ମୋବାଇଲ୍ ନମ୍ବର ସହିତ ନିଜ ପ୍ରଣୀତ ସ୍ଲୋଗାନ୍‌କୁ ଇ-ମେଲ୍ ମାଧ୍ୟମରେ ପଠାଇପାରିବେ। ସେହିପରି ସ୍କିଟ୍ ପ୍ରତିଯୋଗିତାରେ ମତଦାତାଙ୍କ ଅଧିକାର ଓ ଦାୟିତ୍ୱ, ସ୍ୱତନ୍ତ୍ର ସଘନ ସଂଶୋଧନର ଗୁରୁତ୍ୱ, ଗଣନା ଫର୍ମପୂରଣ ପ୍ରକ୍ରିୟା ଓ ଭୋଟର୍ ତାଲିକାରେ ନାମ ଅନ୍ତର୍ଭୁକ୍ତି ସମ୍ପର୍କିତ ବିଷୟବସ୍ତୁ ଉପରେ ୧ରୁ ୫ ମିନିଟ୍ ସମୟ ଅବଧିର ଭିଡିଓ ପ୍ରସ୍ତୁତ କରି ଦାଖଲ କରିପାରିବେ। ରିଲ୍ ମେକିଂ ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌ରେ ରିଲ୍ ଅପ୍‌ଲୋଡ୍ କରି ନିଜର ନାମ, ଠିକଣା ଓ ଜିଲ୍ଲା ଉଲ୍ଲେଖ କରିବା ସହିତ ଜିଲ୍ଲା ପ୍ରଶାସନ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସୋସିଆଲ୍ ମିଡିଆ ହ୍ୟାଣ୍ଡେଲ୍‌କୁ ଟ୍ୟାଗ୍ କରିବାକୁ ହେବ। ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ ସେମାନଙ୍କ ମତଦାତା ସଚେତନତା ସମ୍ବନ୍ଧିତ ସ୍ଲୋଗାନ୍, ସ୍କିଟ୍ ଓ ରିଲ୍ସଗୁଡ଼ିକ ganjamelectionsveep@gmail.com ଇ-ମେଲ୍‌ରେ ପଠାଇବାକୁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଉକ୍ତ ୩ଟି ବିଭାଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କ ନିମନ୍ତେ ଆକର୍ଷଣୀୟ ପୁରସ୍କାରସ୍ୱରୂପ ନଗଦ ଅର୍ଥରାଶି ପ୍ରଦାନ କରାଯିବା ବ୍ୟବସ୍ଥା କରାଯାଇଛି।

## ହିଞ୍ଜିଳିକାଟୁ ଠିକାଦାର୍ ସଂଘର ବୈଠକ



**ହିଞ୍ଜିଳିକାଟୁ, ୧୯।୬/ଏନ୍ଏନ୍ଏସ୍:** ହିଞ୍ଜିଳିକାଟୁସ୍ଥିତ ମା' ଶ୍ୟାମଳାଇ ମନ୍ଦିର ମଣ୍ଡପରେ ହିଞ୍ଜିଳିକାଟୁ ଠିକାଦାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠିକାଦାର୍‌ଙ୍କ ସ୍ୱାର୍ଥ ସୁରକ୍ଷା, ସଂଘର ଏକତା ବଜାୟ ରଖିବା ଓ ସୁସ୍ଥ ପ୍ରତିଯୋଗିତାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସଂଘର ସମସ୍ତ ସଦସ୍ୟ ସରକାରୀ ବିଭାଗର ସମସ୍ତ ଇ-ଟେଣ୍ଡର୍ ଓ ଅଫ୍‌ଲାଇନ୍ ଟେଣ୍ଡର୍‌ରେ କେବଳ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଅଂଶଗ୍ରହଣ କରିବେ। କୌଣସି ସଦସ୍ୟ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ଟେଣ୍ଡର୍ ଦାଖଲ କରିବେ ନାହିଁ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ ହୋଇଥିଲା। ଏହି ନିଷ୍ପତ୍ତିକୁ ସଂଘର ସମସ୍ତ ସଦସ୍ୟ ନିଷ୍ଠାର ସହ ପାଳନ କରିବେ ବୋଲି ସଙ୍କଳ୍ପ ନିଆଯାଇଥିଲା। ଯଦି କୌଣସି ସଦସ୍ୟ ଏହାର ଉଲ୍ଲଙ୍ଘନ କରନ୍ତି ତେବେ ସଂଘର ନିୟମାବଳୀ ଅନୁଯାୟୀ ତାଙ୍କ ବିରୋଧରେ କଠୋର ସାଂଗଠନିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରାଯାଇଛି। ସଂଘର ପରିଚାଳନାକୁ ଅଧିକ ସକ୍ରିୟ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସର୍ବସମ୍ମତିକ୍ରମେ ୧୫ ସଦସ୍ୟ ବିଶିଷ୍ଟ ପରିଚାଳନା କମିଟି ଗଠନ କରାଯାଇଛି। ଏହି କମିଟି ଆଗାମୀ ଦିନରେ ସଂଘର ସାଂଗଠନିକ କାର୍ଯ୍ୟକ୍ରମ, ଠିକାଦାର୍‌ଙ୍କ ସ୍ୱାର୍ଥ ସୁରକ୍ଷା, ସରକାରୀ ବିଭାଗ ସହ ସମନ୍ୱୟ ଓ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବ। ନବଗଠିତ କମିଟିରେ ବିଷ୍ଣୁ ପ୍ରସାଦ ପଣ୍ଡା, ସୁମିତ ପାଣିଗ୍ରାହୀ, ସୁଧାଂଶୁ ଶେଖର ସାବତ, ଚିରଞ୍ଜୀବୀ ମୁନି, ସୁଜିତ କୁମାର ପଣ୍ଡା, ପ୍ୟାରୀମୋହନ ପାଢ଼ୀ, ମନୋଜ କୁମାର ସାବତ, ସନ୍ତୋଷ କୁମାର ପାଣିଗ୍ରାହୀ, ନୀଳାଞ୍ଚଳ ପଣ୍ଡା, ଏନ୍ ଲଛେୟା, ରାଜେଶ କୁମାର ସାହୁ, ଶିଶିର ପାଣ୍ଡୀଙ୍କୁ ସଂଯୋଜକ, ରୋହିତ ବିଷୋୟୀ, ଟୁନା ଦୋରା, କପିଳେନ୍ଦ୍ର ନାହାକ, ଅଶ୍ୱିନ ମହାକୁଡ଼ ଓ ପ୍ରଭାତ ମହାରଣାଙ୍କୁ ସଂଯୋଜକ ଭାବେ ମନୋନୀତ କରାଯାଇଛି। ଏହି ବୈଠକରେ ଉପସ୍ଥିତ ସଦସ୍ୟମାନେ ନବଗଠିତ କମିଟିକୁ ଅଭିନନ୍ଦନ ଜଣାଇବା ସହ ସଂଘର ଏକତା, ସ୍ୱଚ୍ଛତା ଓ ଠିକାଦାର୍‌ଙ୍କ ହିତ ସୁରକ୍ଷା ପାଇଁ ମିଳିତଭାବେ କାର୍ଯ୍ୟ କରିବାକୁ ମତପ୍ରକାଶ କରିଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ସଦସ୍ୟ ଶରତ ସ୍ୱାଇଁ, ସାନଖେମୁଣ୍ଡି ବ୍ଲକ୍ ଠିକାଦାର୍ ସଂଘର ସଭାପତି ସଞ୍ଜୟ ରାଉତ ଓ ଧରାକୋଟ ଠିକାଦାର୍ ସଂଘର ସଭାପତି ଦେବରାଜ ଭୂଆଁଙ୍କ ସମେତ କୁକୁଡ଼ାଖଣ୍ଡି ବ୍ଲକ୍ ଠିକାଦାର ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ବଜ୍ରପାତରେ ମହିଳା ମୃତ

**ବୁଗୁଡ଼ା, ୧୯।୬/ଏନ୍ଏନ୍ଏସ୍:** ବୁଗୁଡ଼ା ଅଞ୍ଚଳର ଜଣେ ମହିଳା ବଜ୍ରପାତରେ ମୃତ୍ୟୁବରଣ କରିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇ ବ୍ରହ୍ମପୁରକୁ ସ୍ଥାନାନ୍ତର ହୋଇଥିବା ଜଣାଯାଇଛି। ମୃତ ମହିଳା ଜଣକ ହେଲେ ଖୋଲଖାଳି ଗ୍ରାମର ସୁବାସ ଚନ୍ଦ୍ର ସାମଲଙ୍କ ପତ୍ନୀ ଶାନ୍ତି ସାମଲ (୪୫) ଏବଂ ଗୁରୁତର ମହିଳା ଜଣକ ହେଲେ କୁଆଁନଳା ଗାଁର ସୀତାରାମ ବେହେରାଙ୍କ ସ୍ତ୍ରୀ ତୁଳା ବେହେରା (୫୫)। ଗୁରୁବାର ଅପରାହ୍ନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେଉଥିବା ସମୟରେ ଶାନ୍ତି ଗାଁ ପୋଖରୀରେ ଗାଧୋଉଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ବୁଗୁଡ଼ା ମେଡିକାଲ୍‌କୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ସେହି ସମୟରେ ତୁଳା ବିଲରେ କାମ କରୁଥିବାବେଳେ ବଜ୍ରପାତରେ ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ବୁଗୁଡ଼ା ମେଡିକାଲ୍‌କୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା।

## ମମ୍ ସ୍କୁଲ୍ ପକ୍ଷରୁ ଚିନ୍ମୟ ଅମୃତ ଯାତ୍ରା ରଥକୁ ସ୍ୱାଗତ




**ଆସିକା, ୧୯।୬/ଏନ୍ଏନ୍ଏସ୍:** ଅନ୍ତଃରାଷ୍ଟ୍ରୀୟ ଚିନ୍ମୟ ମିଶନ୍‌ର ପ୍ରତିଷ୍ଠାତା ଗୁରୁଦେବ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀ ମହାରାଜଙ୍କ ବାଣୀର ପ୍ରଚାର ଓ ପ୍ରସାର ଏବଂ ଜନସାଧାରଣଙ୍କ ମଧ୍ୟରେ ଆଧାତ୍ମିକ ଚିନ୍ତାଧାରା ଜାଗ୍ରତ ଉଦ୍ଦେଶ୍ୟରେ ଆସିକା ଆସିଥିବା ଚିନ୍ମୟ ଅମୃତ ମହୋତ୍ସବ ଯାତ୍ରା ରଥକୁ ସ୍ଥାନୀୟ ସତ୍ୟନାରାୟଣ ମନ୍ଦିରରେ ମମ୍ ସ୍କୁଲ୍ ପକ୍ଷରୁ ସ୍ୱାଗତ କରାଯାଇଛି। ଗତ ୨୦୨୫ ଡିସେମ୍ବର ୩୧ ତାରିଖରେ ପୁନେରୁ ବାହାରିଥିବା ଚିନ୍ମୟ ବିଭୁତି ରଥ ସତ୍ୟନାରାୟଣ ମନ୍ଦିରରେ ଥିବା ମମ୍ ସ୍କୁଲ୍ ନିକଟରେ ପହଞ୍ଚିବା ପରେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ପ୍ରଣବ କୁମାର ରଥ ପୂଜ୍ୟଶ୍ରୀ ସ୍ୱାମୀ ଚିନ୍ମୟାନନ୍ଦ ସରସ୍ୱତୀଜୀଙ୍କ ଦିବ୍ୟବିଗ୍ରହରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଚିନ୍ମୟ ଅମୃତ ମହୋତ୍ସବ ପାଳନ ଅବସରରେ ଚିନ୍ମୟ ଅମୃତ ମହୋତ୍ସବ ରଥ ସହ ଆସିଥିବା ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀଜୀ, ସ୍ୱାମୀ ସୁଧିରଚୈତନ୍ୟଜୀ, ସ୍ୱାମୀ ଅରୁପାନନ୍ଦଜୀ, ବ୍ରହ୍ମଚାରୀ ତାରିଣୀ ଚୈତନ୍ୟଜୀ ଓ ଆସିକା ଚିନ୍ମୟ ମିଶନ୍‌ର ସମ୍ପାଦକ ନିରଞ୍ଜନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆସିକା ମମ୍ ଶିକ୍ଷାନୁଷ୍ଠାନ ପକ୍ଷରୁ ଛୋଟ ଛୋଟ ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ଶ୍ରୀ ଭାଗବତ ଗୀତାପାଠ ଏବଂ ଆଧାତ୍ମିକ ଉଦ୍ଦେଶ୍ୟ ଓ ଜ୍ଞାନକୌଶଳ ଉପସ୍ଥିତ ସାଧୁସନ୍ଥ ଓ ବିଦ୍ୱାନ ବ୍ୟକ୍ତିଙ୍କୁ ବିଶେଷଭାବେ ପ୍ରଭାବିତ କରିଥିଲା। ଏଭଳି ଜ୍ଞାନକୌଶଳ ଶିକ୍ଷାନୁଷ୍ଠାନକୁ ଆଗାମୀ ଦିନରେ ବିଶ୍ୱବିଖ୍ୟାତ କରିବାରେ ସହାୟକ ହୋଇପାରିବ ବୋଲି ଆଶୀର୍ବାଦ ପ୍ରଦାନ କରିଥିଲେ। ଚିନ୍ମୟ ମିଶନ୍ ଆସିକା ଶାଖା ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିଚାଳନାରେ ଆଧାତ୍ମିକପ୍ରେମୀ ତଥା ସଂଗଠନର ସମ୍ପାଦକ ନିରଞ୍ଜନ ମହାନ୍ତି, ଶ୍ରଦ୍ଧାଳୁ ଭକ୍ତ ଶିବରାମ ମହାରଣା, ବ୍ୟୋମକେଶ ପାଢ଼ୀ, ଶତ୍ରୁଘ୍ନ ଗୌଡ଼, ଇ ଭେଙ୍କେଟରମଣ ପାତ୍ର, ବିଦ୍ୟାଧର ପାତ୍ର, ବିଶ୍ୱନାଥ ସେଠୀ, ଭଜରାମ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସୁଶାନ୍ତ କୁମାର ପାଣିଗ୍ରାହୀ, ବୃନ୍ଦାବନ ବେହେରା, ବିଜୟ କୁମାର ମହାନ୍ତି ଓ ରାମଚନ୍ଦ୍ର ଜେନାଙ୍କ ସମେତ ବହୁ ଆଧାତ୍ମିକପ୍ରେମୀ ସହଯୋଗ କରିଥିଲେ।

## ଗର୍ଭବତୀ ପ୍ରେମିକାକୁ ପ୍ରତାରଣା, ଯୁବକ ଗିରଫ

**ବୁଗୁଡ଼ା, ୧୯।୬/ଏନ୍ଏନ୍ଏସ୍:** ଲଭ୍, ସେକ୍ସ ପରେ ଧୋକା ଦେଇଥିବା ପ୍ରେମିକକୁ ପୁଲିସ୍ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଦଶିପୁର ଗ୍ରାମର ଆକାଶ ଜେନା (୨୩)। ଏନେଇ ପୁଲିସ୍ ଏକ ମାମଲା ରୁଜୁ କରି ଆକାଶକୁ କୋର୍ଟଚାଲାଣ କରିଥିବା ନେଇ ବାଲିପଦର ଫାଣ୍ଡି ଅଧିକାରୀ କେ ନୀଳାଦ୍ରି ରେଡ୍ଡୀ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁସାରେ, ଆକାଶ ତାଙ୍କ ଘର ନିକଟରେ ରହୁଥିବା ତାଙ୍କଠାରୁ ବୟସରେ ବଡ଼ ଜନୈକା ଯୁବତୀଙ୍କୁ ଭଲ ପାଇବା ସହ ବିବାହର ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏହାସହ ତାଙ୍କୁ ଏକ ହଳ ସୁନା କାନଫୁଲ ଦେଇଥିଲେ। ବିବାହ ପରେ ଆହୁରି ଉପହାର ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ପୀଡ଼ିତା ୬ ମାସର ଗର୍ଭବତୀ ଥିବାରୁ ବିବାହ କରିବାକୁ ଆକାଶଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଆକାଶ ବାହା ହେବାକୁ ମନା କରିବା ସହ ସନ୍ତାନର ଗର୍ଭପାତ କରିବା ପାଇଁ ଔଷଧ ଖାଇବାକୁ କହିଲେ। ଯଦି ସେ ତାଙ୍କ କଥା ନମାନନ୍ତି ତେବେ ଆକାଶ ତାଙ୍କୁ ମାରିଦେବାକୁ ଧମକ ଦେଉଥିବା ନେଇ ପୀଡ଼ିତା ବାଲିପଦର ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## କନ୍ଧମାଳ ସରପଞ୍ଚ ମହାସଂଘ ପକ୍ଷରୁ ଦାବିପତ୍ର

**ଫୁଲବାଣୀ, ୧୯।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ମହାକାଳପଡ଼ା ପଞ୍ଚାୟତ ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ପ୍ରତି ହୋଇଥିବା ଅମାନୁଷିକ କାର୍ଯ୍ୟକଳାପକୁ ବିରୋଧ କରି ତାଙ୍କୁ ନ୍ୟାୟ ଦେବା ନିମନ୍ତେ କନ୍ଧମାଳ ଜିଲ୍ଲା ସରପଞ୍ଚ ମହାସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଗତ ଜୁନ୍ ୧୧ ତାରିଖରେ ଚାମେଲି ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବା ନିମନ୍ତେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ତାଙ୍କ ପଞ୍ଚାୟତର କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବାର ଅଭିଯୋଗ କରୁଥିବା ସମୟରେ ମହାକାଳପଡ଼ା ବିଧାୟକଙ୍କ ସମର୍ଥକ ଚାମେଲିଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏହି ଘଟଣା ପଛରେ ମହାକାଳପଡ଼ା ବିଡିଓ ଓ ଥାନା ଅଧିକାରୀଙ୍କ ଦୃଢ଼ ସମର୍ଥନ ରହିଥିବା ଚାମେଲି ଅଭିଯୋଗ କରିଛନ୍ତି। ତେବେ ଜଣେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ପ୍ରତି ପୁଲିସ୍‌ର ଏଭଳି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନକୁ କନ୍ଧମାଳ ସରପଞ୍ଚ ସଂଘ ନିନ୍ଦା କରିଛି। କନ୍ଧମାଳ ସରପଞ୍ଚ ସଂଘ ଜିଲ୍ଲା ସଭାପତି ରୋହିତ୍ କହଁରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ଉପସଭାପତି ଜାନକୀ ପ୍ରଧାନ, ସମ୍ପାଦକ ସଞ୍ଜୟ ନାୟକ ଓ ସହସମ୍ପାଦକ ଲାଲମୋହନ କହଁର, କୋଷାଧ୍ୟକ୍ଷ ମନୋଜ କୁମାର କହଁର, ଉପଦେଷ୍ଟା ଶାଳିନି ପ୍ରଧାନ, ରୁନିତା ପ୍ରଧାନ, ଜୁଗାତ କହଁର ଓ ପ୍ରତିଭା କହଁରଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ। ତେବେ ଦାବିପୂରଣ କରିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର୍ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ବରିଷ୍ଠ ନାଗରିକଙ୍କୁ ପୁଲିସ୍ ସୁରକ୍ଷା ପରିଚୟ ପତ୍ର ଦାବି



**ବ୍ରହ୍ମପୁର, ୧୯।୬/ଏନ୍ଏନ୍ଏସ୍:** ବରିଷ୍ଠ ନାଗରିକଙ୍କ ସୁରକ୍ଷା ପାଇଁ ଗଞ୍ଜାମ ଜିଲ୍ଲା ବିଜୁ ପଟ୍ଟନାୟକ ସିନିୟର ସିଟିଜେନ୍ସ ଫୋରମ୍ ପୁଲିସ୍ ସୁରକ୍ଷା ପରିଚୟ ପତ୍ର ଦାବି କରିଛି। ଏନେଇ ଫୋରମ୍ ପକ୍ଷରୁ ସଭାପତି ସୂର୍ଯ୍ୟକାନ୍ତ ପାତ୍ର ଓ ସାଧାରଣ ସମ୍ପାଦକ ସୀମାଞ୍ଚଳ ପ୍ରସାଦ ବିଷୋୟୀଙ୍କ ନେତୃତ୍ୱରେ ଏକ ଦଳ ଦକ୍ଷିଣାଞ୍ଚଳ ଆରକ୍ଷୀ ମହାନିରୀକ୍ଷକ ନୀତି ଶେଖରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ବର୍ଷ ଧରି ଗଞ୍ଜାମର ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ନାହିଁ। ତେଣୁ ତୁରନ୍ତ ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକ୍ ଶାଖା ତଥା ବ୍ରହ୍ମପୁର ମହାନଗରରେ ବରିଷ୍ଠ ନାଗରିକଙ୍କ ପରିଚୟ ପତ୍ର ତୁରନ୍ତ ପ୍ରଦାନ ନିମନ୍ତେ ଆଇଜି ଶ୍ରୀ ଶେଖରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ସମୟରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଶାନ୍ତ କୁମାର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ମହାରଣା, ମନମୋହନ ପରିଚ୍ଛା, ଅଭିଯୋଗ ପ୍ରକୋଷ୍ଠ ଅଧ୍ୟକ୍ଷ ବି ପ୍ରସନ୍ନ କୁମାର ପୃଷ୍ଟି, କୋଷାଧ୍ୟକ୍ଷ ଶରତ କୁମାର ପାତ୍ର, ରବୀନ୍ଦ୍ର ମହାରଣା, ରବୀନ୍ଦ୍ରନାଥ ରଥ, ସନ୍ତୋଷ କୁମାର ସାହୁ ଓ ଏସ୍ ହରିହର ପାତ୍ର ପ୍ରମୁଖ ବହୁ ସଦସ୍ୟ ଯୋଗ ଦେଇଥିଲେ।

## ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବିରେ ଏଆଇଡିଏସ୍‌ଓର ବିକ୍ଷୋଭ




**ବ୍ରହ୍ମପୁର, ୧୯।୬/ଏନ୍ଏନ୍ଏସ୍:** ଜାତୀୟ ଶିକ୍ଷାନୀତି (ଏନ୍ଇପ-୨୦୨୦) ଅନୁଯାୟୀ ପ୍ରସ୍ତୁତ ଅବୈଜ୍ଞାନିକ ପାଠ୍ୟକ୍ରମ ଓ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର ଦାବିରେ ଏଆଇଡିଏସ୍‌ଓ ଗଞ୍ଜାମ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଚଳିତ ବର୍ଷ ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପା ଯାଇଥିବା ସମସ୍ତ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି। ଫଳରେ ରାଜ୍ୟ ତଥା ଆମ ଜିଲ୍ଲାର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷାନୀତି-୨୦୨୦ ଆଧାରରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରସ୍ତୁତ ପାଠ୍ୟପୁସ୍ତକରେ ମୋଟ୍ ୧୭୦୦ଟି ଭୁଲ୍ ପରିଲକ୍ଷିତ ହୋଇଥିବାବେଳେ ଟିକେ ନିରିଖି ଦେଖିଲେ ଆହୁରି ଅଧିକ ସଂଖ୍ୟକ ଭୁଲ୍ ମଧ୍ୟ ବାହାରିପାରେ। ଏହି ଯେଉଁ ୧୭୦୦ଟି ଭୁଲ୍ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟଭିତ୍ତିକ। ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ଓ ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି। ଏହାଦ୍ୱାରା ଛାତ୍ରଛାତ୍ରୀମାନେ ତଥ୍ୟଗତ ଭାବେ ଭୁଲ୍ ଶିକ୍ଷା ପାଇବା ସହ ବିକୃତ ଶିକ୍ଷା ପାଇବେ ଯଦ୍ୱାରା ସେମାନଙ୍କ ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ। ଏହି ଭୁଲ୍ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷାଧିକ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରମୟ ହେବା ଆଶଙ୍କା ସୃଷ୍ଟି ହୋଇଛି। ଅବିଳମ୍ବେ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି-୨୦୨୦କୁ ସମ୍ପୂର୍ଣ୍ଣ ବାତିଲ୍ କରିବା, ବିଜ୍ଞାନସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକରେ ଭୁଲ୍ ବିଷୟ ଛାପିବାରେ ସଂପୃକ୍ତ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏହି ବିକ୍ଷୋଭରେ ଏଆଇଡିଏସ୍‌ଓ ରାଜ୍ୟ ସଭାପତି ସୋମନାଥ ବେହେରା, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଶିବାନୀ ଶଙ୍କର ମିଶ୍ର, ଗଞ୍ଜାମ ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଜିଲ୍ଲା ଅଫିସ୍ ସମ୍ପାଦକ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, କାମରାଜ ସାହୁ ଓ ଜଗନ୍ନାଥ ବେହେରାଙ୍କ ସହ ଅନେକ ଛାତ୍ରଛାତ୍ରୀ ସାମିଲ୍ ହୋଇଥିଲେ।

## ରାହୁଲ ଗାନ୍ଧୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର




**ଆସିକା, ୧୯।୬/ଏନ୍ଏନ୍ଏସ୍:** ଲୋକସଭାର ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ଆସିକା ବ୍ଲକ୍ ଅନ୍ତର୍ଗତ ବାଲିସିରା ଗ୍ରାମର ଶ୍ରୀ ସିଦ୍ଧେଶ୍ୱର ମନ୍ଦିରରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ୍ ନେତା ତଥା ଆଇନଜୀବୀ ଦେବକାନ୍ତ ଶର୍ମାଙ୍କ ସଂଯୋଜନାରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କମିଟିର ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ପୂର୍ବତନ ବିଧାୟକ ତ୍ରିନାଥ ବେହେରା, ଗଞ୍ଜାମ ଜିଲ୍ଲା କଂଗ୍ରେସ୍ କମିଟି (ପଶ୍ଚିମ) ସଭାପତି ଦଣ୍ଡପାଣି ପାତ୍ର, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ) ପର୍ଯ୍ୟବେକ୍ଷକ ବିଜୟ କୁମାର ପ୍ରଧାନ, ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପୂର୍ବ) ସଭାପତି ରଶ୍ମିରଞ୍ଜନ ପଟ୍ଟନାୟକ, କଂଗ୍ରେସ ନେତା ବୃନ୍ଦାବନ ଖଟେଇ ଓ ହରେକୃଷ୍ଣ ରଥ ପ୍ରମୁଖ ଯୋଗଦେଇ ରକ୍ତଦାନ ଶିବିର ଆୟୋଜନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଶୃଙ୍ଖଳା ମୁହଁରେ ହସ ଭରି ଅନ୍ୟକୁ ବଞ୍ଚାଇବା ପାଇଁ ରକ୍ତଦାନ କରିବାକୁ ଆହ୍ୱାନ କରିବା ସହ ଏହି ରକ୍ତଦାନ ମଣିଷର ଜୀବନକୁ ଧନ୍ୟ କରେ ବୋଲି ଉପସ୍ଥିତ ଅତିଥିବୃନ୍ଦ କହିଥିଲେ। ଏଥିରେ ଆସିକା ଲୋକସଭା ନିର୍ବାଚନମଣ୍ଡଳୀ ଅଧୀନସ୍ଥ ବିଭିନ୍ନ ଅଞ୍ଚଳର ବହୁ ଯୁବପୀଢ଼ୀ ଆଗ୍ରହ ସହକାରେ ରକ୍ତଦାନ କରିଥିଲେ। ବ୍ରହ୍ମପୁର ଏମ୍‌କେସିଜି ରକ୍ତଭଣ୍ଡାରର ଡାକ୍ତର ବି ଲୋକେଶ୍ ରେଡ୍ଡୀ, କର୍ମଚାରୀ ରିଙ୍କୁ ସାହୁ, କାଳିଶଙ୍କର ବେହେରା, ପ୍ରଦୀପ କୁମାର ସୁବୁଦ୍ଧି, କାଳୁ ସେଠୀ, ରାମହରି ପଣ୍ଡା, ଦେବାଶିଷ ପଣ୍ଡା, ଗୋପାଳକୃଷ୍ଣ ପଣ୍ଡା, ଡମ୍ବରୁ ବାହାଦୁର କାର୍କି ଓ ବସନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ। ଏହି ଶିବିରରେ କଂଗ୍ରେସ୍ ନେତା ପ୍ରିୟାଂଶୁ ଶେଖର ପରିଡ଼ା, ଅଜିତ୍ କୁମାର ମୁନି, ଭବାନୀ ଶଙ୍କର ଦାଶ, ଜ୍ୟୋତିରଞ୍ଜନ ପଲାଇ ଓ ବିକାଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ୍ ନେତା ଦେବକାନ୍ତ ଶର୍ମା, କଂଗ୍ରେସ ନେତ୍ରୀ ତଥା ପ୍ରଦେଶ ମହିଳା କଂଗ୍ରେସ କମିଟିର ସମ୍ପାଦିକା ସୁଦୀପ୍ତା ଦାଶ ଓ କଂଗ୍ରେସ ନେତା ଦୀପକ କୁମାର ଭୂୟାଁ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

ନିତିଦିନ NITIDIN

ଆମ ଜିଲ୍ଲା

କ

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି



**କେନ୍ଦ୍ରାପଡ଼ା, ୧୯।୬/ଏନ୍ଏନ୍ଏସ୍:** ବାତ୍ୟା ଓ ବନ୍ୟା ପରି ବିଭିନ୍ନ ବିପର୍ଯ୍ୟୟ ସମୟରେ ସମ୍ପୃକ୍ତ ବିଭାଗ, ସ୍ୱେଚ୍ଛାସେବୀ ଓ ଆଶ୍ରୟସ୍ଥଳୀ ପରିଚାଳନା କମିଟିଗୁଡ଼ିକୁ ତତ୍ପର କରିବା ସହ ସେମାନଙ୍କର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ସର୍ବସାଧାରଣଙ୍କୁ ଅବଗତ କରାଇବା, ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ ଏବଂ ବିପର୍ଯ୍ୟୟ କାଳୀନ ଉପଯୋଗୀ ଉପକରଣ ଓ ଯନ୍ତ୍ରପାତିର ପ୍ରସ୍ତୁତି ଯାଞ୍ଚ କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ଟେବୁଏ ଟପ୍ ଏକ୍ସସର୍‌ସାଇଜ୍ ଆୟୋଜିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଜଣ ପର୍ଯ୍ୟବେକ୍ଷକ, ସୁନୀଲ ସାହୁ, ସାଧାରଣ ପରିଚାଳକ (ତାଲିମ ଓ ସମନ୍ୱୟ) ଏବଂ ତ୍ରିଲୋଚନ ରାଉତ, ବାର୍ତ୍ତା ଆଦାନ-ପ୍ରଦାନ ବିଶେଷଜ୍ଞ, ବିପର୍ଯ୍ୟୟ ପରିଚାଳନା ଅଭ୍ୟାସର ପର୍ଯ୍ୟବେକ୍ଷଣ ପାଇଁ ଜିଲ୍ଲା ଗସ୍ତରେ ଆସିଥିଲେ। ଗତକାଲି ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ଟେବୁଲ୍ ଟପ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକ, ସ୍ୱେଚ୍ଛାସେବୀ, ବିଭିନ୍ନ ଏନଜିଓ, ଏନଡିଆରଏଫ୍, ଓଡ଼ିଶା ଅଗ୍ନିଶମ ସେବା ଏବଂ ଜିଲ୍ଲା ଓ ବ୍ଲକ୍‌ସ୍ତରର ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅଭ୍ୟାସରେ ପ୍ରାକ୍ ସୂଚନାର ଶୀଘ୍ର ପ୍ରସାରଣ, ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ, ସନ୍ଧାନ ଓ ଉଦ୍ଧାର କାର୍ଯ୍ୟ, ପ୍ରାଥମିକ ଚିକିତ୍ସା, ଯନ୍ତ୍ର ଓ ଉପକରଣର ବ୍ୟବହାର, ରିଲିଫ ବଣ୍ଟନ ଓ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ବିଶେଷ ଆଲୋଚନା ଓ ଅଭ୍ୟାସ କରାଯାଇଥିଲା। ପାଣିପାଗ ବିଭାଗରୁ ସୂଚନା ମିଳିବା ପରେ ରାଜ୍ୟ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ରରୁ ଗ୍ରାମସ୍ତର ପର୍ଯ୍ୟନ୍ତ କେଉଁ ସମୟରେ ଏବଂ କେଉଁ ମାଧ୍ୟମରେ ସୂଚନା ପହଞ୍ଚୁଛି, ସେ ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ସମସ୍ତ ଅଧିକାରୀ, କର୍ମଚାରୀ, ସମାଜସେବୀ, ସ୍ୱେଚ୍ଛାସେବୀଙ୍କ ସକ୍ରିୟ ସହଭାଗିତାରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କୁ ମୋବାଇଲ୍ ପ୍ରଦାନ



**ପରଜଙ୍ଗ, ୧୯।୬/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରଜଙ୍ଗ ବ୍ଲକ ପରିସରରେ ପରଜଙ୍ଗ ବିଧାୟକଙ୍କ ଉପସ୍ଥିତିରେ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରାର ବିଭିନ୍ନ ଯୋଜନା ସଂଖ୍ୟାଲଘୁ, ଅନୁସୂଚିତ ଜାତି, ଜନଜାତି ଓ ଅନଗ୍ରସର ବର୍ଗଙ୍କ ପାଇଁ ସରକାରଙ୍କ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରକାର ଯୋଜନା ରହିଛି,ସାଧାରଣରେ ଅବଗତ କରାଇବା ସହ ପରଜଙ୍ଗ ବ୍ଲକରେ ଏହି ଯୋଜନା ଦ୍ୱାରା ଉପକୃତ ହୋଇଥିବା ହିତାଧିକାରୀଙ୍କ ବିଷୟରେ ସୂଚନା ଦିଆଯାଇଥିଲା। ଶିକ୍ଷା, ଗମନା ଗମନ, ପାନୀୟଜଳ ଯୋଗାଣ, ଜଳ ସଂରକ୍ଷଣ, ଗ୍ରାମୀଣ ଭିତ୍ତିଭୂମିର ବିକାଶ ଓ ଏହାର ରକ୍ଷଣ ବେକ୍ଷଣ,ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ଲୋକାଭିମୁଖୀ ଯୋଜନାଗୁଡିକ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସାଧାରଣ ଜନତାଙ୍କୁ ଅବଗତ କରାଇବା। ଏହି ପଞ୍ଚାୟତ ସମିତିସ୍ତରୀୟ ସମ୍ମିଳନୀରେ ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ଜିଲ୍ଲାପରିଷଦ ସଭ୍ୟ ନିରାକାର ପ୍ରଧାନ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ସ୍ୱର୍ଣ୍ଣଲତା ମହାପାତ୍ର ପ୍ରଥମେ ଆରାଧ୍ୟ ଦେବତା ଜଗନ୍ନାଥଙ୍କୁ ଧୂପ, ଦ୍ୱିପ ସହ ମାଲ୍ୟାର୍ପଣ କରି ମଞ୍ଚାସିନ ହୋଇଥିଲେ। ସମସ୍ତ ସରକାରୀ କର୍ମଚାରୀଙ୍କ ସହିତ ସିଆର୍‌ପି, ଅଙ୍ଗନବାଡ଼ି କର୍ମୀ, ହିତାଧିକାରୀ ଓ ସରପଞ୍ଚମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ମଞ୍ଚାଶିନ ଅତିଥିମାନେ ସମସ୍ତ ଅଙ୍ଗନବାଡି କର୍ମୀମାନଙ୍କୁ ମୋବାଇଲ ପ୍ରଦାନ କରିବା ସହ ବ୍ଲକ୍‌ର ହିତାଧିକାରୀଙ୍କୁ ଅନ୍ତ୍ୟୋଦୋୟ, ଗୃହ ନିର୍ମାଣ କାର୍ଯ୍ୟାଦେଶ ଓ ଭତ୍ତା ଏବଂ ସଫଳ ସ୍ୱଂୟ ସହାୟକ ଗୋଷ୍ଠୀମାନଙ୍କୁ ବିନା ସୁଧରେ ଚେକ୍ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଫଳ ଓ ସୁଚାରୁ ରୁପେ ଏବିଡିଓ ରଣଜିତ ଜେନା ମଞ୍ଚ ପରିଚାଳନା କରିଥିଲେ।

# ପ୍ରତିଭା ଅନ୍ୱେଷଣ ଓ ସମ୍ବର୍ଦ୍ଧନା ସମାରୋହ

**ଗନ୍ଦୋଲ, ୧୯।୬/ଏନ୍ଏନ୍ଏସ୍:** ଡେରାବିଶ ବ୍ଲକ୍ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଲୀସ୍ଥିତ ବନମାଳୀ ବ୍ରହ୍ମଚାରୀ ଆଦର୍ଶ ଉଚ୍ଚବିଦ୍ୟାଳୟ ପରିସରରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀ ପ୍ରତୀକ୍ଷା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। 'ଗୀତି ଗଙ୍ଗୋତ୍ରୀ' ତ୍ରୈମାସିକ ଓଡ଼ିଆ ପତ୍ରିକାର ସମ୍ପାଦକ, ଗୀତୀ ଭାରତୀ ଟ୍ରଷ୍ଟର ମୁଖ୍ୟ ତଥ୍ୟ ଦୋହଳୀ ମଡେଲ ହାଇସ୍କୁଲର ୧୯୭୦ ବ୍ୟାଚ୍‌ର ଟପ୍ପର ପ୍ରାଧ୍ୟାପକ ଅଜୟ କୁମାର ମହାନ୍ତିଙ୍କ ଆନୁକୂଲ୍ୟରେ ପ୍ରତିବର୍ଷ ନୂତନ ଛାତ୍ର ପ୍ରତିଭା ଅନ୍ୱେଷଣ ତଥା ସମ୍ବର୍ଦ୍ଧନା ପ୍ରକ୍ରିୟାରେ ଚଳିତ ବର୍ଷ ଏହି ବିଦ୍ୟାଳୟର ମାଟ୍ରିକରେ ଏ-୧ ଗ୍ରେଡ୍‌ରେ ସର୍ବୋଚ୍ଚ ନମ୍ବର ରଖି ପାସ୍ କରିଥିବାରୁ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର, ସ୍ମାରକୀ ପ୍ଲେଟ ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅର୍ଥରାଶି ପ୍ରଦାନ କରାଯିବ ବୋଲି ଟ୍ରଷ୍ଟ ମୁଖ୍ୟ ପ୍ରାଧ୍ୟାପକ ଶ୍ରୀ ମହାନ୍ତି ଘୋଷଣା କରିଥିଲେ।

# କେବେ ସମ୍ପୂର୍ଣ୍ଣ ହେବ ବିମଳାଗଡ଼ ରେଳପ୍ରକଳ୍ପ

**ତାଳଚେର, ୧୯।୬/ଏନ୍ଏନ୍ଏସ୍:** ତାଳଚେର-ବିମଳାଗଡ଼ ରେଳପଥ ପାଇଁ ଅନୁଗୋଳରେ ଜମି ଅଧିଗ୍ରହଣ ସରିଲାଣି। କିନ୍ତୁ ଦେବଗଡ଼ରେ ରେଳବାଇକୁ ଏପର୍ଯ୍ୟନ୍ତ ଜମି ହସ୍ତାନ୍ତର ହୋଇନି। ସୁନ୍ଦରଗଡ଼ରେ ବି ସମାନ ସ୍ଥିତ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୯୮୫ ବେସରକାରୀ ଜମି ଆବଶ୍ୟକ ଥିବା ବେଳେ ରେଳବାଇକୁ ମିଳିଛି ମାତ୍ର ୫୫୫ ଏକର ଜମି। ଏହି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ଏକ ପ୍ରମୁଖ ସମସ୍ୟା ଭାବେ ଛିଡ଼ା ହୋଇଥିବା ବେଳେ ଦେବଗଡ଼ ଓ ସୁନ୍ଦରଗଡ଼ରେ ଲାଗି ରହିଥିବା ସମସ୍ୟା ପାଇଁ ପ୍ରକଳ୍ପ ଆହୁରି ବିଳମ୍ବ ହେବାର ଆଶଙ୍କା ପ୍ରକାଶ ପାଇଛି। ରାଉରକେଲା ଓ ଭୁବନେଶ୍ୱର ମଧ୍ୟରେ ଦୂରତା ପାଇବା ସହିତ ଖଣିଜ ପରିବହନ କ୍ଷେତ୍ରରେ ଏକ ପ୍ରମୁଖ ରୁଟପାଲଟିବ। ରାଉରକେଲା ସହିତ ତାଳଚେର-ଅନୁଗୋଳ ଶିଳ୍ପାଂଚଳକୁ ଏହି ରେଳପଥ ଯୋଡୁଥିବାରୁ ଏହା ରାଜ୍ୟ ଅର୍ଥନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିପରି ଅନୁଗୋଳ ଜିଲ୍ଲାରେ ପାଲହଡ଼ା ବ୍ଲକ ସମେତ ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାର ଅଧିକାଂଶ ଅଞ୍ଚଳ ରେଳ ଲାଇନ୍ ସହ ଯୋଡ଼ି ହେବ। ତେଣୁ ଏହି ପ୍ରକଳ୍ପକୁ ଲୋକମାନେ ଅପେକ୍ଷା କରି ରହିଛନ୍ତି। ୧୫୪କିମି ରେଳଲାଇନ୍ ନିର୍ମାଣ ପାଇଁ ୨୦୦୩-୦୪ କିମି ରେଳଲାଇନ୍ ନିର୍ମାଣ ପାଇଁ ସରକାରୀ ମଞ୍ଜୁରୀ ମିଳିଥିଲା।



୨୦୦୭ରୁ ରେଳବାଇ ବିଭିନ୍ନ ପର୍ଯ୍ୟାୟରେ ଜମି ବରାଦ କରିବା ପରେ ଜମି ଅଧିକାଂଶ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପରେ ସବୁଠାରୁ ଅନୁଗୋଳର ଅଧିକ ଜମି ଯାଉଥିବାରୁ ଏଠାରେ ଅଧବଗ୍ରହଣ ପ୍ରକ୍ରିୟା ଶେଷ ହୋଇଛି। ରାଜ୍ୟ ସରକାର ଦେଇଥିବା ତଥ୍ୟ ଅନୁସାରେ ଏହି ଜିଲ୍ଲାରେ ୫୪୯.୮୬୫ ଏକର ବେସରକାରୀ ଜମିରୁ ୫୪୩.୬୭୫ ଏକର ଜମି ଅଧିଗ୍ରହଣ କରାଯାଇ ରେଳବାଇକୁ ହସ୍ତାନ୍ତର କରଯାଇଛି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରେ ୨୪୭.୬୪୦ ଏକ ବେସରକାରୀ ଜମିରୁ ମାତ୍ର ୧୧.୮୯୦ ଏକର ଜମି ରେଳବାଇକୁ ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲାରେ ଆବଶ୍ୟକ ୧୮୮.୨୪୦ ଏକର ବେସରାକରୀ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। କିନ୍ତୁ ଲେବାଇକୁ ଜମି ହସ୍ତାନ୍ତର ହୋଇନଥିବାରୁ କାମ ଆରମ୍ଭ ହୋଇପାରିନି। ଜମି ଅଧିଗ୍ରହଣ ପ୍ରକ୍ରିୟା ବିଳମ୍ବ ହେବାର ଏକାଧିକ କାରଣ ଦର୍ଶାଇଛନ୍ତି ରାଜ୍ୟ ସରକାର ଅନୁଗୋଳ ଜିଲ୍ଲାରେ ପାଲହଡ଼ା ମୌଜାର ମାତ୍ର ୬.୧୯୦ ଏକର ବେସରକାରୀ ଜମି ହସ୍ତାନ୍ତର ହୋଇ ପାରିନି। ସୁନ୍ଦରଗଡ଼ରେ କ୍ଷତିଗ୍ରସ୍ତ ପ୍ରଜାମାନେ ଅଧିକ କ୍ଷତିପୂରଣ ଦାବିକରି ଜମି ଅଧିଗ୍ରହଣ ପକ୍ରିୟାରେ ସହଯୋଗ କରୁନାହାନ୍ତି। ଏପଟେ ଦେବଗଡ଼ ଜିଲ୍ଲାରେ କୋଭିଡ଼ ପାଇଁ ଜମିଅଧବଗ୍ରହଣ ହୋଇପାରି ନଥିଲା। ଏଠାରେ ଭୂଅର୍ଜନ ଅଧିକାରୀଙ୍କ ଅଭାବ ପାଇଁ ଅଧିଗ୍ରହଣରେ ସମସ୍ୟା ହେଉଛି। ଏହି ରେଳପ୍ରକଳ୍ପରେ ଅନୁଗୋଳର ୮୩କମି ରହିଥିବା ବେଳେ ଦେବଗଡ଼ ୩୨କମି ଓ ସୁନ୍ଦରଗଡ଼ ୩୯କିମି ରହିଛି। ଜମି ହସ୍ତାନ୍ତର ପରେ ତାଳଚେର ପଟୁ କାମ ଆରମ୍ଭ ହୋଇଥିଲେ ମଧ୍ୟ ବିଳଗଡ଼ ପଟୁ କାମ ଆଗେଇ ପାରୁନି। ତାଳଚେରରୁ ସୁନାଖଣି ପର୍ଯ୍ୟନ୍ତ ୨୦କିମି ରାସ୍ତା ଶେଷ ହେବା ସହିତ କାର୍ଯ୍ୟକ୍ଷମ ହୋଇସାରିଛି। ସୁନାଖଣିରୁ ପରାବିଲ ପର୍ଯ୍ୟନ୍ତ ଆଉ ୧୬.୩୧ କିମି ରେଳଲାଇନ ନିର୍ମାଣ ଶେଷ ହୋଇଥିବା ବେଳେ ଖମାର ପର୍ଯ୍ୟନ୍ତ କାମ ଚାଲିଛି। ସମ୍ପୂର୍ଣ୍ଣ କାମ ହୋଇ ସାରିଲେ ତାଳଚେର ଓ ରାଉରକେଲା ଭିତରେ ଯାତ୍ରୀ ପରିବହନ ସୁଗମ ହୋଇପାରିବ।

# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ମାଗଣା ମୁଖ୍ୟମନ୍ତ୍ରୀ ବସ୍ ସେବା

**କେନ୍ଦ୍ରାପଡ଼ା, ୧୯।୬/ଏନ୍ଏନ୍ଏସ୍:** ଆସନ୍ତା ୨୧ରେ ଅନୁଷ୍ଠିତ ହେବାକୁ ଥିବା ନିଟ୍ (ନିଟ୍-ୟୁଜି) ପୁନଃ ପରୀକ୍ଷାର୍ଥୀଙ୍କ ସୁବିଧା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ମାଗଣା ମୁଖ୍ୟମନ୍ତ୍ରୀ ବସ ସେବାର ବ୍ୟବସ୍ଥା କରାଯାଇଛି। ଏହି ବସ ସେବା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ପରୀକ୍ଷାର୍ଥୀମାନେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ତୁଳସୀ ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରକୁ ଯାଇପାରିବେ। ୨୧ ତାରିଖ ସକାଳ ୯ଟାରେ ରାଜକନିକା ବସଷ୍ଟାଣ୍ଡରୁ ବସ ବାହାରି ଆଳି ଓ ପଟ୍ଟାମୁଣ୍ଡାଇ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସେହିପରି ଆଳି ବସଷ୍ଟାଣ୍ଡରୁ ସକାଳ ୯ଟାରେ ବସ ବାହାରି ପଟ୍ଟାମୁଣ୍ଡାଇ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ପଟ୍ଟାମୁଣ୍ଡାଇରୁ ସକାଳ ୯ଟାରେ ଏକ ବସ ସିଧାସଳଖ ପରୀକ୍ଷା କେନ୍ଦ୍ରକୁ ଯିବ। ରାଜନଗର ବସଷ୍ଟାଣ୍ଡରୁ ସକାଳ ୯ ଟାରେ ବସ ବାହାରି ପଟ୍ଟାମୁଣ୍ଡାଇ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ମହାକାଳପଡ଼ା ବସଷ୍ଟାଣ୍ଡରୁ ୧୦.୩୦ରୁ ବସ ବାହାରି କେନାଲ ବ୍ରିଜ, ମଙ୍ଗଳା ଛକ, ବଡକୁଳ, ମେଡିକାଲ ଛକ, କରଞ୍ଜ, ଶିଳିପୁର, ମାର୍ଶାଘାଇ କ୍ରସିଂ ଓ ଗୋପ ଦେଇ ତୁଳସୀ ମହିଳା ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ନୂଆ ବସଷ୍ଟାଣ୍ଡରେ ପହଞ୍ଚିବ। ମାର୍ଶାଘାଇ ବସଷ୍ଟାଣ୍ଡରୁ ପୂର୍ବାହ୍ନ ୧୦ଟାରେ ଏକ ବସ ବାହାରି ମାର୍ଶାଘାଇ କ୍ରସିଂ, ହଜାରୀ ଛକ, ଛଗରିଆ, କଳପଡ଼ା ବ୍ରିଜ, ମେହେନ୍ଦିନଗର, କରିଲପାଟଣା କଲେଜ, ବସପୁର ବ୍ରିଜ, ଶ୍ୟାମସୁନ୍ଦରପୁର ଓ ଗୋପ ଛକ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ସେହିପରି ମାର୍ଶାଘାଇ ବସଷ୍ଟାଣ୍ଡରୁ ସକାଳ ୭ଟାରେ ଆଉ ଏକ ବସ ବାହାରି ଶିଳିପୁର ଛକ, ବସ୍ତା, ଓଳିହା, ରାଜଗଡ଼, ଅଙ୍ଗୁଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଛଗରିଆ ଓ ଗୋପ ଛକ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଗରଦପୁର ବସଷ୍ଟାଣ୍ଡରୁ ସକାଳ ୬ଟାରେ ବସ ବାହାରି ପଦ୍ମପୁର, ହଳଦିଆଗଡ଼ା, ମାର୍ଶାଘାଇ କ୍ରସିଂ ଓ ଗୋପ ଛକ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଛୋଟିହାଟରୁ ସକାଳ ୭.୫୦ରେ ବସ ବାହାରି ବଙ୍ଗାଳି ସାହି ଦେଇ କେନ୍ଦ୍ରରେ ପହଞ୍ଚିବ। କରିଲପାଟଣାରୁ ସକାଳ ୭.୩୦ରେ ବସ ବାହାରି ଦାନପୁର, ଚାନ୍ଦଲ ଓ ଦୁହୁରିଆ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଗୌଡ଼ଗୋପରୁ ସକାଳ ୭.୩୦ରେ ବସ ବାହାରି ପଞ୍ଚୁପାଣ୍ଡବ ଓ ଛତା ଛକ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଜମରା-ବାରିମୂଳରୁ ସକାଳ ୭.୩୦ରେ ବସ ବାହାରି ଦାନପୁର, ପଳେଇ,ଡେରାବିଶ ଓ ଛତା ଛକଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଫରଡ଼ରୁ ସକାଳ ୮.୨୦ରେ ବସ ବାହାରି ବାର ଓ ଯଯାଙ୍ଗ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ଚୌଦକୁଳାଟରୁ ସକାଳ ୭.୧୫ରେ ବସ ବାହାରି କେଶପୁର, ଗଗୁଆ ଓ ଯଯାଙ୍ଗ ଦେଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବ। ପରୀକ୍ଷାର୍ଥୀଙ୍କ ସହାୟତା ପାଇଁ ହେଲ୍ପ ଲାଇନ ନଂ- ୯୨୩୭୩୭୮୬୨୯ ରହିଛି।

# ଚାମେଲିଙ୍କୁ ନ୍ୟାୟ ଦାବିରେ ଦାବିପତ୍ର

**କେନ୍ଦ୍ରାପଡ଼ା, ୧୯।୬/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ତିଖିରୀ ଗ୍ରାମପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ନିଖିଳ ଓଡିଶା ଜିଲ୍ଲା ପରିଷଦ ସଭାପତି ସଂଘ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ୭୩ତମ ସମ୍ବିଧାନ ସଂଶୋଧନ ଆଇନରେ ପଞ୍ଚାୟତର ସୁପରିଚାଳନା ପାଇଁ ତ୍ରିସ୍ତରୀୟ ପଞ୍ଚାୟତରାଜ ପ୍ରତିନିଧିମାନଙ୍କୁ କେତେକ କ୍ଷମତା ପ୍ରଦାନ କରାଯାଇଛି। ଏହି ଆଇନରେ ସରପଞ୍ଚ ହେଉଛନ୍ତି ଗ୍ରାମପଞ୍ଚାୟତର କାର୍ଯ୍ୟନିର୍ବାହୀ କର୍ତ୍ତୃପକ୍ଷ ଏବଂ ସଂପୃକ୍ତ ପଞ୍ଚାୟତ ସମିତିରେ ତାଙ୍କର ଭୋଟଦାନର ଅଧିକାର ରହିଛି। ଓଡିଶା ପଞ୍ଚାୟତ ସମିତି ଆଇନ ଓ ନିୟମରେ ବିଡିଓ ହେଉଛନ୍ତି ପଞ୍ଚାୟତ ସମିତିର ଆବାହକ ତଥା ସମ୍ପାଦକ। ତେଣୁ ବିଡିଓଙ୍କୁ ସରପଞ୍ଚ ଅନୁରୋଧ କରିବା ହେଉଛି ଏକ ପ୍ରାକୃତିକ ବ୍ୟବସ୍ଥା। ଓଡ଼ିଶାର ୩୦ଟି ଜିଲ୍ଲାର ୩୧୪ପଞ୍ଚାୟତସମିତି ଅଧିନରେ ୬ହଜାର ୭୯୪ ଗ୍ରାମପଞ୍ଚାୟତରେ ପିଆରଆଇ ପ୍ରତିନିଧିମାନେ କାର୍ଯ୍ୟ କରୁଛନ୍ତି। ଏଣୁ ନିଖିଳ ଓଡ଼ିଶା ଜିଲ୍ଲା ପରିଷଦ ସଭାପତି ସଂଘର ସଦସ୍ୟ ତଥା ବିଭିନ୍ନ ଜିଲ୍ଲାର ଜିଲ୍ଲା ପରିଷଦ ସଭାପତିମାନେ ମହାକାଳପଡା ବିଡିଓଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଯେଉଁ ଘଟଣା ଘଟିଛି ସେଥିପାଇଁ ମହାକାଳପଡା ବିଡିଓ ହିଁ ଏକମାତ୍ର ଦାୟୀ। ଏଥିସହିତ ତିଖିରୀ ସରପଞ୍ଚଙ୍କ ବିରୋଧରେ ହୋଇଥିବା ମିଥ୍ୟା ମାମଲାଗୁଡିକୁ ତୁରନ୍ତ ପ୍ରତ୍ୟାହାର କରାଯିବାକୁ ସଂଘ ଦାବି କରିଛି। ଏଥିସହିତ ୭୩ତମ ସମ୍ବିଧାନ ସଂଶୋଧନ ଆନ୍ତରିକତାର ସହ କାର୍ଯ୍ୟକାରୀ କରାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳଙ୍କୁ ସଂଘ ନିବେଦନ କରିଛି। ସଂଘର ସଦସ୍ୟ ଓ ସଦସ୍ୟାମାନେ ଡାକ୍ତରଖାନାରେ ଥିବା ସରପଞ୍ଚ ଚାମେଲି ଓଝାଙ୍କୁ ଭେଟି ସମସ୍ତ ଘଟଣା ପଚାରି ବୁଝିଥିଲେ। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକଙ୍କୁ ଏହି ସ୍ମାରକପତ୍ର ପ୍ରଦାନ ସମୟରେ ନିଖିଳ ଓଡିଶା ଜିଲ୍ଲା ପରିଷଦ ସଭାପତି ସଂଘ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, କେନ୍ଦ୍ରାପଡା ଜିଲ୍ଲାପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ, ଦେବଗଡର କୌଶିକ କୁମାର ପ୍ରଧାନ, ଅନୁଗୁଳ ବବିତା ପ୍ରଧାନ, ଢେଙ୍କାନାଳର ଅର୍ଚ୍ଚନା ପୁହାଣ, ଜଗତସିଂହପୁରର ମନୋଜ କୁମାର ଭୋଇ, କଟକର କିଶୋର ଚନ୍ଦ୍ର ମିଶ୍ର, ପୁରୀର ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରଭୁ ପାରେଶ୍ୱରଙ୍କ ବିବାହ ଉତ୍ସବ ସମ୍ପନ୍ନ

**ପାରାଦୀପ, ୧୯।୬/ଏନ୍ଏନ୍ଏସ୍:** ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ଶୀତଳ ଷଷ୍ଠୀ ଅବସରରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ମହା ଆଡମ୍ବର ସହକାରେ ସମାପନ କରାଯାଇଛି। ବଡ଼ପଡ଼ିଆ ସ୍ଥିତ ମା'ଶାରଳାଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ପାରେଶ୍ୱର ମହାଦେବ ମାନବୀୟ ଲୀଳା ମାଧ୍ୟମରେ ଏକ ସୁସଜ୍ଜିତ ପାଲିଙ୍କିରେ ବସି ଘଣ୍ଟ, ଘଣ୍ଟା, ମାଦଳ ଓ ସଂକୀର୍ତ୍ତନ ମଣ୍ଡଳୀ ସହ ଏକ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁମାନଙ୍କୁ ନେଇ ଏକ ବିରାଟ ପଟୁଆର ସହର ପରିକ୍ରମା କରି ନୂଆବଜ଼ାର ସ୍ଥିତ ହରିବୋଲିଆ ମଠ ପ୍ରାଙ୍ଗଣରେ ଥିବା ମହାକାଳେଶ୍ୱର ମନ୍ଦିରକୁ ଯାଇଥିଲେ। ସେଠାରେ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ଓ ପଣା ଭୋଗ ବଣ୍ଟନ କରାଯାଇଥିଲା। ସେଠାରୁ ଶୋଭାଯାତ୍ରା ନୂଆବଜ଼ାର କଲୋନୀ ଦେଇ ଶାରଳା ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସେଠାରେ ପହଞ୍ଚିବା ପରେ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ବର ପିତା ମାତା ଭାବେ ଶରତ କୁମାର ବରାଳ ଓ ତୁଳସୀ ବରାଳ ଏବଂ କନ୍ୟା ପିତା ମାତା ଭାବେ ମନୋଜ କୁମାର ମହାନ୍ତି ଓ ସ୍ୱାଗତିକା ମହାନ୍ତି ବିବାହ ବେଦିରେ ଅଭିଜ୍ଞ ପଣ୍ଡିତମାନଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ଦେବ ଦେବ ମହାଦେବଙ୍କ ବିବାହ କାର୍ଯ୍ୟ ମାତା ପାର୍ବତୀଙ୍କ ସହ ସମାପନ କରାଇଥିଲେ। ଏହାପରେ ସମସ୍ତ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମନ୍ଦିରର ସଭାପତି ଅମରେଶ ରାଉତରାୟ, (ବୁବୁ)ଙ୍କ ସହ ମନ୍ଦିର ପରିଚାଳନା କମିଟିର ସଦସ୍ୟ ସର୍ବଶ୍ରୀ କର୍ମେଶ୍ୱର ସ୍ୱାଇଁ, ସବ୍ୟସାଚୀ ମହାପାତ୍ର, ଜୟନ୍ତ କୁମାର ଦାସ, ତାପସ ପରିଜା, ନବଘନ ବିଶ୍ୱାଳ, ସନ୍ତୋଷ କୁମାର ସାହୁ, ନିତ୍ୟାନନ୍ଦ ମହାପାତ୍ର, ଚନ୍ଦନ ପାଣି, ମନୋଜ ସ୍ୱାଇଁ, ଅଭିମନ୍ୟୁ ସାହୁ, ଶିବ ପ୍ରସାଦ ବାରିକ, ଅନିରଣ ସାହୁ (ମଣ୍ଟୁ), ମନୋଜ କୁମାର ମହାପାତ୍ର,ଅରୁଣ କୁମାର ଲେଙ୍କା, ସଞ୍ଜୀବ କୁମାର ନାୟକ,ମନ୍ଦିର ପୂଜକ ସଚିନ କୁମାର ପାଢ଼ୀ , ପ୍ରଫୁଲ୍ଲ କୁମାର ଦାଶ , ଜ୍ଞାନ ରଞ୍ଜନ ଦାଶ ଓ ନାରାୟଣ ଦାଶ ପ୍ରମୁଖ ସଫଳତାର ସହ ପରିଚାଳନା କରିଥିଲେ।



# ରାଜ୍ୟସ୍ତରୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ୪ ପ୍ରତିଯୋଗୀ ଜାତୀୟସ୍ତରକୁ ମନୋନୀତ

**ତାଳଚେର, ୧୯।୬/ଏନ୍ଏନ୍ଏସ୍:** ଓଡ଼ିଶା ତାଇକ୍ୱୋଣ୍ଡୋ ଆସୋସିଏସନ୍ ଆନୁକୂଲ୍ୟରେ କଟକ ଇଣ୍ଡରୋ ଷ୍ଟାଡିୟମ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ତାଇକ୍ୱୋଣ୍ଡୋ ପ୍ରତିଯୋଗିତାରେ ଅନୁଗୋଳ ଜିଲ୍ଲାର ପ୍ରତିଯୋଗୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତ ମାସ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୧୮ଟି ଜିଲ୍ଲାରୁ ମୋଟ ୫୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ଜିଲ୍ଲାରୁ ଭାଗ ନେଇଥିବା ୧୬ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ତାଳଚେର ତାଇକ୍ୱୋଣ୍ଡୋ ଏକାଡେମୀର ୧୩ଜଣ ଓ ଡାନିସ ତାଇକ୍ୱୋଣ୍ଡୋ ଏକାଡ଼େମୀରୁ ୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ସାଏଲ ସାଧୁ, ଆରବି ଅକ୍ଷତା ବେହେରା, ରାଜଲକ୍ଷ୍ମୀ ପ୍ରଧାନ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ତେଜ ପ୍ରତାପ ସାହୁ, ଦେବାଂଶ ସାଇବର୍ଦ୍ଧନ, ରେୟାନ୍ସ ବେହେରା, ଅମୃତ ପ୍ରସାଦ ସାହୁ, ବାରେନୟମ ଟାଣ୍ଡି, ଅଚ୍ୟୁତ ପ୍ରସାଦ ସାହୁ, ଋଷଭ ରାଜ, ରାଜଶ୍ରୀ ନାୟକ ରୌପ୍ୟ ପଦକ ଓ ମନୀଷ କୁମାର ସାହୁ, ସୁଶ୍ରୀ ଜିଜ୍ଞାସା ପ୍ରିୟଦର୍ଶନୀ ବ୍ରୋଞ୍ଜ ପଦକ ହାସଲ କରି ଅନୁଗୋଳ ଜିଲ୍ଲା ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ତାଳଚେର ତାଇକ୍ୱୋଣ୍ଡୋ ଏକାଡେମୀର ସମ୍ପାଦକ ସୁଶାନ୍ତ ପ୍ରଧାନ, ଅନୁଗୋଳ ତାଇକୋଣ୍ଡୋ ଆସୋସିଏସନ୍ ସମ୍ପାଦକ ତଥା ପ୍ରଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ଏବଂ ଓଡ଼ିଶା ତାଇକ୍ୱୋଣ୍ଡୋ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ସମସ୍ତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ଚନ୍ଦନେଶ୍ୱର ପୀଠରେ ଶୀତଳ ଷଷ୍ଠୀ

**କୁଆଖିଆ, ୧୯।୬/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ ଅନର୍ଗତ ଡିହ କୁରଂଗ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦନେଶ୍ୱର ପୀଠରେ ଶୀତଳ ଷଷ୍ଠୀ ପାଳିତ ହୋଇଯାଇଛି। ଶିବ ପାର୍ବତୀ ବିବାହ ଓ ଯଜ୍ଞ କାର୍ଯ୍ୟକ୍ରମ ବେଶ ଆଧ୍ୟାତ୍ମିକ ଢଙ୍ଗରେ ପାଳିତ ହୋଇଥିଲା। ବର ପିତା ମାତା ପ୍ରଭାତ କୁମାର ଦାଶ, ଡିମ୍ପଲ ପିୟା ଦାଶ, କନ୍ୟା ପିତା ମାତା ଆଲୋକ କୁମାର ରଥ, ଲିଲି ରଥ ଯଜ୍ଞ ବିଧି ପାଳନ କରିଥିଲେ। ଚନ୍ଦନେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି କୈଳାଶ ଚନ୍ଦ୍ର ରାଉତ ଉପଦେଷ୍ଟା ପ୍ରହଲ୍ଲାଦ ପଣ୍ଡା ଉପ ସଭାପତି ଭଗବାନ ଦାଶ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ଅଜୟ ମଲ୍ଲିକ, ଲକ୍ଷ୍ମୀଧର ରାଉତ, ଦୈତାରୀ ଜେନା, ପ୍ରଭାକର ସାହୁ ଆନନ୍ଦ ମଲ୍ଲିକ ଓ ସମସ୍ତ ସଭ୍ୟ ଶୀତଳ ଷଷ୍ଠୀ ପୂଜାରେ ସହଯୋଗ କରିଥିଲେ। ଭଜନ ସନ୍ଧ୍ୟାରେ ଶ୍ରୀ ମନ୍ଦିର ଭଜନ ମଣ୍ଡପ ଓ ସାଥିଙ୍କ ଭଜନ ବେଶ ମନ୍ତ୍ରମୁଗ୍ଧ ହୋଇଥିଲା। ସେହିପରି ପ୍ରଥମଖଣ୍ଡ ରାମେଶ୍ୱର ପୀଠରେ ଶୀତଳ ଷଷ୍ଠୀ ପାଳିତ ହୋଇଯାଇଛି।

# କନିକା ସାହିତ୍ୟ ସଂସ୍କୃତି ପରିଷଦର କବି ସମ୍ମିଳନୀ

**ରାଜକନିକା, ୧୯।୬/ଏନ୍ଏନ୍ଏସ୍:** କନିକା ସାହିତ୍ୟ ସଂସ୍କୃତି ପରିଷଦ ରାଜକନିକାର ରଜ ମହୋତ୍ସବ ଓ କବି ସମ୍ମିଳନୀ ପିମ୍ପୁଡ଼ି ହାଇସ୍କୁଲ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଅଛି। ପରିଷଦର ସଭାପତି ବିରେନ ମିତ୍ର ରାଉତରାୟଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇ ଏହା ଦୁଇଟି ଅଧିବେଶନରେ ଶେଷ କରାଯାଇଥିଲା। ପ୍ରଥମ ଅଧିବେଶନ ସନ୍ଧ୍ୟା ୬ ଘଟିକା ସମୟରେ ଅତିଥି କବି ମନୋଜ ସେନାପତି ଓ ମଙ୍ଗୁଳି ଚରଣ ବେହେରାଙ୍କ ସଂଯୋଜନାରେ ୧୮ ଜଣ କବି କବିତା ପାଠ କରିଥିଲେ। ସନ୍ଧ୍ୟା ୭ଟାରେ ଦ୍ୱିତୀୟ ଅଧିବେଶନ ସଭାପତି ବିରେନ ମିତ୍ର ରାଉତରାୟଙ୍କ ଅଧ୍ୟକ୍ଷତା ଓ ପ୍ରଫେସର ବୈକୁଣ୍ଠ ନାଥ ପରିଡାଙ୍କ ସଭା ସଂଯୋଜନାରେ ଭାଷା ସାହିତ୍ୟର ତରଙ୍ଗ ସୃଷ୍ଟି ହୋଇଥିଲା। ସମ୍ପାଦକ ତଥା ବିଶିଷ୍ଟ ସାହିତ୍ୟିକ ପତିତପାବନ ବେହେରା ତାଙ୍କ ସ୍ୱାଗତ ଭାଷଣରେ କନିକାର ସମସ୍ତ ବର୍ଗର ପ୍ରତିଭାମାନଙ୍କୁ ପରିଷଦ ପ୍ରୋତ୍ସାହିତ କରିବା ସହ ସେମାନେ କିପରି ନିଜକୁ ଜଣେ ସୁଦକ୍ଷ କର୍ତ୍ତବ୍ୟନିଷ୍ଠ ସାଧକ ଭାବେ ପ୍ରତିଷ୍ଠିତ କରିପାରିବେ ସେଥିପାଇଁ ଉଦ୍ୟମ ଜାରି ରଖିବା ଏବଂ କନିକା ମାଟିର ବରପୁତ୍ରମାନଙ୍କୁ ସମଗ୍ର ରାଜ୍ୟରେ ଚିହ୍ନଟ କରିବା ପାଇଁ ଦୃଢ ପରିକର ବୋଲି ମତବ୍ୟକ୍ତ କରି ଆସନ୍ତା ବାର୍ଷିକ ଉତ୍ସବରେ ପରିଷଦର ମୁଖପତ୍ର 'କନିକା ଶ୍ରୀ' ଆମ୍ ପ୍ରକାଶ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମୁଖ୍ୟବକ୍ତା କାଳିପ୍ରସାଦ ନାୟକ ଏବଂ ମୁଖ୍ୟ ଅତିଥି ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର ତାଙ୍କ ଅଭିଭାଷଣରେ ବର୍ତ୍ତମାନର ସଂସ୍କୃତି କିପରି ଅପସଂସ୍କୃତି ହୋଇଛି ଏବଂ ଏହା କିପରି ଆମକୁ ଧ୍ୱଂସ ଆଡକୁ ଟାଣି ନେଉଛି ଏହାକୁ ଦୃଢତାର ସହିତ ଯୁକ୍ତି ଉପସ୍ଥାପନ କରିବା ସହିତ ସେଥିପାଇଁ ମାତୃଭୂମି ଓ ମାତୃଭାଷାକୁ ଆମକୁ ଭଲକି ବୁଝିବା ସହିତ କାର୍ଯ୍ୟ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଫକୀର ଚନ୍ଦ୍ର ପ୍ରଧାନ, ଚିଦମ୍ବର ପତି ଓ ଗୋପୀନାଥ ଖଟୁଆ ପ୍ରମୁଖ ମଞ୍ଚାସିନ ଅତିଥିମାନେ କନିକାର ଅଗ୍ରଗତି ପାଇଁ ଓଡ଼ିଆ ଭାଷା ସାହିତ୍ୟ ହିଁ ଏକ ମାତ୍ର ବିକଳ୍ପ, କନିକା ସାହିତ୍ୟ- ସଂସ୍କୃତି ପରିଷଦର ବିକାଶ ହିଁ ଆମ ପରମ୍ପରା ଓ ସଂସ୍କୃତିର ଗୋଟିଏ ବଡ଼ ମାଧ୍ୟମ, ଏହାକୁ ଆଗେଇ ନେବାପାଇଁ କନିକାର ସମସ୍ତ ବୁଦ୍ଧିଜୀବୀ ସାମିଲ ହେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉକ୍ତ ସଭାରେ ବଜ୍ରମହାକାଳୀ ଆଞ୍ଚଳିକ ଯୁବ ନାଟ୍ୟ ପରିଷଦ ପିମ୍ପୁଡିର ବରିଷ୍ଠ କଳାକାର ସୌମ୍ୟକାନ୍ତ ନାୟକ ସୁଲଭ ଢଙ୍ଗରେ ଅତିଥି ଆମନ୍ତ୍ରଣ ଓ ସ୍ୱାଗତ କରିଥିବା ବେଳେ ଶିକ୍ଷାବିତ ପ୍ରସନ୍ନ କୁମାର ଧଳ ଅତିଥି ପରିଚୟ ଓ ଆଦର୍ଶ ଶିକ୍ଷକ ଦିଲ୍ଲୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରୁପେଶ ନାୟକ, ମଦନମୋହନ ଦାସ, କୈଳାଶ ଚନ୍ଦ୍ର ନାୟକ, ଦୀନବନ୍ଧୁ ବାରିକ, ସାବିତ୍ରୀ ମାହୁନ୍ତଙ୍କ ସମେତ ବଜ୍ର ମହାକାଳୀ ଯୁବ ନାଟ୍ୟ ପରିଷଦର ସମସ୍ତ କଳାକାର ଓ ଗ୍ରାମବାସୀ ସହଯୋଗ କରିଥିଲେ।



# 'ବିକାଶର ଧାରା, ଓଡ଼ିଶା ସାରା'

**ବଡ଼ଚଣା, ଚଣ୍ଡିଖୋଲ, ୧୯।୬/ଏନ୍ଏନ୍ଏସ୍:** ବଡ଼ଚଣା ବ୍ଲକ୍ ପରିସରରେ ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତୀ ପାଳନ ଅବସରରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ବଡଚଣା ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯକ୍ରମ, ସୁଭଦ୍ରା ଯୋଜନା, ଅନ୍ତ୍ୟୋଦୟ ଗୃହ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ଆୟୁଷ୍ମାନ ଭାରତ ଯୋଜନା, ପିଏମ୍‌ଶ୍ରୀ ସ୍କୁଲ ଯୋଜନାଗୁଡିକ କିପରି ପ୍ରକୃତ ହିତାଧୀକାରୀ ଏହି ଯୋଜନା ଅଧିକରୁ ଅଧିକ ଫାଇଦା ପାଇପାରିବେ ସେଥିପାଇଁ ଜନଭାଗିଦାରି କାର୍ଯକ୍ରମ ମାଧ୍ୟମରେ ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱ ଆରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବଡଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ଆମ୍ବିର ଅଧ୍ୟକ୍ଷ ଜଗନ୍ନାଥ ଖଣ୍ଡାୟୀ, ସାଂସଦଙ୍କ ପ୍ରତିନିଧି ରବିନ୍ଦ୍ର କୁମାର ରାଉତ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ। ବଡ଼ଚଣା ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା ସଞ୍ଚାଳନ କରିଥଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଂଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା। କୃଷି, ମତ୍ସ୍ୟ, ଜୀବିକା ମିଶନ, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ, ଜଳସେଚନ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ୍ ଖୋଲା ଯାଇଥିଲା। ଏଥିରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ୪୩ଗୋଟି ପଞ୍ଚାୟତର ଜନ ପ୍ରତିନିଧିମାନେ ଯୋଗ ଦେଇଥିଲେ। ତିନିଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦୈନିକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବ୍ଲକ୍ ପ୍ରଶାସନ ପକ୍ଷରୁ କୁହାଯାଇଛି।

**ନିତି ଭାରତୀ**

ବିଶ୍ୱରେ ଯେତେ ଶକ୍ତି ଅଛି, ସବୁଯାକ ଆମର ହସ୍ତଗତ ହୋଇ ସାରିଛି। କିନ୍ତୁ ଆମେ ଏହା ଦେଖି ପାରୁନା କାରଣ ଆମେ ହିଁ ନିଜ ହାତରେ ନିଜର ଆଖିକୁ ବନ୍ଦ କରି ଚାରିପଟେ ଅନ୍ଧାର ଘେରି ରହିଛି ବୋଲି ଚିତ୍କାର କରୁଛୁ। - **ସ୍ୱାମୀ ବିବେକାନନ୍ଦ**

# ଇତି ଅସରପା ଉବାଚ



ମୌସୁମୀ ପରିଡ଼ା

ଅସରପା ଖୁବ୍ ଉତ୍ସାହିତ ଥିଲା ରାତାରାତି ଷ୍ଟାର୍ ବନି ଯାଇଥିବାରୁ। ସେ ଜାଣି ନଥିଲା ତା' ପ୍ରକୃତି ଓ ବିକୃତିକୁ ନେଇ ସେ ଜନସାଧାରଣଙ୍କ ପାଖରେ ଗୋଟେ ଲୋକପ୍ରିୟ ମେଟାଫର୍ ପାଲଟି କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ନାମରେ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିବ! ଅବଶ୍ୟ ଚଳିତ ବର୍ଷ ମେ' ମାସରେ ଏକ ମାମଲାର ଶୁଣାଣି ସମୟରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏହି ଶବ୍ଦଟିକୁ ବ୍ୟବହାର କରିଥିଲେ। ଗୋଟେ ପ୍ରସଙ୍ଗର ଶୁଣାଣି ବେଳେ ଜଣେ ଓକିଲଙ୍କ ଆଚରଣ ଓ ନକଲି ଡିଗ୍ରୀଧାରୀ ଓକିଲଙ୍କ ପ୍ରସଙ୍ଗରେ ମୁଖ୍ୟ ବିଚାରପତି ଯାହା କହିଥିଲେ, ତା'ର ସାରମର୍ମ ହେଉଛି- କିଛି ଯୁବକ ଅଛନ୍ତି, ଯେଉଁମାନେ ଅସରପା ଭଳି; ଯେଉଁମାନଙ୍କୁ ନା ସରକାରୀ ଚାକିରି ମିଳେ, ନା କୌଣସି ସଂସ୍ଥାରେ ସ୍ଥାନ। ସେମାନଙ୍କ ଭିତରୁ କିଛି ମିଡିଆ, ସୋସିଆଲ୍ ମିଡିଆ କିମ୍ବା ଆର୍‌ଟିଆଇ ଆକ୍ଟିଭିଷ୍ଟ ସାଜି ସମସ୍ତଙ୍କ ଉପରେ ଆକ୍ରମଣ କରିବା ଆରମ୍ଭ କରି ଦିଅନ୍ତି।

ଅସରପା ଶବ୍ଦଟି ଯୁବ ବର୍ଗଙ୍କୁ ଲକ୍ଷ୍ୟ କରି କୁହାଯାଇଛି, ଯାହା ଅପମାନଜନକ ବୋଲି ସୂଚାଇବାକୁ ଇନଷ୍ଟାଗ୍ରାମ୍‌ରେ ତତ୍‌କ୍ଷଣାତ୍ ଗୋଟେ ଆଇଡି- କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ନାମରେ ବନାଗଲା, ଯାହାର ଫଲୋଅର୍ସ ସଂଖ୍ୟା ମାତ୍ରାଧିକ ବୃଦ୍ଧି ପାଇ ଚାଲିଲା- ଠିକ୍ ଅସରପାଙ୍କ ବଂଶବୃଦ୍ଧି ଭଳି। ଫଲୋଅର୍ସଙ୍କ ମଧ୍ୟରୁ ଅଧିକାଂଶ ଥିଲେ ଯୁବ ବର୍ଗର। ସାମାଜିକ ଗଣମାଧ୍ୟମରେ ଅସରପା ଚର୍ଚ୍ଚିତ ବିଷୟବସ୍ତୁ ପାଲଟିଗଲା! ତାକୁ ନେଇ ମିମ୍ସ୍ ବନାଗଲା। ଲୋକେ ଗୁଗଲ୍ ସର୍ଚ୍ଚ ଆରମ୍ଭ କରିଦେଲେ ଅସରପାର ଗତିବିଧିକୁ ନେଇ। ଯୁବ ପିଢ଼ିଙ୍କ ଅସନ୍ତୋଷକୁ ଲକ୍ଷ୍ୟ କରି ବିଚାରପତି ସ୍ପଷ୍ଟୀକରଣ ଦେଲେ ଯେ କିଛି ନକଲି ଡିଗ୍ରୀଧାରୀ ଲୋକେ ଆଇନ୍ ଓ ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ଗଳାବାଟ ଦେଇ ପଶି ସିଷ୍ଟମ୍‌କୁ ନଷ୍ଟ କରୁଥିବାରୁ ସେ ସେମାନଙ୍କୁ ଲକ୍ଷ୍ୟ କରି ଏକଥା କହିଥିଲେ; ଯୁବ ପିଢ଼ିକୁ ନୁହେଁ। କିନ୍ତୁ ସେତେବେଳକୁ କକ୍‌ରୋଚ୍ ଜନତା ପାର୍ଟି ନାମରେ ଲୋକପ୍ରିୟତା ହାସଲ କରିଥିବା ଏହି ଆଇଡି ଓ ତାକୁ ସମର୍ଥନ କରୁଥିବା ଯୁବ ପିଢ଼ି ପରୋକ୍ଷରେ ନିଜକୁ ଅସରପା ବୋଲି ଗ୍ରହଣ କରି ସାରିଥିଲେ।

ଏକଥା ଜାଣି ଅସରପାକୁ ଭାରି ମଜା ଲାଗିଲା। ସେ ଆହ୍ଲାଦିତ ହେଲା। ଖୁସିରେ ଆତ୍ମହରା ହୋଇ ଖଣ୍ଡିଉଡ଼ା ଦେଲା। ରାତିରେ ସଭା ଡାକି ତା ଜାତିଭାଇମାନଙ୍କୁ ପ୍ରବଚନ ଦେବାକୁ ଲାଗିଲା- ଶୁଣ ସବୁ ମୋର ପ୍ରିୟ ଆତ୍ମୀୟସ୍ୱଜନ! ଆଜିକାଲି ଆମେମାନେ ଖାଲି ଅସନା ଜୀବ ନୋହୁ। ରାଜନୀତିର ଅଂଶବିଶେଷ ପାଲଟିଛୁ। ଆନ୍ତର୍ଜାତିକ ସ୍ତରରେ ଆମକୁ ନେଇ ଆଲୋଚନା ହେଲାଣି! ଆମେ ବି ଏଥର ନିଜର ଅଧିକାର ସାବ୍ୟସ୍ତ କରି ପାରିବା। କାରଣ ଅସନାକୁ ସଫା କରୁଥିବା ଉପକାରୀ ପ୍ରାଣୀ ବୋଲି ଆମକୁ ଲୋକେ ଗ୍ରହଣ କରିବାକୁ ବାଧ୍ୟ ହେବେ- ଯେଉଁମାନେ ଆମକୁ ନାକ ଟେକୁଥିଲେ। ଆଜିକାଲି ଆମେ ଭାଇରାଲ୍। କାଳେ ଆମକୁ କେହି ସମୂଳେ ଧ୍ୱଂସ କରିଦେବ, ସେଥିପାଇଁ ଆମର ସଂରକ୍ଷଣ ଆବଶ୍ୟକ।

ଅନ୍ଧାରରେ ବେଶ୍ ସତର୍କତାର ସହିତ ଅତି ଛୋଟ କଣା, ଫାଟ, ଡ୍ରେନେଜ୍ କିମ୍ବା ପାଇପ୍‌ର ଛିଦ୍ର ଦେଇ ଯେ କୌଣସି ସ୍ଥାନକୁ ପ୍ରବେଶ କରି ପାରିବାର କ୍ଷମତା ଅଛି ଆମର। ଖୁବ୍ ଶୀଘ୍ର ବଂଶ ବିସ୍ତାର କରି ରାତିସାରା ଅସନା ଖାଦ୍ୟ ଖାଇ ଦିନରେ ଲୁଚି ରହୁ; ତାହା ହିଁ ଆମର ଜୀବନ-ରକ୍ଷା କୌଶଳ। ସେଥିପାଇଁ ଆମ ଉପରେ କାହା ନଜର ପଡୁ ନଥିଲା। ଆମକୁ ଲୋକମାନେ ଘୃଣା କରୁଥିଲେ। ସେଥିପାଇଁ ଘର ସଫା ରଖୁଥିଲେ। ଏବେ କିନ୍ତୁ ତାହା ହେବନି। ଉପକାରୀ ଜୀବ ବୋଲି ଆମ ନାଁରେ ପାର୍ଟି ଗଠିତ ହୋଇଥିବାରୁ ଆମେ ନିଜ ଅଧିକାର ମାଗି ପାରିବା। କାରଣ ଆମେ ଏବେ ଲୋକପ୍ରିୟ ମେଟାଫର୍।

ଏଣିକି ପ୍ରତ୍ୟେକ ଘରେ କୁଡାଦାନ ଖୋଲା ରହିବ। ଘର ବାହାର, ରାସ୍ତାଘାଟ ସବୁଠି ଆମ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଫଳରେ ଆମେ ସହଜରେ ବଂଶବୃଦ୍ଧି କରି ଏ ପୃଥିବୀକୁ ଅସରପାରେ ଭରିଦେବା। ଲୋକମାନଙ୍କ ଉପରେ ଆମେ ହୁକୁମ୍ ଚଳାଇବା। ଆମ ଚମତ୍କାରିତା ଆଗରୁ ସିନା ଲୋକେ ଜାଣି ନଥିଲେ, ଏବେ କିନ୍ତୁ ଜାଣିଲେଣି! କୌଣସି କାରଣରୁ ଆମ ମୁଣ୍ଡ ଗଣ୍ଡି ଅଲଗା ହୋଇଗଲେ ବି ଆମ ଗଣ୍ଡି କିଛିଦିନ ଯାଏଁ ବଞ୍ଚି ପାରିବ। ଆଉ ବି ଚମତ୍କାର କଥାଟି ହେଉଛି, ପରମାଣୁ ବୋମା ସହ୍ୟ କରିବାରେ ମଣିଷ ତୁଳନାରେ ଆମେ ଅଧିକ ଶକ୍ତ। ଅର୍ଥାତ୍ ଯଦି କେବେ ପରମାଣୁ ଯୁଦ୍ଧ ହୁଏ, ତେବେ ମଣିଷ-ପ୍ରଜାତି ଶେଷ ହୋଇଯାଇପାରେ, କିନ୍ତୁ ଆମେମାନେ ବଞ୍ଚି ରହିବାର ସମ୍ଭାବନା ଅଧିକ। ତେଣୁ ପୃଥିବୀର ଶେଷ ଜୀବ ରୂପେ ଆମେ ବଞ୍ଚି ପାରିବା।

ତାଙ୍କ ଭିତରୁ ଜଣେ ସମବୟସ୍କ ବୁଦ୍ଧିମାନ ଅସରପା କହିଲା- ଭାଇ, ଠିକ୍ ଯେ, ଆଗରୁ ତ କେବେ ଅନ୍ୟ ପଶୁପକ୍ଷୀମାନେ ନିଜ ଅଧିକାର ମାଗି ନଥିଲେ କି ମେଟାଫର୍ ବନି ଅପମାନିତ ଅନୁଭବ କରି ନଥିଲେ! ଆମେ ହଠାତ୍ ଖୁସି ହୋଇଯିବା ଉଚିତ୍ ହେବ କି? ଭାଷଣବାଜି କରୁଥିବା ଅସରପାଟି କହିଲା- କୋଉମାନଙ୍କ କଥା କହୁଛ ବୁଝାଇ କୁହ।

ସମବୟସ୍କ ଜଣକ କହିଲା- ଏଇ ଯୁବ ପିଢ଼ିର ବିଦ୍ୟାର୍ଥୀମାନଙ୍କ ପାଇଁ ପାଞ୍ଚଟି ଲକ୍ଷଣଯୁକ୍ତ ନୀତି ଶ୍ଳୋକଟେ ଅଛି ପରା- କାକ ସ୍ନାନଂ, ବକ ଧ୍ୟାନଂ, ଶ୍ୱାନ ନିଦ୍ରା ତଥୈବ ଚ, ଅର୍ଦ୍ଧ (ଗଧ) ଭୋଜନଂ, ଗୃହତ୍ୟାଗୀ ବିଦ୍ୟାର୍ଥୀ ପଞ୍ଚ ଲକ୍ଷଣମ୍। ପ୍ରକୃତ ବିଦ୍ୟାର୍ଥୀ କାଉ ପରି ତରବରିଆ ସ୍ନାନ; ବଗ ଯେପରି ନିବିଷ୍ଟ ଚିତ୍ତରେ ଆହାରକୁ ଲକ୍ଷ୍ୟ କରୁଥାଏ, ସେହିପରି ଏକାଗ୍ରତା; କୁକୁର ପରି ପତଳା ନିଦ; ଅର୍ଦ୍ଧ ଭୋଜନଟି ଅପଭ୍ରଂଶ ହୋଇ ଗଧ ଭୋଜନ ହୋଇଛି, ଅର୍ଥାତ୍ ଯାହା ଓ ଯେତିକି ମିଳିବ, ତାକୁ ଖାଦ୍ୟ ରୂପେ ଗ୍ରହଣ କରିବା ସହିତ ଗୃହତ୍ୟାଗୀ ହେବା ଉଚିତ୍।

ଏତେ ସମ୍ମାନ ଦିଆଯିବା ସତ୍ତ୍ୱେ କାଉ, ବଗ, ଗଧ, କୁକୁର କେହି ତ ନିଜ ଅଧିକାର ମାଗି ନାହାନ୍ତି! ମାନ୍ୟବର କୋର୍ଟ କାଳେ କହିଥିଲେ, ସାମାଜିକ ଗଣମାଧ୍ୟମରେ ଯିଏ ନିଜ ପ୍ରକୃତ ପରିଚୟ ଲୁଚାଇ ବିଭିନ୍ନ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ଆକ୍ଷେପ କରି ଆତ୍ମତୃପ୍ତି ପାଆନ୍ତି, ସେମାନେ କାଳେ ନକଲି କାଗଜପତ୍ର ଧରି ବିନା ତଥ୍ୟଗତ ପ୍ରମାଣରେ କିମ୍ବା ଅଧା ଜ୍ଞାନରେ ପଣ୍ଡିତ ବୋଲାନ୍ତି। ମିଡିଆରେ ନିଜ ପତିଆରା ବିସ୍ତାର କରିବାକୁ ଅଶ୍ଳୀଳ ଗାଳି ଗୁଲଜ କରି ନିଜକୁ ମହାପଣ୍ଡିତ ବୋଲାନ୍ତି ସିନା, କିନ୍ତୁ ସେମାନଙ୍କର ପ୍ରକୃତ ଜ୍ଞାନ ନଥାଏ। ତେଣୁ ସେମାନେ ବିନା ମୁଣ୍ଡବାଲା ଅସରପା! ବ୍ୟବସ୍ଥାକୁ ଗାଳିଗୁଲଜ କରି ଏମାନେ ଖୋଲପାରେ ଲୁଚି ଯାଆନ୍ତି। କାରଣ, ସାମ୍ନା କରିବାର ଯୋଗ୍ୟତା ନଥାଏ। ସେଥିପାଇଁ ସେମାନେ ବିଭିନ୍ନ ଗଳାବାଟ ଦେଇ ବ୍ୟବସ୍ଥା-ବିରୋଧୀ ଭାଷଣବାଜି ମାରନ୍ତି। ଧରା ପଡ଼ିବା ଭୟରେ ଫେକ୍ ଆଇଡି ବନେଇ ନିଜ ବାସ୍ତବତାକୁ ଲୁଚାଇ ରଖନ୍ତି।

ଆଉ ବି ଜାଣିଛି, ଆଗ କାଳେ ମଣିଷ ପଢୁଥିବା ସ୍କୁଲରେ ଯିଏ ଦୁଷ୍ଟ ହୁଏ, ତାକୁ ଦଣ୍ଡ ସ୍ୱରୂପ ସାର୍‌ମାନେ ମୁର୍ଗା (କୁକୁଡ଼ା) ବସାନ୍ତି। ପାଠ ନ ଆସିଲେ ଗଧ, ବଦମାସୀ କଲେ ମାଙ୍କଡ଼, ପାଠ ଦେଖି ଲେଖି ନ ପାରିଲେ ବା ଭୁଲ୍ କଲେ ଓଲୁ (ଉଲ୍ଲୁକ/ପେଚା) କୁହାଯାଏ। ଘରଲୋକେ ବି ଏଭଳି ନାଁରେ ଡାକନ୍ତି। ଏମିତିକି ଭାଇ ଭଉଣୀମାନେ ପରସ୍ପରକୁ କୁକୁର, ମାଙ୍କଡ଼, ଶାଗୁଣା, ଡାହାଣୀ, ପିଶାଚୁଣୀ, ଭୂତୁଣୀ ବୋଲି ସମ୍ବୋଧନ କରିଥାନ୍ତି। ସେତେବେଳେ ବି ଏସବୁ ଜୀବ ଓ ଏମିତିକି ଭୂତପ୍ରେତ ନିଜ ମୌଳିକ ଅଧିକାର ମାଗିବାରୁ ବିରତ ହୋଇଛନ୍ତି। ଆମେ ଏମିତି କ୍ଷଣିକ ଖୁସିରେ ବିହ୍ୱଳିତ ହେବା କ'ଣ ଉଚିତ୍ ହେବ?

ଏକଥା ଶୁଣି ମୁଖ୍ୟ ଅସରପା କହିଲା- ସେମାନେ ଦେଶ ଭିତରେ, ଅନ୍ଧବିଶ୍ୱାସରେ ଓ ଆଉ କିଛି ପୁରାଣ ଆଧାରରେ ସୀମିତ ହୋଇ ଯାଇଛନ୍ତି। ଆମେମାନେ ଅସାଧାରଣ। ସେଥିପାଇଁ ସାମାଜିକ ଗଣମାଧ୍ୟମରେ ଆମ ନାଁରେ ରାଜନୀତିକ ପାର୍ଟି ବନା ଗଲାଣି। ଆମେ ପରା ଆନ୍ତର୍ଜାତିକ ସ୍ତରର ବିଷୟବସ୍ତୁ! ସେଥିପାଇଁ ଫଲୋଅର୍ସଙ୍କ ସଂଖ୍ୟା ବୃଦ୍ଧି ପାଉଛି। ତେଣୁ ସରକାର ନହେଲେ ଈଶ୍ୱରଙ୍କୁ ଆମେ ସଂରକ୍ଷଣ ମାଗିବା।

ଏସବୁ ଆଲୋଚନା ଭିତରେ ସବୁଠାରୁ ବୟୋଜ୍ୟେଷ୍ଠ ଅସରପାଟି କହିଲା- ହଁ ଯେ, ତୁମେମାନେ ଯେଉଁମାନଙ୍କ ସହିତ ତୁଳନୀୟ, ସେମାନଙ୍କୁ କେବେ ସୋସିଆଲ୍ ମିଡିଆରେ ଦେଖିଛ? ସେମାନଙ୍କ ଆଚରଣ, ଉଚ୍ଚାରଣ ଓ ବିଚାର ବିଷୟରେ ଅବଗତ ଅଛ? ଯାଇ କି ଦେଖ, ସେମାନଙ୍କ ନାଁରେ ଆମ ଜାତି କିପରି ଅପମାନିତ, ଆମଠାରୁ ସେମାନେ କେତେ ଭୟଙ୍କର! ଆମକୁ ଏଭଳି କୁତ୍ସିତ ମାନସିକତାଧାରୀ ଲୋକଙ୍କ ସହିତ ତୁଳନା କରିଥିବାରୁ ଆମେ ଆନ୍ଦୋଳନ କରିବା ଉଚିତ୍।

ହଠାତ୍ କବାଟ ଖୋଲିଗଲା। ଲୋକ ଜଣକ ସକାଳୁ ବିରକ୍ତିରେ କହୁଥିଲେ- ଭଲ ପାଲା ଲଗେଇଛନ୍ତି ଏ ଅସରପା ଦଳ! ଘର, ଟିଭି, ମୋବାଇଲ୍, ଖବରକାଗଜ- ସବୁଠି ସେଇ ଅସରପା ପ୍ରସଙ୍ଗ! ଏକଜୁଟ୍ ହୋଇ ଆଲୋଚନା କରୁଥିବା ଅସରପାମାନେ ହଠାତ୍ ଗୋଟେ ଶବ୍ଦ ଶୁଣି ବେହୋସ୍ ହୋଇଗଲେ। ଜଣେ କହୁଥିଲା- ଆରେ ଏଇଟା ତ ହିଟ୍ ସ୍ପ୍ରେ! ପରମାଣୁ ବୋମାରେ ସିନା ବଞ୍ଚିଯିବା, ହେଲେ ଅସରପା ମାରକ ସ୍ପ୍ରେ କବଳରୁ କେମିତି ବଞ୍ଚିବା? ଉତ୍ତର ମିଳିଲାନି କିଛି। ଛପି ଯାଇଥିବା ଅସରପା ଦୁଇଟା କିନ୍ତୁ ନିଷ୍ପତ୍ତି ନେଇ ସାରିଥିଲେ, ସେମାନଙ୍କୁ ମେଟାଫର୍ ବନେଇ ବଦନାମ୍ କରୁଥିବା ଲୋକମାନଙ୍କ ଉପରେ ମାନହାନି କେସ୍ ଦାଏର୍ କରିବାକୁ। କାରଣ, ସେମାନେ ଅଧିକ ସଚ୍ଚୋଟ ଓ ନିଷ୍କପଟ, ଯେପରି ଭଗବାନ୍ ବନେଇଛନ୍ତି। ଏମାନଙ୍କ ପରି ସ୍ୱାର୍ଥସର୍ବସ୍ୱ ହୋଇ ମାନବିକତାକୁ ହତ୍ୟା କରି ନାହାନ୍ତି।

**ମୋ: ୯୪୩୭୩୧୭୦୨୬**

# ବହି ମଣିଷ



ତାପସ କୁମାର ନାୟକ

ଏମିତି ବି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜର କୌଣସି ପରିଚୟ, ପ୍ରଶଂସା ବା ଧନର ଆଶା ନ କରି ନିର୍ବିକାର ଭାବ ଓ ଭାବନାର ଶକ୍ତିରେ ସମାଜକୁ ଉନ୍ନତ କରିଥାନ୍ତି। ସେମାନଙ୍କର ଏହି ନିଷ୍ଠା ଓ ସମର୍ପଣ ସମାଜ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟାଇ ଥାଏ, ଯାହା ଭବିଷ୍ୟତ ପିଢ଼ିକୁ ଏକ ଭଲ ଏବଂ ପ୍ରଭାବଶାଳୀ ସମାଜ ଗଢ଼ିବା ପାଇଁ ପ୍ରେରଣା ଦେଇଥାଏ। ଏଭଳି ଜଣେ ଅଜଣା, ଅପରିଚିତ ନାମ ହେଉଛନ୍ତି ଅଙ୍କେଗୌଡ଼ା। ପୁସ୍ତକପ୍ରେମୀ ଓ ପଠନ ସଂସ୍କୃତିର ଜଣେ ନିଷ୍ଠାବାନ୍ ସାଧକ ଅଙ୍କେଗୌଡ଼ାଙ୍କୁ ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ନିଜସ୍ୱ ଚେଷ୍ଟାରେ ପଠନ ଅଭ୍ୟାସର ପ୍ରସାର ପାଇଁ ଏହି ନିରବ ଓ ଅପ୍ରଚାରିତ ନାୟକଙ୍କୁ ଭାରତ ସରକାର ଚିହ୍ନଟ କରି ସ୍ୱୀକୃତି ଦେଇଛନ୍ତି।

ଅଙ୍କେଗୌଡ଼ାଙ୍କ ନିଷ୍ଠା ଏବଂ ପାଠନ ପ୍ରତି ଭଲ ପାଇବା ଆମକୁ ପ୍ରେରଣା ଦେଇଛି ଯେ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ଯଦି ପୁସ୍ତକ ପ୍ରେମକୁ ନିଜ ଜୀବନର ଏକ ଅଂଶ କରିବେ, ତେବେ ସେମାନେ ଭବିଷ୍ୟତରେ ଏକ ବିଶାଳ ପରିବର୍ତ୍ତନ ଆଣି ପାରିବେ। ଏକ ଗ୍ରନ୍ଥାଗାର କେବଳ ପୁସ୍ତକର ଗୋଷ୍ଠୀ ନୁହେଁ, ଏକ ଶିକ୍ଷାର ମଞ୍ଚ, ଯେଉଁଥିରେ ଆପଣ ଆତ୍ମବିକାଶ କରି ପାରିବେ, ନୂତନ ବିଚାର ଗଢ଼ି ପାରିବେ। ଅଙ୍କେଗୌଡ଼ାଙ୍କ ଯାତ୍ରାର ଏହି ଭାବନାରେ ଏବଂ ତାଙ୍କ ନିଷ୍ଠାରେ ପ୍ରଭାବିତ ହୋଇ ଆମେ ସମସ୍ତେ ଏକ ନବୀନ ଯାତ୍ରା ଆରମ୍ଭ କରିବାର ପ୍ରେରଣା ପାଉଛୁ, ଯେଉଁଥିରେ ପଠନ, ଚିନ୍ତନ, ଏବଂ ଜ୍ଞାନର ଆଲୋକ ଆମକୁ ଏକ ଶକ୍ତିଶାଳୀ ଏବଂ ଉଜ୍ଜ୍ୱଳ ସମାଜ ଗଢ଼ିବା ପଥରେ ନେଇଯାଇ ପାରିବ।

ଅଙ୍କେଗୌଡ଼ାଙ୍କ ଜୀବନ ଯାତ୍ରା ଏକ ଦୃଢ଼ ଇଚ୍ଛା ଶକ୍ତିର ଉଦାହରଣ। କର୍ଣ୍ଣାଟକର ମାଣ୍ଡ୍ୟା ଜିଲ୍ଲାର ଚିନକୁରାଳି ଗ୍ରାମର ଏକ ଗ୍ରାମୀଣ ସାଧାରଣ କୃଷକ ପରିବାରରେ ୧୯୪୯ ମସିହା ଜନ୍ମ ନେଇଥିଲେ ସେ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷା ପ୍ରତି ଆଗ୍ରହ କେବେ କମି ନଥିଲା। ଛାତ୍ରବୃତ୍ତି ଓ ବିଭିନ୍ନ ସହାୟତାରେ ସେ ନିଜ ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ। ପରେ ସେ ବସ୍ କଣ୍ଡକ୍ଟର ଭାବେ କାର୍ଯ୍ୟ କରିଥିଲେ ଏବଂ ନିଜ ଅଧ୍ୟବସାୟ ବଳରେ ସ୍ନାତକ ଓ କନ୍ନଡ଼ ଭାଷାରେ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ଏହା ପରେ ପାଣ୍ଡବପୁରାର ଏକ ଚିନି କଳରେ ଫୋର୍‌ମ୍ୟାନ୍ ଭାବେ କାର୍ଯ୍ୟ କରିଥିଲେ ଅଙ୍କେଗୌଡ଼ା। ନିଜ ଦରମାର ପ୍ରାୟ ୬୦ ଶତାଂଶ ପୁସ୍ତକ କ୍ରୟରେ ବ୍ୟୟ କରୁଥିଲେ ଏବଂ ଏକ ଛୋଟ ଘରେ ଏହି ପୁସ୍ତକଗୁଡ଼ିକୁ ସଂଗ୍ରହ କରିଥିଲେ। ପୁସ୍ତକ ପ୍ରତି ତାଙ୍କର ଏହି ଅପାର ଭଲ ପାଇବା କ୍ରମେ ଏକ ବିଶାଳ ସଂଗ୍ରହରେ ପରିଣତ ହେଲା। ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ସମ୍ପୂର୍ଣ୍ଣ ସମୟ ପୁସ୍ତକାଳୟ ପାଇଁ ଉତ୍ସର୍ଗ କରିଦେଲେ। ପୁସ୍ତକ ବ୍ୟତୀତ ଅଙ୍କେଗୌଡ଼ା ଦେଶ ବିଦେଶର ଦୁର୍ଲଭ ମୁଦ୍ରା, ଡାକ ଟିକେଟ୍, ଶୁଭେଚ୍ଛା କାର୍ଡ, ପୁରାତନ କ୍ୟାମେରା ଓ ମାନଚିତ୍ର ମଧ୍ୟ ସଂଗ୍ରହ କରିଛନ୍ତି। ଜ୍ଞାନର ସଂରକ୍ଷଣ ଓ ପ୍ରସାରର ନିଶାରେ ସେ ଏପରି ହଜି ଯାଇଥିଲେ ଯେ ପୁସ୍ତକ କିଣିବା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ବହନ କରିବା ପାଇଁ ସେ ମହୀଶୂରରେ ଥିବା ନିଜ ବାସଭବନକୁ ମଧ୍ୟ ବିକ୍ରୟ କରି ଦେଇଥିଲେ। ସେ ନିଜ ସଫଳତାର ଶ୍ରେୟ ପତ୍ନୀଙ୍କୁ ଦେଇଥାନ୍ତି, ଯିଏକି ପରିବାରର ସମ୍ପତ୍ତି ବିକ୍ରି କରି ପୁସ୍ତକ କିଣିବା ଭଳି କଷ୍ଟକର ସମୟରେ ମଧ୍ୟ ତାଙ୍କ ସହ ଦୃଢ଼ ଭାବରେ ଠିଆ ହୋଇଥିଲେ।

ଏକ କ୍ଷୁଦ୍ର ବ୍ୟକ୍ତିଗତ ପୁସ୍ତକ ସଂଗ୍ରହରୁ ଆରମ୍ଭ ହୋଇଥିବା ଏହି ଜ୍ଞାନଯାତ୍ରା ଆଜି ଦୁଇ ନିୟୁତରୁ ଅଧିକ ପୁସ୍ତକ, ବିଶ୍ୱସ୍ତରୀୟ ପତ୍ରିକା ଓ ଗବେଷଣା ପ୍ରକାଶନକୁ ନିଜ କୋଳରେ ଧାରଣ କରିଥିବା ଏକ ବିରାଟ ଜନଜ୍ଞାନ ମନ୍ଦିରର ରୂପ ନେଇଛି। ନିଜସ୍ୱ ଉଦ୍ୟମ ଓ ଅର୍ଥାୟନରେ ଗଢ଼ି ଉଠିଥିବା ଭାରତର ସର୍ବବୃହତ୍ ଜନ ପୁସ୍ତକାଳୟମାନଙ୍କ ମଧ୍ୟରେ ଏକ ଉଜ୍ଜ୍ୱଳ ନାମ। ପୁସ୍ତକ ସେବା କ୍ଷେତ୍ରରେ ତାଙ୍କର ଅବଦାନ ପାଇଁ ସେ ୨୦୧୪ ମସିହାରେ କର୍ଣ୍ଣାଟକ ରାଜ୍ୟୋତ୍ସବ ପୁରସ୍କାର, ସାହିତ୍ୟ ପରିଚାରକ ପୁରସ୍କାର, ଅପ୍ରତିମ ରତ୍ନ ସମ୍ମାନ ସହ ଅନେକ ସମ୍ମାନ ଲାଭ କରିଛନ୍ତି। ତାଙ୍କର ପୁସ୍ତକାଳୟକୁ କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ ସ୍ୱୀକୃତି ଦେଇଥିବା ବେଳେ ଏହା ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ମଧ୍ୟ ସ୍ଥାନ ପାଇଛି।

ଅଙ୍କେଗୌଡ଼ାଙ୍କ ଏହି ପ୍ରୟାସ ଏକ ପ୍ରେରଣାଦାୟକ ଉଦାହରଣ, ଯାହା ଆମକୁ ଶିଖାଏ ଯେ ନିରବ, ନିଷ୍ଠାବାନ୍ ଏବଂ ସମର୍ପିତ ଚେଷ୍ଟା ଦ୍ୱାରା ବିଶାଳ ପରିବର୍ତ୍ତନ ଅଣାଯାଇପାରେ। ତାଙ୍କର ଗ୍ରନ୍ଥାଗାରକୁ କେନ୍ଦ୍ର ସରକାର ମଧ୍ୟ ସ୍ୱୀକୃତି ଦେଇଛନ୍ତି ଏବଂ ଏହି ପୁସ୍ତକାଳୟ 'ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍'ରେ ମଧ୍ୟ ସ୍ଥାନିତ। ଏହି ଛୋଟ ତଥା ମହାନ ଉଦାହରଣଟି ବାର୍ତ୍ତା ଦେଉଛି- ପଢ଼ିବାର ସଂସ୍କୃତି ଏବଂ ପୁସ୍ତକ ପ୍ରେମରେ ହଜି ଯାଉଥିବା ବ୍ୟକ୍ତିଟି ସାଧାରଣ ଜୀବନରୁ ଅସାଧାରଣ ସଫଳତା ପାଇପାରେ। ଅର୍ଥାତ୍, ସାଧାରଣ ଲୋକମାନେ ଯଦି ନିଜ ରୁଚି, ଲକ୍ଷ୍ୟ ଏବଂ ଚେଷ୍ଟାରେ ଏକାଗ୍ର ରହି ପାରିବେ, ତା'ହେଲେ ସେମାନେ ଏକ ଅଦ୍ୱିତୀୟ ସକାରାତ୍ମକ ପରିବର୍ତ୍ତନ ଆଣି ପାରିବେ।

ବହି ମଣିଷ ଅଙ୍କେଗୌଡ଼ାଙ୍କ କାହାଣୀ ଶିକ୍ଷା ଜଗତକୁ ଏକ ମହାନ ବାର୍ତ୍ତା ଦେଇଥାଏ। ଶିକ୍ଷକ ଏବଂ ଶିକ୍ଷାର୍ଥୀମାନେ ଯଦି ପୁସ୍ତକ ପ୍ରେମକୁ ନିଜ ଜୀବନର ଏକ ଅଂଶ କରିବେ, ତେବେ ସେମାନେ ଭବିଷ୍ୟତରେ ବିଶାଳ ପରିବର୍ତ୍ତନ ଆଣି ପାରିବେ। ଏକ ପାଠାଗାର କେବଳ ପୁସ୍ତକର ସମାହାର ନୁହେଁ; ଏହା ହେଉଛି ଜ୍ଞାନର ତୀର୍ଥକ୍ଷେତ୍ର, ଚିନ୍ତାର ଉଦ୍ୟାନ ଓ ମାନବ ସଭ୍ୟତାର ସ୍ମୃତିକୋଷ, ଯେଉଁଠାରେ ଅତୀତର ଜ୍ଞାନ ଓ ଭବିଷ୍ୟତର ସମ୍ଭାବନାକୁ ଆଲୋକିତ କରେ। ବିଦ୍ୟାଳୟ ଓ ସମାଜରେ ପାଠାଗାରର ସାର୍ଥକ ବ୍ୟବହାର ଜ୍ଞାନର ଦୀପ ଶିଖାକୁ ଘରେ ଘରେ ପ୍ରଜ୍ୱଳିତ କରି ପଢ଼ିବାକୁ ଏକ ସଂସ୍କୃତିରେ ପରିଣତ କରିପାରେ।

ଯେତେବେଳେ ପାଠାଗାର ଲୋକଜୀବନର ସ୍ପନ୍ଦନ ହୋଇଯିବ, ସେତେବେଳେ ଭାରତ ଏକ ଶିକ୍ଷଣଶୀଳ, ସୃଜନଶୀଳ ଓ ପ୍ରଗତିଶୀଳ ସମାଜରେ ରୂପାନ୍ତରିତ ହେବ- ଏଥିରେ ସନ୍ଦେହ ନାହିଁ।

**ଅଧ୍ୟକ୍ଷ, ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ**
**ଖୋର୍ଦ୍ଧା, ମୋ: ୯୪୩୮୫୯୦୬୨୪**

NITIDIN
ନିତିଦିନ
ଶନିବାର, ୨୦ ଜୁନ ୨୦୨୬

# ଆମେରିକା ସହିତ ବାଣିଜ୍ୟ

ଷୋହଳ ମାସର ବ୍ୟବଧାନ ପରେ ଫ୍ରାନ୍ସରେ ଅନୁଷ୍ଠିତ ଜି-୭ ଦେଶମାନଙ୍କ ବୈଠକ ଅବସରରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଯେତେବେଳେ ସାକ୍ଷାତ ହେଲା, ସେ ମୋଦୀଙ୍କ ବିଷୟରେ 'ସେ (ଶ୍ରୀଯୁକ୍ତ ମୋଦୀ) ଜଣେ ପକ୍କା ବ୍ୟବସାୟୀ' ବୋଲି ମନ୍ତବ୍ୟ ଦେଲେ। ଟ୍ରମ୍ପ୍‌ଙ୍କ ବିବୃତିର ବିସ୍ତାରିତ ବିଶ୍ଳେଷଣ କଲେ ଜଣା ପଡ଼ିଯାଏ ଯେ ଏହା ଏକ ଫଳପ୍ରଦ କସରତ ନୁହେଁ- ସେ ପ୍ରାୟ ବାଧ୍ୟବାଧକତାରେ ପ୍ରକାଶ କରିଛନ୍ତି- ବାଣିଜ୍ୟ କାରବାର ଏବଂ ଟାରିଫ୍ ପ୍ରେକ୍ଷାପଟରେ ଭାରତ ଏବଂ ମୋଦୀଙ୍କ ବିଷୟରେ ତାଙ୍କର ଅତ୍ୟଧିକ ଭାବୁକତା ପ୍ରଦର୍ଶନ କରିବାକୁ ଯାଇ, ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନୀରଙ୍କ ସହିତ ଆମେରିକାର ଘନିଷ୍ଠତା ଏବଂ ଆମେରିକାର ଆକ୍ରମଣରେ ତିନି ଜଣ ଭାରତୀୟ ନାବିକଙ୍କ ପ୍ରାଣ ହରାଇବା ପରିପ୍ରେକ୍ଷୀରେ ଯେତେବେଳେ କି ଏସବୁ ନିର୍ଦ୍ଦିଷ୍ଟ ଭାବରେ ଆଶ୍ଚର୍ଯ୍ୟଜନକ ମନେହୁଏ। ଏହି ତିନିଗୋଟିଯାକ ପ୍ରସଙ୍ଗ ମଧ୍ୟରୁ ନିହାତି କମ୍‌ରେ ଦୁଇ ଗୋଟି ଉପରୋକ୍ତ ସମ୍ମିଳନୀ କାଳରେ ଉତ୍‌ଥାପନ କରାଯାଇଥିଲା। ନାବିକମାନଙ୍କ ଜୀବନ ହାନି ସମ୍ବନ୍ଧିତ ଆଲୋଚନାକୁ ହାଲ୍‌କା ଭାବରେ ବାଦ୍ ଦେବା ନିମନ୍ତେ ଭାରତର ଅନିଚ୍ଛୁକତା ପ୍ରଦର୍ଶିତ ହୋଇଥିଲା, ଯେତେବେଳେ ଶ୍ରୀଯୁକ୍ତ ମୋଦୀ ଏହି ପ୍ରସଙ୍ଗ ଦୁଇ ଥର ଟ୍ରମ୍ପ୍‌ଙ୍କ ଉପସ୍ଥିତିରେ ଉଠାଇ ଥିଲେ। ଦ୍ୱିପାକ୍ଷିକ ବୈଠକ କାଳରେ ଟ୍ରମ୍ପ୍ ଉଲ୍ଲେଖ କରିଥିଲେ ଯେ ନାବିକମାନଙ୍କ ନିରାପତ୍ତା ହେଉଛି ଏକ ସାମୂହିକ ଦାୟିତ୍ୱ। ବାଣିଜ୍ୟ ଏବଂ ଟାରିଫ୍ କଥା ମୋଦୀ ଉଠାଇ ନଥିଲେ, କିନ୍ତୁ ଟ୍ରମ୍ପ୍ କହିଥିଲେ ଯେ ଦୁଇ ଦେଶ ଅର୍ଥାତ୍ ଆମେରିକା ଏବଂ ଭାରତ ଏହି କାରବାର ସମ୍ବନ୍ଧିତ ଚୁକ୍ତି ସମ୍ପାଦିତ କରିବାର ବେଶ୍ ନିକଟତର ହୋଇଛନ୍ତି।

ତାଙ୍କର ଦ୍ୱିତୀୟ ପାଳିର ଶାସନ କାଳରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପାଇଁ ଭଲ ଶାସକ ଭାବରେ ବିବେଚିତ ହେବା ଏକ ସର୍ବାଧିକ କଷ୍ଟକର କାର୍ଯ୍ୟ ବୋଲି ତାଙ୍କର ବିଗତ ଦେଢ଼ ବର୍ଷର କାର୍ଯ୍ୟକାଳ ମଧ୍ୟରେ ବିଶ୍ୱର ସବୁ ନେତା ପ୍ରାୟ ଜାଣି ସାରିବେଣି। ବିଶ୍ୱର ଉନ୍ନତ ଔଦ୍ୟୋଗିକ ରାଷ୍ଟ୍ରମାନଙ୍କ ଗୋଷ୍ଠୀ ଜି-୭, ଯାହାର ବୈଠକ ଫ୍ରାନ୍ସରେ ଅନୁଷ୍ଠିତ ହୋଇଥିଲା, ସେଠାରେ ଅନ୍ୟ ରାଷ୍ଟ୍ରମାନେ ତାଙ୍କ ସହିତ ଉତ୍ତମ ଭାବରେ ଆଳାପ ଆଲୋଚନା କରିବାରେ ସକ୍ଷମ ହୋଇଥିଲେ, ଯେଉଁଥିରୁ ବୁଝି ପଡୁଛି ଯେ ଉପସ୍ଥିତ ସବୁ ରାଷ୍ଟ୍ରଙ୍କ ଆବଶ୍ୟକତା ସେମାନଙ୍କୁ ବାଧ୍ୟ କରିଥିଲା ଏପରି କରିବା ପାଇଁ, ଯେଉଁଥିରେ ଅନ୍ତର୍ଭୁକ୍ତ ଇରାନ୍ ଯୁଦ୍ଧ ଯୋଗୁଁ ତାଙ୍କ ଦ୍ୱାରା ସମସ୍ତଙ୍କ ଉପରେ ଲଦି ଦିଆଯାଇଥିବା ଆର୍ଥିକ ଦୁରବସ୍ଥା। ଭାରତ ଏପରି ଏକ ସମ୍ମିଳନୀରେ ଆସନ ଲାଭ କରିବାକୁ ଯୋଗ୍ୟ ନୁହେଁ, ତଥାପି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାରେ ଅନ୍ୟମାନଙ୍କ ମଧ୍ୟରେ ବାରିହୋଇ ପଡୁଥିଲେ- ଟ୍ରମ୍ପ୍‌ଙ୍କ ସହିତ ନିଜର ଘନିଷ୍ଠତା ବଳରେ ତଥା ଏହି ସମ୍ମିଳନୀକୁ ଆତିଥେୟତା ପ୍ରଦାନ କରୁଥିବା ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କ ସହିତ ସମ୍ମିଳନୀରେ ଯୋଗ ଦେଇଥିବା ଅନ୍ୟ ନେତାମାନଙ୍କ ସଙ୍ଗେ ଆଲୋଚନା ପାଇଁ ଉଦ୍ଦିଷ୍ଟ ସମୟରେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ସାମ୍ନାରେ ଦୁଇ ଥର ନାବିକମାନଙ୍କ ନିରାପତ୍ତା ପ୍ରସଙ୍ଗ ଉଠାଇବାରୁ ଜଣାପଡ଼େ ଯେ ଏକ ଦେଶ, ଏକ ମହାସାଗର ଏବଂ ଏକ ମହାଦେଶଠୁ ଅନେକ ଦୂରରେ ଅବସ୍ଥିତ ଗୋଟିଏ ରାଷ୍ଟ୍ର ସହିତ ନିର୍ବୋଧଙ୍କ ଭଳି ଆରମ୍ଭ କରିଥିବା ଯୁଦ୍ଧରୁ ନିଜ ରାଷ୍ଟ୍ରକୁ ମୁକୁଳାଇବା ନିମନ୍ତେ ସେ କେତେ ଆତୁର ହୋଇ ପଡ଼ିଛନ୍ତି। ତାଙ୍କ ଭିତରେ ଆସିଥିବା ଏଭଳି ଏକ ବିରାଟ ପରିବର୍ତ୍ତନ ଇରାନ୍ ସହିତ ଚୁକ୍ତି ସ୍ୱାକ୍ଷର କରିବାରୁ ସ୍ପଷ୍ଟ, ଯେଉଁଥିରେ ପୁନଃନିର୍ମାଣ ପାଣ୍ଠି ଭାବରେ ଆମେରିକା ଇରାନ୍‌କୁ ୩୦୦ ବିଲିଅନ୍ ଡଲାର ପ୍ରଦାନ କରିବ। ଏହା ବାଦ୍ ରହିଛି ହର୍ମୁଜ୍ ପ୍ରଣାଳୀ ଦେଇ ଯାତାୟାତ କରିବାକୁ ଥିବା ଜାହାଜମାନଙ୍କଠାରୁ ଇରାନ୍ ଟୋଲ୍ ଆଦାୟ କରିବାର ସମ୍ଭାବନା। ୬୦ ଦିନର ମୂଲଚାଲ ପରେ ଏପରି ଏକ ଚୁକ୍ତିରେ ସ୍ୱାକ୍ଷର କରିବା ପାଇଁ ସେ ବାଧ୍ୟ ହୋଇଥିଲେ।

ଏଥିରେ ସନ୍ଦେହ ନାହିଁ ଯେ ପଶ୍ଚିମ ଏସିଆରେ ଭ୍ରାନ୍ତ ଦୁଃସାହସିକ କାର୍ଯ୍ୟ ପାଇଁ ଶ୍ରୀଯୁକ୍ତ ଟ୍ରମ୍ପ୍ ଏବଂ ତାଙ୍କ ଆମେରିକା ଧୂଳି ଚାଟିବା ଅବସ୍ଥାକୁ ଆସି ଯାଇଛି, କିନ୍ତୁ ପୂର୍ବ ଦିଗରେ ଇରାକ୍ ଏବଂ ଆଫଗାନିସ୍ତାନ ଉପରେ ଆକ୍ରମଣ କରିବା ବେଳେ ମଧ୍ୟ ଏହାର ଉଦ୍ଦେଶ୍ୟ ସାଧିତ ହୋଇ ନଥିଲା। ଆଉ ଭିଏତ୍‌ନାମ୍ କଥା ତ ନ କହିବା ଭଲ। ଆର୍ଥିକ ଦୁରବସ୍ଥା ପ୍ରଦାନ କରି ଇରାନ୍ ହୁଏତ ଏକ ଭଲ ଶିକ୍ଷା ଦେଇ ପାରିଛି, ଯାହାକୁ ନା ଆମେରିକା, ନା ଅନ୍ୟ କୌଣସି ଦେଶ ସହଜରେ ହଜମ କରି ପାରିଥିଲେ। ବରଂ ଏହା ବିରୁଦ୍ଧରେ ଯୁଦ୍ଧ ସବୁ ଦେଶଙ୍କ ତଣ୍ଟିରେ କଣ୍ଟା ଲାଗିବା ଭଳି ଅବସ୍ଥା ସୃଷ୍ଟି କରିଥିଲା। ଇରାନୀୟ ବନ୍ଦରଗୁଡ଼ିକର ଅବରୋଧ କରିବା ସହିତ ସେଠାରେ ଯୁଦ୍ଧ ଭଳି ଆମେରିକାର କାର୍ଯ୍ୟାନୁଷ୍ଠାନ ଯୋଗୁଁ ନିଜର ତିନି ଜଣ ନାବିକଙ୍କୁ ହରାଇ ଥିବାରୁ ଭାରତ ବାଧ୍ୟ ହୋଇଥିଲା ବିଶ୍ୱର ସାମୁଦ୍ରିକ ପଥଗୁଡ଼ିକୁ ନିରାପଦ ରଖିବା ସମ୍ପର୍କିତ ପ୍ରସଙ୍ଗ ଉତ୍‌ଥାପନ କରିବାକୁ, ଯାହା ଫଳରେ ବୈଶ୍ୱିକ ବାଣିଜ୍ୟ କାରବାର ସୁରୁଖୁରୁରେ ସମ୍ପନ୍ନ ହୋଇ ପାରିବ। ଏହି ଆଳରେ ଶ୍ରୀଯୁକ୍ତ ମୋଦୀ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ସହିତ କଥାବାର୍ତ୍ତା କରିବାର ସୁଯୋଗ ଲାଭ କରିଥିଲେ ଏବଂ ଆମେରିକୀୟ ରାଷ୍ଟ୍ରପତି ତାଙ୍କର ଭୂରି ଭୂରି ପ୍ରଶଂସା କରିଥିଲେ। କିନ୍ତୁ ଇରାନ୍ ସହିତ ଶାନ୍ତି ପ୍ରତିଷ୍ଠା ପାଇଁ ସେ ଭାରତକୁ ସବୁ ଥର ଏଡ଼ାଇ ଯାଇ ପାକିସ୍ତାନ ପ୍ରତି ତାଙ୍କର ଅନୁକୂଳ ମନୋଭାବ ପ୍ରଦର୍ଶନ କରିଥିଲେ। ଏବେ ଶ୍ରୀଯୁକ୍ତ ଟ୍ରମ୍ପ୍ ଭାରତ ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରତି ଏକ ଭିନ୍ନ ମନୋଭାବ ପୋଷଣ କରିଥିବାରୁ ଭାରତ ପାଇଁ ହୁଏତ ଆଶାବାଦଟିଏ ଜାଗ୍ରତ ହୋଇପାରେ ଯେ ଏଥିରୁ କିଛି ଫାଇଦା ଉଠାଯାଇ ପାରିବ ଏବଂ ଦୁଇ ଦେଶ ପାଇଁ ତାହା ଲାଭଜନକ ହେବ। ଏହି ଦୃଷ୍ଟିରୁ ଅନ୍ତତଃପକ୍ଷେ ଜି-୭ ସମ୍ମିଳନୀ ଏବଂ ଶ୍ରୀଯୁକ୍ତ ଟ୍ରମ୍ପ୍‌ଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନା ପୁଣି ଥରେ ଘଡ଼ିର ପେଣ୍ଡୁଲମ୍‌କୁ ଭାରତ ସପକ୍ଷରେ ଝୁଲାଇ ଥିବା କୁହାଯାଇପାରେ। ଏହି ଅବସରରେ ତେଣୁ ଆଉ ଅଧିକ କାଳ ବିଳମ୍ବ ନ କରି ଆମେରିକା ସହିତ ଏକ ବାଣିଜ୍ୟ କାରବାର ସମ୍ପର୍କିତ ଚୁକ୍ତି କରିବା ଆବଶ୍ୟକ।

# ବାଣୀକଲ୍ୟାଣଙ୍କ ସ୍ମୃତିରେ



ପ୍ରଭୁକଲ୍ୟାଣ ମହାପାତ୍ର

ବାଣୀକଲ୍ୟାଣ ମହାପାତ୍ର ଜଣେ ସ୍ନେହୀ, ସରଳ, ଦରଦୀ, ପରୋପକାରୀ, ବନ୍ଧୁବତ୍ସଳ ଓ ମିଷ୍ଟଭାଷୀ ବ୍ୟକ୍ତି ଥିଲେ। ନିଜର ଭଦ୍ର, ମାର୍ଜିତ ତଥା ଅମାୟିକ ବ୍ୟବହାର ଦ୍ୱାରା ଅଳ୍ପ ସମୟ ଭିତରେ ସେ ଅଜଣା ଲୋକଙ୍କୁ ଆପଣାର କରି ନେଉଥିଲେ। ସମ୍ଭବତଃ ସେଥିପାଇଁ ତାଙ୍କ ବିୟୋଗରେ ସମାଜର ବିଭିନ୍ନ ବର୍ଗର ଜନତାଙ୍କ ଭିତରେ ଗଭୀର ଶୋକର ଉଚ୍ଛ୍ୱାସ ପ୍ରକାଶ ପାଇଲା।


ସରସ୍ୱତୀ ପୂଜା ଦିନ ଜନ୍ମଗ୍ରହଣ କରିଥିବାରୁ ତାଙ୍କ ନାମ ବାଣୀକଲ୍ୟାଣ ରଖାଯାଇଥିଲା। ତେବେ ଆତ୍ମୀୟସ୍ୱଜନ, ବନ୍ଧୁବାନ୍ଧବ ଏବଂ ନିଜ ଭଦ୍ରକ ଅଞ୍ଚଳରେ ସେ 'ଗୁଟୁ' ନାମରେ ପରିଚିତ ଥିଲେ। ଗୁରୁଜନମାନେ ତାଙ୍କୁ ଗୁଟୁ ବୋଲି ସମ୍ବୋଧନ କରୁଥିବା ବେଳେ ଅନ୍ୟମାନଙ୍କର ସେ ଥିଲେ ଆଦରର ଗୁଟୁବାବୁ, ଗୁଟୁଦାଦା, ଗୁଟୁ ଭାଇ ଇତ୍ୟାଦି।

ପରୋପକାର ଓ ଦରଦୀ ମନୋଭାବ ଥିଲା ଗୁଟୁଙ୍କ ବ୍ୟକ୍ତିତ୍ୱର ଅନ୍ୟତମ ମହନୀୟ ଗୁଣ। ଗୋଟିଏ ଛୋଟିଆ ଘଟଣାର ଅବଧାରଣାରୁ ହିଁ ତାଙ୍କ ଦରଦୀପଣିଆ ସଂପର୍କରେ ଜଣେ ସହଜରେ ଅନୁମାନ କରି ପାରିବ। ସେତେବେଳେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଅଳ୍ପ ସଂଖ୍ୟକ ବସ୍ ଚଳାଚଳ କରୁଥିଲା। ଟ୍ୟାକ୍ସି, ଅଟୋରିକ୍ସା, ମୋଟର ସାଇକେଲ, ସ୍କୁଟର ଆଦିର ପ୍ରଚଳନ ପ୍ରାୟ ନଥିଲା। ତେଣୁ ପରିବହନ ପାଇଁ ଲୋକମାନଙ୍କୁ ମୁଖ୍ୟତଃ ବସ୍ ଉପରେ ହିଁ ନିର୍ଭର କରିବାକୁ ପଡୁଥିଲା। ଭଦ୍ରକ ଓ ଚାନ୍ଦବାଲି ଏକ ଜନବହୁଳ ଅଞ୍ଚଳ ହୋଇଥିବାରୁ ବସ୍‌ରେ ସର୍ବଦା ମାତ୍ରାଧିକ ଯାତ୍ରୀଙ୍କ ଭିଡ଼ ଲାଗି ରହୁଥିଲା। ସେହି ସମୟରେ ଜିପ୍ ସହିତ ସାମଞ୍ଜସ୍ୟ ଥିବା ଚାରିଚକିଆ ଗାଡ଼ି 'ଟ୍ରେକର' ରାଜ୍ୟ ରାଜପଥରେ ବା ରାସ୍ତାରେ ପ୍ରବେଶ କଲା। ସେତେବେଳେ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ମଧ୍ୟ ଅଳ୍ପ ସଂଖ୍ୟକ ଟ୍ରେକର ଚଳାଚଳ ଆରମ୍ଭ କରିଥିଲା, ଯାହା ଭିତରେ ବାଣୀକଲ୍ୟାଣଙ୍କର ଟ୍ରେକର ଥିଲା ଅନ୍ୟତମ। ସେହି ରାସ୍ତାରେ ଟ୍ରେକର ଚଳାଚଳ କରିବା ଫଳରେ ବସ୍‌ଗୁଡ଼ିକର ମାତ୍ରାଧିକ ଭିଡ଼ରୁ ଯାତ୍ରୀମାନଙ୍କୁ ଆଶ୍ୱସ୍ତି ମିଳିଥିଲା। ଅନ୍ୟ ପକ୍ଷରେ, ସନ୍ତୋଷଜନକ ସଂଖ୍ୟାରେ ଯାତ୍ରୀ ପରିବହନ କରି ଟ୍ରେକର ମାଲିକ ମଧ୍ୟ ବ୍ୟବସାୟିକ ଦୃଷ୍ଟିରୁ ଲାଭବାନ ହୋଇଥିଲେ। କିନ୍ତୁ ଗୁଟୁ ବା ବାଣୀକଲ୍ୟାଣଙ୍କ ଟ୍ରେକର ଥିଲା ବ୍ୟତିକ୍ରମ। ଅର୍ଥାତ୍ ଆବଶ୍ୟକ ସଂଖ୍ୟକ ଯାତ୍ରୀ ପରିବହନ ସତ୍ତ୍ୱେ ସେହି ଟ୍ରେକରଟି ଆର୍ଥିକ ଲାଭ ହାସଲ କରିପାରି ନଥିଲା। କାରଣ, ଭଦ୍ରକରୁ ଦୋଳସାହି, ତିହିଡ଼ି ପ୍ରଭୃତି ଗନ୍ତବ୍ୟସ୍ଥଳକୁ ଯାତ୍ରା କରୁଥିବା ଅଧିକାଂଶ ଲୋକ ଥିଲେ ମାଗଣା ଯାତ୍ରୀ। ଲୋକମାନେ ବିଭିନ୍ନ ଆଳ ଦର୍ଶାଇ ଯାତ୍ରୀ ଭଡ଼ା ଦେବାକୁ ଅନିଚ୍ଛା ବା ଅସାମର୍ଥ୍ୟତା ପ୍ରକାଶ କରୁଥିଲେ। ଅପର ପକ୍ଷେ, ବାଣୀକଲ୍ୟାଣ ମଧ୍ୟ ତାଙ୍କର ସ୍ୱଭାବସୁଲଭ ଉଦାର ହୃଦୟରେ ସେମାନଙ୍କୁ ନିୟମିତ ଯାତ୍ରାର ସୁଯୋଗ ଦେଇ ଶେଷରେ ଦେବାଳିଆ ହୋଇ ଯାଇଥିଲେ। ସେତେବେଳେ ତାଙ୍କ ସହିତ ଟ୍ରେକର ମାଲିକ ସାଜିଥିବା ଅଧିକାଂଶ ବ୍ୟକ୍ତିଙ୍କ ଆର୍ଥିକ ସ୍ଥିତିରେ

**ଏକାଦଶାହ ଉପଲକ୍ଷେ**

ଯଥେଷ୍ଟ ଉନ୍ନତି ଘଟିଥିଲେ ସୁଦ୍ଧା ବାଣୀକଲ୍ୟାଣ ନିଜର ଦରଦୀ ଓ ପରୋପକାର ମନୋଭାବ ଲାଗି ଗୁରୁତର ଆର୍ଥିକ କ୍ଷତିର ସାମ୍ନା କରିଥିଲେ।

ବନ୍ଧୁବତ୍ସଳ ମନୋଭାବ ଥିଲା ବାଣୀକଲ୍ୟାଣଙ୍କ ଚରିତ୍ରର ଆଉ ଏକ ସୁଗୁଣ। ଯେ କୌଣସି ପ୍ରତିକୂଳ ପରିସ୍ଥିତି ବା ପରିବେଶରେ ସେ ରହୁଥିଲେ, ସେଠାରେ ନିଜର ସାଙ୍ଗ ବା ବନ୍ଧୁ ଯୋଗାଡ଼ କରି ନେଉଥିଲେ। ବନ୍ଧୁମାନଙ୍କ ସହିତ ତାଙ୍କର ସଂପର୍କ ଏପରିକି ଆତ୍ମୀୟସ୍ୱଜନମାନଙ୍କଠାରୁ ମଧ୍ୟ ଅଧିକ ନିବିଡ଼ ଥିଲା। ସାଙ୍ଗସାଥୀ ମେଳରେ ଭୋଜିଭାତର ଆୟୋଜନ ଏକ ନିୟମିତ କାର୍ଯ୍ୟକ୍ରମ ଥିଲା। ଆଉ ସେହି ଭୋଜିରେ ରୋଷେଇ କରିବା ଦାୟିତ୍ୱ ସେ ନିଜେ ବହନ କରୁଥିଲେ। ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ସେ ଧୂରନ୍ଧର ବା ସିଦ୍ଧହସ୍ତ ଥିଲେ।



ଖଣି ଖାଦାନ ଠିକାଦାର, ସେଚ ବିଭାଗର କଣ୍ଟ୍ରାକ୍ଟର, ଟ୍ରେକର ଚଳାଚଳ, ଚିଙ୍ଗୁଡ଼ି ଚାଷ ଆଦି ବ୍ୟବସାୟରୁ ସେ ଯେତେ ଅର୍ଥରାଶି ଉପାର୍ଜନ କରୁଥିଲେ, ତା'ର ସିଂହଭାଗ ସାଙ୍ଗମାନଙ୍କ ଗହଣରେ ଖର୍ଚ୍ଚ କରି ଦେଉଥିଲେ। ଏଥି ଯୋଗୁଁ, ଅର୍ଥାତ୍ ଏହି ଖର୍ଚ୍ଚୀ ସ୍ୱଭାବ ପାଇଁ ସେ ଅନେକ ସମୟରେ ଚରମ ଆର୍ଥିକ ସଂକଟର ସମ୍ମୁଖୀନ ହେଉଥିଲେ। ମାତ୍ର ବିବ୍ରତ ବା ବିଚଳିତ ହେଉ ନଥିଲେ।

ଅତିଥି ଚର୍ଚ୍ଚା ତାଙ୍କ ବ୍ୟକ୍ତିତ୍ୱର ଏକ ଅବିଚ୍ଛିନ୍ନ ଅଂଶବିଶେଷ ଥିଲା। ଯେ କୌଣସି ଅତିଥି ଅଭ୍ୟାଗତଙ୍କ ସହିତ ସାକ୍ଷାତ ହୋଇଗଲେ, ସେମାନଙ୍କୁ ବିନା ଆପ୍ୟାୟିତରେ ସେ ଛାଡୁ ନଥିଲେ। ବଜାର ଘାଟରେ ଦେଖା ହୋଇଗଲେ ଖାଇବା ଦୋକାନରେ ଏବଂ ବାସଭବନରେ ସାକ୍ଷାତରେ ସେ ରୋଷେଇ କରି ସେମାନଙ୍କୁ ଚର୍ଚ୍ଚା କରୁଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରତି ବର୍ଷ କାନ୍ତକବିଙ୍କ ଜୟନ୍ତୀ ଉତ୍ସବ କବିଙ୍କ ନିଜ ଗ୍ରାମ ତାଳପଦାରେ ଅନୁଷ୍ଠିତ ହୋଇଥାଏ। ତେବେ ସେହି ଉତ୍ସବରେ ନିମନ୍ତ୍ରିତ ବିଶିଷ୍ଟ ଅତିଥିମାନଙ୍କ ଲାଗି ବାଣୀକଲ୍ୟାଣ ବଡାମ୍ବା ବଣର ବଉଳ ଗଛ ମୂଳେ ରୋଷେଇ କରି ଭୋଜନ ବ୍ୟବସ୍ଥା କରି ଥାଆନ୍ତି। ଏ ବାବଦ ଖର୍ଚ୍ଚ ନିଜ ହାତରୁ ହିଁ ସେ ବହନ କରି ଥାଆନ୍ତି।

ସେହିପରି ଦୋଳ ପୂର୍ଣ୍ଣିମା ଅବସରରେ ଆମ ତାଳପଦା ଗ୍ରାମର ସାଆନ୍ତରା ଉଆସରେ ଦାଣ୍ଡ ମେଳଣ ଅନୁଷ୍ଠିତ ହୋଇଥାଏ। ପୂର୍ବଜମାନଙ୍କ ସମୟରୁ ଆୟୋଜିତ ସେହି ଦାଣ୍ଡ ମେଳଣରେ ନିମନ୍ତ୍ରିତ ଠାକୁରମାନେ ବିମାନରେ ଆସି ମେଳଣ ପଡ଼ିଆରେ ପହଞ୍ଚିବା ପରେ ସେମାନଙ୍କୁ ଭୋଗ ଲାଗି ହୋଇଥାଏ। ଅନ୍ୟ ପକ୍ଷରେ, ଠାକୁର-ବାଡ଼ିଆମାନଙ୍କୁ ପଇଡ଼ ପିଇବାକୁ ଦିଆ ଯାଇଥାଏ ତୃଷା ନିବାରଣ ପାଇଁ। କିନ୍ତୁ ବାଣୀକଲ୍ୟାଣ ସେମାନଙ୍କୁ ପଇଡ଼ ସହିତ କୋଲ୍ଡ ଡ୍ରିଙ୍କ୍ସ, ଆଇସ୍‌କ୍ରିମ୍, ଆବଶ୍ୟକ ସ୍ଥଳେ ଜଳଖିଆ ପ୍ରଭୃତି ଦ୍ୱାରା ଆପ୍ୟାୟିତ କରି ଥାଆନ୍ତି। ଆର୍ଥିକ ସଂକଟଜନିତ ଖର୍ଚ୍ଚ କାଟ୍ ପାଇଁ ପରିବାର ପକ୍ଷରୁ ଯେତେ ପରାମର୍ଶ ଦିଆଗଲେ ମଧ୍ୟ ସେ ମିତବ୍ୟୟିତା ନୀତି ଅବଲମ୍ବନ କରି ପାରନ୍ତି ନାହିଁ।

ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଐତିହାସିକ କାଳିମେଘା ଦୋଳ ମେଳଣ କମିଟିର ସଭାପତି ହିସାବରେ ବାଣୀକଲ୍ୟାଣ ଦୋଳ ପୂର୍ଣ୍ଣିମା ଅବସରରେ ଅନେକ ସମୟରେ ଅବାଞ୍ଛିତ ଚାପର ସମ୍ମୁଖୀନ ହେଉଥିଲେ। ମାତ୍ର ମେଳଣର ସୁରକ୍ଷା ଏବଂ ମର୍ଯ୍ୟାଦା ଦୃଷ୍ଟିରୁ କେତେକ ସମୟରେ ସେ ସେହି ଚାପ ସହିତ ସାଲିସ କରୁଥିଲେ।

ଏଭଳି ବହୁମୁଖୀ ପ୍ରତିଭାର ଅଧିକାରୀ ବାଣୀକଲ୍ୟାଣ ମୋର ସାନଭାଇ ଥିଲେ। ଏହି ଛୋଟିଆ ଆଲେଖ୍ୟ ମାଧ୍ୟମରେ ତାଙ୍କ ଗୁଣାବଳୀ ବର୍ଣ୍ଣନା କରିବା ଆଦୌ ସମ୍ଭବ ନୁହେଁ। କାନ୍ତକବିଙ୍କ କନିଷ୍ଠ ପୁତ୍ର ଗୌରଚନ୍ଦ୍ର ଓ ମୀରା ଦେବୀଙ୍କ ତୃତୀୟ ପୁତ୍ର ହିସାବରେ କୋଳ ମଣ୍ଡନ କରିଥିବା ବାଣୀକଲ୍ୟାଣ ୨୦୨୬ ଜୁନ୍ ୧୦ ତାରିଖରେ ୬୭ ବର୍ଷ ବୟସରେ ସ୍ୱର୍ଗାରୋହଣ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ କୁଳଦେବତା ଶ୍ରୀଗୋପିନାଥ ଜିଉଙ୍କ ଆଶୀର୍ବାଦରୁ ତାଙ୍କ ଆତ୍ମା ସଦ୍‌ଗତି ପ୍ରାପ୍ତ ହେଉ ବୋଲି ପ୍ରାର୍ଥନା କରୁଛି।

**ମୋ: ୯୯୩୭୬୧୧୩୮୯**

**ଲେଖା ପଠାଇବାର ଠିକଣା,** ସମ୍ପାଦକ, **'ନିତିଦିନ',** Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

## ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ



**ବାଲେଶ୍ୱର,୧୯।୬/ଏନ୍‌ଏନ୍‌ଏସ୍:** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ରକ୍ତ ଶିକୁଳି ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲ୍ଲୀପ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ଚଳିତ ବର୍ଷର ବିଶ୍ୱ ରକ୍ତ ଶିକୁଳି ଦିବସର ବିଷୟବସ୍ତୁ- 'କ୍ଲୋଜିଂ ଦି ସରଭାଇଭାଲ୍ ଗେପ୍ : ଇକ୍ୱିଟ୍ ଇନ୍ ସିକିଲସେଲ୍ ଡିଜିଜ୍' ଥିଲା। ଏହି ଅବସରରେ ଡା. ଶ୍ରୀ ଜେନା ସମସ୍ତ ୪୦ ବର୍ଷରୁ କମ୍ ପୁରୁଷ ଏବଂ ସ୍ତ୍ରୀଙ୍କ ରକ୍ତ ଶିକୁଳି ରୋଗର ଚିହ୍ନଟୀକରଣ ନିମନ୍ତେ ନିକଟସ୍ଥ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା କରାଇବା ପାଇଁ ମତପୋଷଣ କରିଥିଲେ। ଡାକ୍ତର ଅମୁଲ୍ୟ କୁମାର ଦାସ ରକ୍ତ ଶିକୁଳି ରୋଗ କିପରି ଗୋଟାଏ ପରିବାରର ମାନସିକ, ସାମାଜିକ ଓ ଆର୍ଥିକ ମାନଦାଣ୍ଡକୁ ଦୋହଲାଇ ଦେଇଥାଏ ସେନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ମଞ୍ଚାସୀନ ଡାକ୍ତର ମନୋଜ ସାହୁ, ଡାକ୍ତର ସଞ୍ଜୀବ ପ୍ରଧାନ ଓ ଡାକ୍ତର ମୃତ୍ୟୁଞ୍ଜୟ ଉପାଧ୍ୟାୟ ଏହି ରୋଗର ଭୟାବହତା ଉପରେ ଆଲୋକପାତ କରିଥିଲେ। ପରେ ଏକ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ମାଧ୍ୟମରେ କୃତି ପ୍ରତିଯୋଗୀ ଏବଂ ଚଳିତ ବର୍ଷରେ ସର୍ବାଧିକ ରକ୍ତ ଶିକୁଳି ରୋଗ ନିମନ୍ତେ ପରୀକ୍ଷା କରିଥିବା ଲାବୋରୋଟେରୀ ଟେକ୍ନିସିଆନ୍‌ଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଚକ୍ରଧର ଜେନା ଧନ୍ୟବାଦ ଦେଇଥିଲେ।

# ଆଖଣ୍ଡଳମଣିଙ୍କ ବିବାହରେ ୩୦ ହଜାର ଭକ୍ତଙ୍କ ସମାଗମ

## ବରାନୁଗମନ ଶୋଭାଯାତ୍ରାରେ ଦୁଲୁକିଲା ପୀଠ

**ଭଦ୍ରକ,୧୯।୬/ଏନ୍‌ଏନ୍‌ଏସ୍:** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବ ବିବାହ ପାଇଁ ଶୁକ୍ରବାର ଆରଡ଼ି ପୀଠ ଉତ୍ସବମୁଖର ହୋଇଉଠିଥିଲା। ଏହି ପରିପ୍ରେକ୍ଷୀରେ ଦେବଦମ୍ପତିଙ୍କ ଯୁଗୋଳ ମୂର୍ତ୍ତି ଦର୍ଶନ ପାଇଁ ୩୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଭିଡ଼ ଜମିଥିଲା। ମଧ୍ୟରାତ୍ରରେ ଦେବଦମ୍ପତି ବିବାହ ବନ୍ଧନରେ ବାନ୍ଧି ହେବା ପରେ ଶ୍ରଦ୍ଧାଳୁ ଯୁଗୋଳ ମୂର୍ତ୍ତିଙ୍କ ଦର୍ଶନ ପାଇଥିଲେ। ବୈଦିକ ରୀତିନୀତି ଓ

### ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ବାବା





ଲୋକାଚାରରେ ମାନବୀୟ ଲୀଳା ଭାବେ କନ୍ୟାପିତା ବିଚିତ୍ର ପାଢ଼ୀଙ୍କ ପକ୍ଷରୁ ମଣିବାବାଙ୍କୁ ବରଣ ନିମନ୍ତେ ପାର୍ବତୀଙ୍କ ଭାଇ ଭାବେ ପବନପୁତ୍ର ହନୁମାନ ଏକ ଶୋଭାଯାତ୍ରାରେ ବାହାରି ପୀଠ ଓ ମୁଖ୍ୟ ବଜାର ପରିକ୍ରମା କରିବା ପରେ ବରପିତା ଗଦାଧର ପାଢ଼ୀଙ୍କ ଘରେ ପହଞ୍ଚିବା ପରେ ବ୍ରାହ୍ମଣ ଓ ଜ୍ୟୋତିଷଙ୍କ ଦ୍ୱାରା ବରଣ ନୀତି କରାଯାଇଥିଲା। ଏହି ଶୋଭାଯାତ୍ରରେ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ ସାଙ୍ଗକୁ ରାଜସ୍ଥାନ ଅଘୋରୀ ନୃତ୍ୟ, ବ୍ରହ୍ମପୁରର ଯୋଡ଼ିଶଙ୍ଖ, କଙ୍କାଳ ନୃତ୍ୟ, କଲିକତା ମେଦିନପୁରର ମୟୁରବୂଳିଆ ବାଦ୍ୟ, କେନ୍ଦୁଝରର କଳସ ନୃତ୍ୟ, ଦେବଗଣଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ସଙ୍କୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟବାଦ୍ୟକାରମାନେ ଯୋଗ ଦେଇଥିଲେ। ଅପରାହ୍ଣ ୪ଟାରେ ମଣିବାବା ଓ ମାତା ପାର୍ବତୀଙ୍କୁ ରାଜରାଜେଶ୍ୱର ବେଶରେ ସଜ୍ଜିତ କରାଯିବା ପରେ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ଦିଅଁ ମଙ୍ଗୁଳା ଓ ହଳଦୀପାଣି ନୀତି କରାଯାଇଥିଲା। ସଂଧ୍ୟା ୭ଟାରେ ଦେବଦେବ ମହାଦେବ ବର ରୂପେ ବିମାନରେ ବିଜେ କରି ବରାନୁଗମନ ଶୋଭାଯାତ୍ରାରେ ବାହାରିଥିଲେ। ଏହି ଶୋଭାଯାତ୍ରରେ ଭକ୍ତ ଓ ଭଗବାନଙ୍କ ମହାମିଳନ ହୋଇଥିଲା। ରାତ୍ର ୧ଟା ଯାଏଁ ଶୋଭାଯାତ୍ରା ଚାଲିବା ପରେ ମନ୍ଦିର ସମ୍ମୁଖରେ ନିର୍ମିତ ବିବାହ ମଣ୍ଡପରେ ଦେବଦମ୍ପତିଙ୍କ ବିବାହ କାର୍ଯ୍ୟ ଲୋକାଚାରରେ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବାବେଳେ ପୁଲିସ୍ ପ୍ରଶାସନ ପକ୍ଷରୁ ମଧ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ବାବାମଣି ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସେବା ଯୋଗାଇଥିଲେ। ପିରାହାଟର ପ୍ରଦେଶ ସେବା ସଂଗଠନ, ସତ୍ୟସାଇ ସେବା ସଂଗଠନ, ଜିଲ୍ଲା ରକ୍ତ ସଂଗଠନ ଓ ଜଗାଚାକର ସଂଘ ଆଦି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା।

## ପୁଣି ବିଡିଓ ପରିଚୟ ଦେଇ ଲୁଟିଲେ ସୁନାଗହଣା

**ସୋର,୧୯।୬/ଏନ୍‌ଏନ୍‌ଏସ୍:** ସୋର ଥାନା କେଦାରପୁର ପଞ୍ଚାୟତରେ ଦୁଇ ଜଣ ଯୁବକ ବିଡିଓ ପରିଚୟ ଦେଇ ସୁନାଗହଣା ଓ ମୋବାଇଲ୍ ଲୁଟି ନେଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ସୂଚନାନୁସାରେ ଏହି ଗ୍ରାମର ସରସ୍ୱତୀ ପ୍ରଧାନଙ୍କ ଘର ପାଖକୁ ଦୁଇ ଜଣ ଯୁବକ ଏକ ପଲସର୍ ବାଇକ୍‌ରେ ଆସି ନିଜକୁ ବିଡିଓ ବୋଲି ପରିଚୟ ଦେଇ ତାଙ୍କୁ ଇନ୍ଦିରା ଆବାସ ଘର କରିବା ପାଇଁ ପ୍ରବର୍ତ୍ତାଇଥିଲେ। କିନ୍ତୁ ସରସ୍ୱତୀଙ୍କ ପାଖରେ ଟଙ୍କା ନଥିବାରୁ ସେ ଘର କରିବା ପାଇଁ ଅସହାୟତା ପ୍ରକାଶ କରିଥିଲେ। ଫଳରେ ଉକ୍ତ ଯୁବକ ଦ୍ୱୟ ସୁନା ଋଣ କରିଦେବା ପାଇଁ କହି କ'ଣ ସୁନାଗହଣା ଅଛି ଦେଖାଅ ବୋଲି କହିଥିଲେ। ଏଥିରେ ସରସ୍ୱତୀ ରାଜି ନହେବାରୁ ଘରେ ଥିବା ତାଙ୍କ ଝିଅ ଉଷସୀଙ୍କୁ ଜୀବନରୁ ମାରିଦେବାକୁ ଧମକାଇ ଥିଲେ। ଫଳରେ ଉଷସୀ ଅନ୍ୟ ଉପାୟ ନ ପାଇ ସେ ପିନ୍ଧିଥିବା ସୁନା ମଙ୍ଗଳସୂତ୍ର, ସୁନା ପଲା ଓ ଏକ ସୁନା ମୁଦି ତାଙ୍କୁ ଦେଇଥିଲେ। ଯୁବକ ଦ୍ୱୟ ଯିବାବେଳେ ଉଷସୀଙ୍କ ମୋବାଇଲ୍ ଫୋନ୍‌କୁ ସାଥୀରେ ନେଇ ଫେରାର୍ ହୋଇଯାଇଥିଲେ। ଏ ବାବଦରେ ଉଷସୀ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉକି ଗତ କିଛିଦିନ ତଳେ ତୁଣ୍ଡପଡ଼ା ଗ୍ରାମରୁ ବିଡିଓ ପରିଚୟ ଦେଇ ଏଭଳି ଭାବେ ଲୁଟ୍ ହୋଇଥିଲା। ତେବେ ପୁଲିସ୍ ଉକ୍ତ ଲୁଟେରାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

## ଆକାଂକ୍ଷା ଆଇଟି ହବ୍‌ରେ ନିଯୁକ୍ତି ଅଭିଯାନ



**ବାରିପଦା,୧୯।୬/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ବାରିପଦା ଆଇଟିଡିଏ ଓ ଇନଫୋକ୍ରିଏଟିଭ୍ସର ଏକ ମିଳିତ ପ୍ରୟାସରେ ପରିଚାଳିତ ବାରିପଦାସ୍ଥିତ ଆକାଂକ୍ଷା ଆଇଟି ହବ୍ ପକ୍ଷରୁ ନିଯୁକ୍ତି ଅଭିଯାନ ଆୟୋଜିତ ହୋଇଯାଇଛି। ଏହି ଅଭିଯାନରେ ୫ଟି ପ୍ରମୁଖ ଆଇଟି କମ୍ପାନୀ ଏବଂ ଅଣଆଇଟି କମ୍ପାନୀଙ୍କୁ ଗୋଟିଏ ନିଯୁକ୍ତି ମଞ୍ଚରେ ଏକାଠି କରାଯାଇଥିଲା।

### ୫୦ ପ୍ରାର୍ଥୀଙ୍କ ଅଂଶଗ୍ରହଣ

ଗଠନମୂଳକ ବୈଷୟିକ ଏବଂ ନିଯୁକ୍ତିଭିତ୍ତିକ ପ୍ରଶିକ୍ଷଣ ଗ୍ରହଣ କରିବା ପରେ ପ୍ରାୟ ୫୦ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୁପରଭିଜନ୍ ଓ ସମନ୍ୱୟ ରକ୍ଷା ଇନଫୋକ୍ରିଏଟିଭ୍ସର ପ୍ରତିଷ୍ଠାତା ଙ୍ଗ ସୌମ୍ୟରଞ୍ଜନ ମିଶ୍ରଙ୍କ ଦ୍ୱାରା କରାଯାଇଥିବାବେଳେ ରାଜ୍ୟର ଦକ୍ଷତା ବିକାଶ ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସ୍ଥାପନ କରିବ ବୋଲି ଜଣାଯାଇଛି। ଗତ ଜାନୁଆରୀରୁ ସୀମନ୍ତ ଇଞ୍ଜିନିୟରିଂ କଲେଜ, ଏମ୍‌ପିସି ସ୍ୱୟଂଶାସିତ କଲେଜ ଓ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବିଟେକ୍, ବିସିଏ, ଏମ୍‌ସିଏ ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଶିଳ୍ପ ବିଶେଷଜ୍ଞଙ୍କ ଦ୍ୱାରା ଜାଭା ଏବଂ ପାଇଥନ୍ ଉପରେ ସମ୍ପୂର୍ଣ୍ଣ ମାଗଣା ବ୍ୟବସାୟିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ବର୍ତ୍ତମାନ ସମଗ୍ର ଓଡ଼ିଶାରେ ନିଯୁକ୍ତି ଦକ୍ଷତା ବୃଦ୍ଧି ଏବଂ ଶିଳ୍ପ ସଂଯୋଗୀକରଣ କ୍ଷେତ୍ରରେ ଏହି ପ୍ରୟାସ ଏକ ଅଗ୍ରଗାମୀ ମଡେଲ୍ ସାବ୍ୟସ୍ତ ହୋଇଛି।

## ଛତୁଆ ଶ୍ମଶାନରେ ଆଲୁମିନିୟମ୍ ଚୁଲା ବ୍ୟବସ୍ଥା

**ବାଲେଶ୍ୱର,୧୯।୬/ଏନ୍‌ଏନ୍‌ଏସ୍:** ବାଲେଶ୍ୱର ସହର ଟୁଲଙ୍ଗ ସାହିସ୍ଥିତ ଛତୁଆ ଶ୍ମଶାନରେ ଶବଦାହ ସେବା ନିମନ୍ତେ ୨ଟି ଆଲୁମିନିୟମ୍ ଚୁଲା ବ୍ୟବସ୍ଥା କରାଯାଇଛି। ଏଥିରେ ୫୦ ପ୍ରତିଶତ କମ୍ କାଠ ଖର୍ଚ୍ଚ ହେବ। ସମାଜସେବୀ ମନୋଜ କୁମାର ରାଉତ ଓ ରବୀନ୍ଦ୍ର ସାହାଣୀଙ୍କ ସୌଜନ୍ୟ ତଥା ଆର୍ଥିକ ସହଯୋଗରେ ଏହି ଚୁଲା ବ୍ୟବସ୍ଥା କରାଯାଇଛି। ଏଥିସହ ବର୍ଷା ଦିନ ଓ ସନ୍ତସନ୍ତିଆ ସମୟରେ ମଧ ଏହା ବେଶ୍ ଉପଯୋଗୀ ଓ ସହଜସାଧ ହେବ। ଏହାଦ୍ୱାରା ବିଶେଷଭାବେ ମଠସାହି, ଟୁଲଙ୍ଗସାହି, ମଲ୍ଲୀକାଶପୁର, ବୈରାମନଗର, ମାକଲପୁର, କାଶୀମାବାଦ, ନଲମଗଞ୍ଜ, ଭୋଇସାହି ଆଦି ଗ୍ରାମ ଓ ସହରାଞ୍ଚଳର ଗରିବ, ମଧ୍ୟବିତ୍ତ ତଥା ସବୁବର୍ଗର ଜନସାଧାରଣ ଉପକୃତ ହେବେ। ଏହି ଚୁଲା ସ୍ଥାପନ ସମୟରେ ଅଞ୍ଚଳବାସୀଙ୍କ ମଧ୍ୟରେ ମାନସ ରଞ୍ଜନ ଭୋଇ, ମହେଶ୍ୱର ତାଲଦୀ, ରବି ନାରାୟଣ ରାଓ, ବୀରେନ୍ଦ୍ର ସେଠୀ, ପ୍ରାଣବନ୍ଧୁ ମହାପାତ୍ର, ଅକ୍ଷୟ ଦାସ, ପର୍ଶୁରାମ ଚାନ୍ଦ, ବିଶ୍ୱନାଥ ସେଠୀ, ସଞ୍ଜୟ ପାହାଡ଼ି, ନବଜୀବନ ଭୋଇ, ହେମନ୍ତ ବେହେରା, ଗିରିଧାରୀ ବେହେରା, ସନ୍ତୋଷ ଭୋଇ, ହରିଶ ବେହେରା, ଶୁଭେନ୍ଦୁ ରାଜ, ସତ୍ୟବ୍ରତ ଦାସ, ରମାକାନ୍ତ ବେହେରା, ବିଶ୍ୱମ୍ଭର ଦାସ, ଶୁଭଙ୍କର ଓଝା, ହୃଦାନନ୍ଦ ପାହାଡ଼ି, କରୁଣାକର ବିଶ୍ୱାଳ, କାଳୁ ନାୟକ ଓ ଦୀପକ ବାରିକ ପ୍ରମୁଖ ଶତାଧିକ ଜନସାଧାରଣ ଉପସ୍ଥିତ ରହି ପରିଚାଳନା ଓ ସହଯୋଗ କରିଥିଲେ।



## ପ୍ରାକୃତିକ ବିପର୍ଯ୍ୟୟ ସମ୍ବନ୍ଧୀୟ ମକ୍‌ଡ୍ରିଲ୍

**ବୈଶିଙ୍ଗା,୧୯।୬/ଏନ୍‌ଏନ୍‌ଏସ୍:** ବୈଶିଙ୍ଗା ଥାନା ଅନ୍ତର୍ଗତ ପାଟୋଳିପୁରା ପଞ୍ଚାୟତ ଅଧିନସ୍ଥ ବେଲାଣପୁର ବନ୍ୟା ଆଶ୍ରୟସ୍ଥଳୀରେ ଫୋର୍ଡ, ଜିଲ୍ଲା ପ୍ରଶାସନ ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟି ମିଳିତ ଆନୁକୂଲ୍ୟରେ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାଟୋଳିପୁରା ସରପଞ୍ଚ ମମତା ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ବରେଣ୍ୟ ଅତିଥିଭାବେ ଓସ୍‌ଡମା ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ କୁମାର ଠାକୁର, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଜେଲ୍ ଅଧୀକ୍ଷକ ସନ୍ତୋଷ ଦୁର୍ଗା, ଅଗ୍ନିଶମ ବିଭାଗ ଅଧିକାରୀ ସତ୍ୟବାଦୀ ପଲେଇ ଓ ବେତନଟୀ ଏନ୍‌ଡିଆର୍‌ଏଫ୍ ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ପ୍ରକାର ବିପର୍ଯ୍ୟୟରୁ କିଭଳି ରକ୍ଷା ପାଇବା ଏବଂ ନିଜେ ନିଜକୁ ରକ୍ଷା କରି ଅନ୍ୟଙ୍କୁ ସାହାଯ୍ୟ କରିବା ସେବିଷୟରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଏନ୍‌ଡିଆର୍‌ଏଫ୍ ଦ୍ୱାରା ବିପର୍ଯ୍ୟୟ ବିଷୟରେ ଯନ୍ତ୍ରପାତି ପ୍ରଦର୍ଶିତ କରି ସମସ୍ତଙ୍କୁ ଦେଖାଇଥିଲେ। ଚଳିତ ବର୍ଷ ଡକ୍ଟର ରମାକାନ୍ତ ମହାନ୍ତଙ୍କୁ 'ପରିବେଶ ସୁରକ୍ଷା' ସମ୍ମାନରେ ମାନପତ୍ର, ଉପଢ୍ୌକନ ଓ ଗୋଟିଏ ଫଳ ଗଛ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ପ୍ରତିନିଧି, ସରକାରଙ୍କ ବିଭିନ୍ନ ବିଭାଗୀୟ ଅଧିକାରୀ, ଅଙ୍ଗନବାଡ଼ି, ଆଶାକର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ତିଲକେଶ୍ୱର ଦୁର୍ଗା ଧନ୍ୟବାଦ ଦେଇଥିଲେ।



## ଅଜଣା ଗାଡ଼ି ଧକ୍କାରେ ଜଣେ ମୃତ

**ସୋର,୧୯।୬/ଏନ୍‌ଏନ୍‌ଏସ୍:** ଅନନ୍ତପୁର ଥାନାର ଆହାରପୁର ଘୁଷୁରା ପୋଲ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ଜଣକ ହେଲେ ବାସୁଦେବପୁର ଥାନା ଜଗନ୍ନାଥପୁର କଣ୍ଟାଗଡ଼ିଆ ଗ୍ରାମର ଶଶୀକାନ୍ତ ମଲିକ (୨୮)। ଶଶୀକାନ୍ତ ବାଙ୍ଗାଲୋରରେ ରହି କାମ କରନ୍ତି। କିଛି ଦିନ ତଳେ ଶଶୀକାନ୍ତ ବାଙ୍ଗାଲୋରରୁ ଘରକୁ ଆସିଥିଲେ। ଗୁରୁବାର ବିଳମ୍ବିତ ରାତିରେ ଶଶୀକାନ୍ତ ଟିକେଟ୍ କାଟିବା ପାଇଁ ବାଇକ୍ ଯୋଗେ ଭଦ୍ରକ ରେଳ ଷ୍ଟେସନ୍‌କୁ ଯାଉଥିଲେ। କିନ୍ତୁ ଆହାରପୁର ଘୁଷୁରା ପୋଲ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ଶଶୀକାନ୍ତ ବାଇକ୍ ସହ ୨୦ ଫୁଟ୍ ପୋଲ ତଳକୁ ଖସି ପଡ଼ିଥିଲେ। ଶୁକ୍ରବାର ସକାଳେ ରାସ୍ତାରେ ଯାଉଥିବା ଲୋକେ ଏହା ଦେଖି ଅନନ୍ତପୁର ଥାନାକୁ ଖବର ଦେଇଥିଲେ। ଖବରପାଇ ଅନନ୍ତପୁର ଥାନା ପୁଲିସ୍ ସୋର ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ପୋଲ ତଳ ପାଣିରୁ ବାଇକ୍ ସହ ଶଶୀକାନ୍ତଙ୍କୁ ଉଦ୍ଧାର କରି ସୋର ମେଡିକାଲ୍‌କୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗମୂଳେ ପୁଲିସ୍ ଏକ ମାମଲା ରୁ କରି ଶବ ବ୍ୟବଚ୍ଛେଦ କରିଥିଲା। ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଫେଇ କାର୍ଯ୍ୟକ୍ରମ ଓ ସାଇକେଲ୍ ରାଲି



**ବାରିପଦା,୧୯।୬/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ ଅବସରରେ 'ସ୍ୱଚ୍ଛତା ସେ ସ୍ୱାଗତ' ଅଭିଯାନ ଅନ୍ତର୍ଗତ ବାରିପଦା ପୌରପାଳିକା ପକ୍ଷରୁ ଛଉ ପଡ଼ିଆରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାସହ କଲେକ୍ଟରେଟ୍ ପରିସରରୁ ଏକ ସାଇକେଲ୍ ରାଲି ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନଗର ଉନ୍ନୟନ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ପ୍ରତି ସମସ୍ତଙ୍କୁ ସଚେତନ ହେବାସହ ସ୍ୱଚ୍ଛ ଓ ସୁନ୍ଦର ବାରିପଦା ଗଠନରେ ସକ୍ରିୟ ଭାବେ ସହଯୋଗ କରିବାକୁ ଆହ୍ୱାନ ଜଣାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବାରିପଦା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌରପାଳିକାର ନଗରପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ କାଉନ୍‌ସିଲର୍‌ବୃନ୍ଦ, ସତ୍ୟସାଇ ସେବା ସଂସ୍ଥାର ସଦସ୍ୟବୃନ୍ଦ, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ପୌରପାଳିକାର କର୍ମଚାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ପ୍ରତିନିଧି ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତ ଅଂଶଗ୍ରହଣକାରୀ ସ୍ୱଚ୍ଛତାର ବାର୍ତ୍ତାକୁ ଜନସାଧାରଣଙ୍କ ମଧ୍ୟରେ ପହଞ୍ଚାଇବା ସହିତ ପରିବେଶ ସୁରକ୍ଷା ଏବଂ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ବାହାନଗା,୧୯।୬/ଏନ୍‌ଏନ୍‌ଏସ୍:** ଗୋପାଳପୁର ଥାନା ଅନ୍ତର୍ଗତ ଓଡ଼ଶାଳ ପଞ୍ଚାୟତର ଗୁଲୁପୁର ଗ୍ରାମର ଜଣେ ବୃଦ୍ଧ ବିଲ ପୋଖରୀରେ ପଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ରବିନ୍ଦ୍ର ବିଶ୍ୱାଳ (୫୩)। ରବିନ୍ଦ୍ର ଶୁକ୍ରବାର ସକାଳେ ପ୍ରତିଦିନ ପରି ପକ୍କା କାମ କରିବା ପାଇଁ ଯାଇଥିଲେ। କାମ ସାରି ଘରକୁ ଦିନ ୧୨ଟା ୩୦ରେ ଫେରି ପରିବାର ଲୋକଙ୍କୁ କହି ଗାଧୋଇବା ପାଇଁ ବିଲ୍ ଆଡ଼ ପୋଖରୀକୁ ଯାଇଥିଲେ। ଏହି ସମୟରେ ପୋଖରୀରେ ବୁଡ଼ି ଯାଇଥିଲେ। ଅନେକ ସମୟ ଧରି ରବିନ୍ଦ୍ର ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିବା ସମୟରେ ବିଲ ପୋଖରୀରେ ଭାସୁଥିବା ଦେଖିଥିଲେ। ପରିବାର ଲୋକ ତାଙ୍କୁ ଉଦ୍ଧାର କରି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ଗୋପାଳପୁର ଥାନା ପୁଲିସ୍ ଡାକ୍ତରଖାନାରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁ କରି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇଥିଲା।

### ଡିଲର୍‌ଙ୍କୁ ମାଡ଼ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଅଭିଯୋଗ

# ତୁରନ୍ତ କାର୍ଯ୍ୟାନୁଷ୍ଠାନ ନହେଲେ ରାସନ୍ ସାମଗ୍ରୀ ବଣ୍ଟନ ବନ୍ଦ

**ତିହିଡ଼ି,୧୯।୬/ଏନ୍‌ଏନ୍‌ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ସୟା ପଞ୍ଚାୟତର ବିଶ୍ୱନାଥ ପୃଷ୍ଟି ନାମକ ଜଣେ ଡିଲର୍‌ଙ୍କୁ ଜଣେ ବ୍ୟକ୍ତି ମାଡ଼ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ନେଇ ତିହିଡ଼ି ଥାନାରେ ଅଭିଯୋଗ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲରେ ତିହିଡ଼ି ବ୍ଲକ୍ ରିଟେଲର୍ ସଂଘ ରାସନ୍ ସାମଗ୍ରୀ ବଣ୍ଟନ କାର୍ଯ୍ୟ ବନ୍ଦ ରଖିବ ବୋଲି ଚେତାବନୀ ଦେଇଥିବା ଜଣାଯାଇଛି। ବିଶ୍ୱନାଥଙ୍କ ଅଭିଯୋଗ ଅନୁସାରେ, ସେ ନିଜ କାର୍ଯ୍ୟାଳୟରେ ହିତାଧିକାରୀଙ୍କୁ କାର୍ଡ ସହ ଚାଉଳ ବାଣ୍ଟୁଥିଲେ। ଏହି ସମୟରେ ଉକ୍ତ ପଞ୍ଚାୟତର ଡିଆଁସାହି ଗ୍ରାମର ଜନୈକ ବ୍ୟକ୍ତି ସେଠାରେ ପହଞ୍ଚି ହଠାତ୍ ଡିଲର୍‌ଙ୍କ ବଣ୍ଟନ ମେସିନ୍‌କୁ କଚାଡ଼ି ଦେବାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରବର୍ତ୍ତୀ ସମୟରେ ବିଶ୍ୱନାଥ ଓ ତାଙ୍କ ପୁଅ ଯାଉଥିବାବେଳେ ସେହି ବ୍ୟକ୍ତି ଜଣକ ସେମାନଙ୍କୁ ବାଟରେ ଅଟକାଇ ମରଣାନ୍ତକ ଆକ୍ରମଣ କରିବା ସହ ସେମାନଙ୍କଠାରୁ ମୋବାଇଲ୍ ଛଡ଼ାଇ ନେଇଥିଲା। ଏହି ଘଟଣାକୁ ନେଇ ତିହିଡ଼ି ବ୍ଲକ୍ ରିଟେଲର୍ ସଂଘ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇବା ସହ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ସଭାପତି ରବିନ୍ଦ୍ର ମହାକୁଳ, ସମ୍ପାଦକ କୈଳାସ ବେହେରା, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାପତି ଲକ୍ଷ୍ମୀକାନ୍ତ ନାୟକ, ଚକ୍ରଧର ଲେଙ୍କା, ଶରତ ଚନ୍ଦ୍ର କବି, ଜିତେନ୍ଦ୍ର ବେହେରା, ବ୍ରହ୍ମାନନ୍ଦ ମହାପାତ୍ର, ଗୟାଧର ବାରିକ, ସୁବାସ ଦାସ, ନକୁଳ ରାଉତ, ବାବୁଲି ଭଞ୍ଜ, ସୁବ୍ରତ ନାୟକ, ଶଶିକାନ୍ତ ରାଉତ, ସଞ୍ଜୟ ମଲ୍ଲିକ, ବାଇଧର ପରିଡ଼ା, ଅଜୟ କୁମାର ବ୍ରହ୍ମ, ବାପୁଜୀ ରାଉତ, ବିଦ୍ୟାଧର ପଣ୍ଡା, ସୀତାକାନ୍ତ ନାୟକ, କୈଳାସ ଜେନା, ଭାଗିରଥୀ ବେହେରା, ମାର୍କଣ୍ଡ ମଲ୍ଲିକ, ସତ୍ୟାନନ୍ଦ ଧଳ, ମନୋରଞ୍ଜନ ବେହେରା ଓ ଭାସ୍କର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଆଗାମୀ ଦିନରେ ସାରା ବ୍ଲକ୍‌ରେ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଚାଉଳ ବଣ୍ଟନ ସମ୍ପୂର୍ଣ୍ଣ ବନ୍ଦ ରଖାଯିବା ସହ ତିହିଡ଼ି ଥାନା ସମ୍ମୁଖରେ ଅନସନ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏସମ୍ପର୍କରେ ତିହିଡ଼ି ଥାନାଧିକାରିଣୀ ଲୋପାମୁଦ୍ରା ନାୟକଙ୍କୁ ପଚାରିବାରୁ ଡିଲର୍‌ଙ୍କ ଏତଲା ମିଳିବା ପରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି ବୋଲି କହିଥିଲେ।



## ଯୋଗ ଦିବସ ପାଇଁ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



**କେନ୍ଦୁଝର,୧୯।୬/ଏନ୍‌ଏନ୍‌ଏସ୍:** ଅନ୍ତର୍ଜାତୀୟ ଯୋଗ ଦିବସକୁ ଦୃଷ୍ଟିରେ ରଖି ଜିଲ୍ଲାର ଛାତ୍ରଛାତ୍ରୀଙ୍କୁ ନେଇ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିରୋଗ ଓ ସୁସ୍ଥ ରହିବା ପାଇଁ ଯୋଗ ଶୀର୍ଷକରେ ଡିବେଟ୍, ରଚନା, ଚିତ୍ରାଙ୍କନ ଓ ସ୍ଲୋଗାନ୍ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଚୟନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଇ ସଙ୍କଳ୍ପ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଯୋଗଦେଇ ନିୟମିତ ବ୍ୟାୟାମ କରିବା ସହ ଜଙ୍କ ଫୁଡ୍ ନ ଖାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଅଧିକାରୀ ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଦେବାସହ ଯୋଗ୍ୟତା ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା ଅନ୍ୟତମ ଅତିଥିଭାବେ ଯୋଗଦେଇ ଶୃଙ୍ଖଳିତ ଭାବେ ନିୟମିତ ବ୍ୟାୟାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିତୀକ୍ରିଷ୍ଣ ବେହେରା ଓ ମଧୁସୁଦନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଯୋଗର ଆବଶ୍ୟକତା ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ବରିଷ୍ଠ ଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର, ଫକୀରମୋହନ ମହାନ୍ତ, ଘନଶ୍ୟାମ ମହାନ୍ତ ଓ ପ୍ରଶାନ୍ତ ସେନାପତି ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ଧନ୍ୟବାଦ ଦେଇଥିଲେ।

# ଶ୍ରୀମନ୍ଦିର ପରିସରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

**ପୁରୀ,୧୯।୬/ଏନ୍ଏନ୍ଏସ୍:** ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ପୁରୀ ଶ୍ରୀମନ୍ଦିରକୁ ଆସୁଛନ୍ତି। କିନ୍ତୁ କିଛି ଅସାଧୁ ବ୍ୟକ୍ତି ନିଜକୁ 'ଯାତ୍ରୀ ଗୁମାସ୍ତା' ବୋଲି ପରିଚୟ ଦେଇ ଭକ୍ତମାନଙ୍କୁ ମିଛ ପ୍ରଲୋଭନ ଦେଉଥିବା, ବିଶେଷ ଦର୍ଶନ କରାଇବା ନାଁରେ ଠକେଇ କରି ଟଙ୍କା ଆଦାୟ କରୁଥିବା ବାବଦରେ ପୁରୀ ପୋଲିସ ପାଖରେ ନିର୍ଭରଯୋଗ୍ୟ ସୂଚନା ଆସିଥିଲା। ଏହି ସୂଚନାକୁ ଗୁରୁତ୍ୱର ସହ ଗ୍ରହଣ କରି ସିଂହଦ୍ୱାର ଥାନା ପୋଲିସ ପକ୍ଷରୁ ଶ୍ରୀମନ୍ଦିର ପରିସର ଏବଂ ଆଖପାଖ ଅଞ୍ଚଳରେ ବିଶେଷ ନଜରଦାରି ଓ ଚଢ଼ାଉ କରାଯାଇଥିଲା। ସିଭିଲ୍ ଡ୍ରେସ୍‌ରେ ପୋଲିସ କର୍ମଚାରୀମାନଙ୍କୁ ମୁତୟନ କରାଯାଇ ସନ୍ଦେହଭାଜନ ବ୍ୟକ୍ତିମାନଙ୍କ ଉପରେ କଠୋର ନଜର ରଖାଯାଇଥିଲା। ଏହି ଅଭିଯାନ ସମୟରେ ଗତକାଲି ସିଂହଦ୍ୱାର ଥାନା ମାମଲା ଅନୁଯାୟୀ ୫ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କୁ ଆଦାଲତରେ ହାଜର କରାଯାଇଛି। ଆଜି ସିଂହଦ୍ୱାର ଥାନା କେସ୍ ନଂ ୧୫୧/୨୬ ଅନୁଯାୟୀ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏମାନେ ଭକ୍ତମାନଙ୍କୁ ବିଶେଷ ଦର୍ଶନର ମିଛ ପ୍ରତିଶ୍ରୁତି ଦେଇ ଟଙ୍କା ଆଦାୟ କରୁଥିଲେ। ଗତ ୫ ଦିନ ମଧ୍ୟରେ ସିଂହଦ୍ୱାର ପୋଲିସ ମୋଟ ୧୧ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ ଗିରଫ କରିଛି। ଏହି ସଫଳତା ସିସିଟିଭି ଫୁଟେଜ୍, ଗୁପ୍ତ ସୂଚନା ଏବଂ ବିଭିନ୍ନ ତଦନ୍ତମୂଳକ ପଦକ୍ଷେପ ଆଧାରରେ ସମ୍ଭବ ହୋଇଛି। ତେବେ ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ଶଙ୍କର ବିଶ୍ୱାଳ, ଅରୁଣ ପାତ୍ର, ବାବୁନି ମହାପାତ୍ର, ସର୍ବେଶ୍ୱର ରାଉତ, ରଞ୍ଜିତ ସାମନ୍ତରାୟ, ବିକ୍ରମ ପ୍ରଧାନ, ଅଜୟ କୁମାର ଜେନା, ଉମାକାନ୍ତ ପାଢ଼ୀଙ୍କ ସହ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଏହି ରାକେଟ୍‌ରେ ସଂପୃକ୍ତ ଥିବା ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ପାଖରୁ ପୋଲିସ ୨,୬୨୦ ଟଙ୍କା ନଗଦ ଏବଂ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି। ବର୍ତ୍ତମାନ ପୋଲିସ ଏହି ଘଟଣାର ଅଧିକ ତଦନ୍ତ କରୁଛି। ପୁରୀ ପୋଲିସ ସମସ୍ତ ଭକ୍ତମାନଙ୍କୁ ଅନୁରୋଧ କରୁଛି ଯେ, କୌଣସି ବ୍ୟକ୍ତି ଯଦି ବିଶେଷ ଦର୍ଶନ, ଶୀଘ୍ର ଦର୍ଶନ କିମ୍ବା ଅନ୍ୟ କୌଣସି ସୁବିଧା ଦେବା ନାଁରେ ଟଙ୍କା ଦାବି କରନ୍ତି, ତେବେ ସେମାନଙ୍କ ପ୍ରଲୋଭନରେ ପଡ଼ନ୍ତୁ ନାହିଁ। ଏପରି ଅସାଧୁ ବ୍ୟକ୍ତିଙ୍କ ବିଷୟରେ ତୁରନ୍ତ ନିକଟସ୍ଥ ପୋଲିସ କର୍ମଚାରୀ, ସିଂହଦ୍ୱାର ଥାନା କିମ୍ବା ପୁରୀ ପୋଲିସ କଣ୍ଟ୍ରୋଲ୍ ରୁମକୁ ସୂଚନା ଦିଅନ୍ତୁ। ପୁରୀ ପୋଲିସ ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତଙ୍କ ସୁରକ୍ଷା, ସୁବିଧା ଓ ସୁନିଶ୍ଚିତ ଦର୍ଶନ ପାଇଁ ସଦା ସଚେତନ ଏବଂ ପ୍ରତିବଦ୍ଧ।

# ମା' ଜାଗୁଳାଇ ରାମଲୀଳା ସମିତି ପକ୍ଷରୁ ରାମଲୀଳା



**ବୟାଳିଶମୌଜା,୧୮।୬/ଏନ୍ଏନ୍ଏସ୍:** ମା' ଜାଗୁଳାଇ ରାମଲୀଳା ସମିତି ମିର୍ଜାଇପୁର ୪୨ ମୌଜା କଟକ ସଦର ପକ୍ଷରୁ ଦୁଇଦିନ ଧରି ପୌରାଣିକ ରାମଲୀଳା ଅନୁଷ୍ଠିତ ହୋଇ ପ୍ରଥମ ରାତ୍ରି ସତ୍ୟ ରକ୍ଷାକାରୀ ଗୋଲକ ବିହାରୀ ଓ ଦ୍ୱିତୀୟ ରାତ୍ରୀ ଦଶାନନର ଶେଷ ହସ ବା ଜୟଯାତ୍ରା ଶୀର୍ଷକ ପୌରାଣିକ ରାମଲୀଳା ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇ ଦର୍ଶକମାନଙ୍କୁ ବିମୋହିତ କରିଥିଲା। ଲୋକପ୍ରିୟ ନାଟ୍ୟ ନିର୍ଦ୍ଦେଶକ ତଥା ସାହିତ୍ୟିକ ସନ୍ତୋଷ କୁମାର ପତି ଓ ଖ୍ୟାତି ସମ୍ପନ୍ନ ନାଟ୍ୟ ନିର୍ଦ୍ଦେଶକ ତଥା ସଂଗଠକ ଅଶୋକ କୁମାର ପଟ୍ଟନାୟକ ରାମଲୀଳା କାର୍ଯ୍ୟକ୍ରମକୁ ନିର୍ଦ୍ଦେଶନା ଦେଇଥିଲେ। କେଳୁଚରଣ ମହାରଣା,ନାରାୟଣ ମହାରଣା, ଈଶ୍ୱର ଓଝା, ଦୁଃଖିଶ୍ୟାମ ମଣିଆ, କୃଷ୍ଣଚନ୍ଦ୍ର ଜେନା ପ୍ରମୁଖ ମୁରବୀ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ। ଓଡ଼ିଶା ଗଣପର୍ବ ରଜରେ ଏହି ନିଆରା ପ୍ରଥା ପରମ୍ପରା ରାମଲୀଳା ଗ୍ରାମର ଉତ୍ସବ ଭାବେ ମିଳିମିଶି ପାଳନ କରିଥାନ୍ତି। ପ୍ରବାସରେ ରହି ନିଜର ଗୁଜୁରାଣ ମେଣ୍ଟାଉଥିବା ଯୁବକମାନେ ଏ ସମୟରେ ଗାଁକୁ ଫେରି ଆସି ଆଉ ଗ୍ରାମ୍ୟ କଳା ସାହିତ୍ୟ ସଂସ୍କୃତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ଜଣାଇଥାନ୍ତି।

# ବ୍ୟାଙ୍କ୍ ପକ୍ଷରୁ ଗ୍ରାହକ ସଚେତନତା

**କାକଟପୁର,୧୯।୬/ଏନ୍ଏନ୍ଏସ୍:** କାକଟପୁରସ୍ଥ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରେ ଶାଖା ପରିଚାଳକ ବିକାଶ ରାଉତରାୟଙ୍କ ଦ୍ୱାରା ଗ୍ରାହକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ଯୋଗାଇ ଦେଉଥିବା ବିଭିନ୍ନ ପ୍ରକାରର ଋଣ ସ୍କିମ୍, ଇନ୍ସ୍ୟୁରାନ୍ସ ବିଷୟରେ ଗ୍ରାହକମାନଙ୍କ ସହିତ ସମ୍ପୂର୍ଣ୍ଣ ଆଲୋଚନା କରିବା ସହିତ କିପରି ନିଜ ଆକାଉଣ୍ଟକୁ ସୁରକ୍ଷା ରଖିବା, ଏଟିଏମ୍ ବ୍ୟବହାର, ଆକାଉଣ୍ଟ ସୁରକ୍ଷିତ ରଖିବା ସେ ବିଷୟରେ ସଚେତନ କରାଇଥିଲେ। ଗ୍ରାହକମାନଙ୍କ ଅଭିଯୋଗକୁ ଆଧାରକରି ନୂତନ ପଦକ୍ଷେପ ମଧ୍ୟ ନିଆଯାଉଛି ବୋଲି ସୂଚନା ଦେଇଥିଲେ। ବ୍ୟାଙ୍କ୍ କର୍ମଚାରୀଙ୍କ ଦ୍ୱାରା ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ସହିତ ସୁସେବା ଯୋଗାଇଦିଆଯିବ ବୋଲି ଶାଖାପରିଚାଳକ ବିକାଶ ରାଉତରାୟ ପ୍ରତିଶ୍ରୁତି ଦେଇଥିଲେ।

## ତୃତୀୟ ପୃଷ୍ଠାରୁ

# ଆଜି ଓଡ଼ିଶା ଆସିବେ ...

ବିଷୟବସ୍ତୁ ହେଉଛି ''ବିକାଶର ଧାରା, ଓଡ଼ିଶା ସାରା''। ଏହି ଅବସରରେ ୪୭,୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ ହେବ। ପ୍ରଧାନମନ୍ତ୍ରୀ ସେଠାରେ ଏକ ଜନସମାବେଶକୁ ମଧ୍ୟ ସମ୍ବୋଧିତ କରିବେ। ଏହି କାର୍ଯ୍ୟକ୍ରମ ସମୟରେ, ଶକ୍ତି, ଶିଳ୍ପ ଭିତ୍ତିଭୂମି, ସଡ଼କ ଯୋଗାଯୋଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଏବଂ ଜଳସେଚନ ସମେତ ପ୍ରମୁଖ କ୍ଷେତ୍ରର ପ୍ରକଳ୍ପଗୁଡ଼ିକର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରାଯିବ। ଏହି ପ୍ରକଳ୍ପଗୁଡ଼ିକ ସମଗ୍ର ଓଡ଼ିଶାରେ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଯୋଗାଯୋଗରେ ଉନ୍ନତି ଆଣିବ, ଶକ୍ତି ସୁରକ୍ଷା ବୃଦ୍ଧି କରିବ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ସମାବେଶୀ ଓ ସାମଗ୍ରିକ ବିକାଶ ଦୃଷ୍ଟିକୋଣକୁ ପ୍ରତିଫଳିତ କରି, ଏହି ପଦକ୍ଷେପଗୁଡ଼ିକ ଆଦିବାସୀ ତଥା ଗ୍ରାମାଞ୍ଚଳରେ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବ ଏବଂ ରାଜ୍ୟର ପ୍ରତ୍ୟେକ କୋଣରେ ବିକାଶର ଲାଭ ପହଞ୍ଚାଇବ।

# ଭିଜିଲାନ୍ସ ଜାଲରେ ...

ପ୍ଲାଜାରେ ରହିଛି। ଏହି ୨ ବିଏଚ୍‌କେ ଫ୍ଲାଟ୍ ପ୍ରାୟ ୧୦୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ତାଙ୍କର ଆଉ ଗୋଟିଏ ଫ୍ଲାଟ୍ ହେଉଛି ବେନାମୀ। ଏହି ଫ୍ଲାଟ କୋରାପୁଟର ଜୟପୁରର ପିଆର ପେଟାରେ ଅଛି। ସେ ତାଙ୍କର ଜଣେ ଘନିଷ୍ଠ ସହଯୋଗୀଙ୍କ ନାଁରେ ଏହି ଫ୍ଲାଟ୍ ରଖିଛନ୍ତି। ଏନେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଚାଲିଛି। ତାଙ୍କର ଦୁଇଟି ଯାକ ଫାର୍ମ ହାଉସ୍ କୋରାପୁଟ ଜିଲ୍ଲା ବୋରିଗୁମ୍ମା ତହସିଲରେ ରହିଛି। ଏଥିରୁ ଗୋଟିଏ ୧୦.୦୩ ଏକରର ହୋଇଥିବା ବେଳେ ଅନ୍ୟଟି ୪.୩୫ ଏକର ଜାଗାରେ ରହିଛି। ୧୦.୦୩ ଏକର ବିଶିଷ୍ଟ ଫାର୍ମ ହାଉସରେ ସେ ଆମ୍ବ ଓ ୟୁକାଲିପଟାସ ଗଛ ଲଗାଇଛନ୍ତି। ସେହିପରି ଅନ୍ୟଟିରେ ସେ ୟୁକାଲିପଟାସ ଗଛ ଲଗାଇଛନ୍ତି। ଶ୍ରୀ ସେଠୀଙ୍କର ସମସ୍ତ ୪୯ଟି ପ୍ଲଟ୍ କୋରାପୁଟ ଜିଲ୍ଲାରେ ରହିଛି। କୋରାପୁଟ, ଜୟପୁର, ବୋରିଗୁମ୍ମା, କୋଟପାଡ଼ ଓ ପଟାଙ୍ଗୀ ଅଞ୍ଚଳରେ ତାଙ୍କର ଏହି ସବୁ ପ୍ଲଟ ରହିଛି। ଏଥିରୁ ୧୭ ପ୍ଲଟ୍ ହେଉଛି ବେନାମୀ। ତାଙ୍କର ଫ୍ଲାଟ, ଫାର୍ମ ହାଉସ୍ ଓ ପ୍ଲଟ୍‌ଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ମାପଚୁପ ଓ ହିସାବ କାର୍ଯ୍ୟ ଜାରି ରଖିଛି। ତାଙ୍କ ଘରୁ ନଗଦ ୫ ଲକ୍ଷ ୪୮ ହଜାର ଟଙ୍କା ସହିତ ୯୪୦.୬୬ ଗ୍ରାମର ସୁନା ଓ ୨.୪୯୩ କେଜିର ରୁପା ଗହଣା ଜବତ କରାଯାଇଛି। ଜମା ବାବଦକୁ ସେ ୬୦ ଲକ୍ଷ ୯୨ ହଜାର ୫୪୮ ଟଙ୍କା ରଖିଛନ୍ତି। ତାଙ୍କର ଏକ ଚାରି ଚକିଆ ଗାଡ଼ି ଓ ଗୋଟିଏ ଦୁଇ ଚକିଆ ଗାଡ଼ି ଅଛି। କିନ୍ତୁ ଉଭୟ ଗାଡ଼ି ବେନାମୀ ରହିଛି। ଏ ଦିଗରେ ଭିଜିଲାନ୍ସର ତଦନ୍ତ ଜାରି ରହିଛି। ତାଙ୍କର ସମସ୍ତ ଘରକରଣା ସାମଗ୍ରୀର ମୂଲ୍ୟ ପ୍ରାୟ ୫ ଲକ୍ଷ ୫୨ ହଜାର ଟଙ୍କା ହେବ। ଭିଜିଲାନ୍ସର ତଦନ୍ତ ଜାରି ରହିଥିବା ବେଳେ ଶ୍ରୀ ସେଠୀଙ୍କଠାରୁ ଆହୁରି ସମ୍ପତ୍ତି ମିଳିବାର ସମ୍ଭାବନା ରହିଛି ବୋଲି କୁହାଯାଉଛି।

# ସରକାରଙ୍କ ଦୁଇବର୍ଷର ସଫଳତାକୁ ନେଇ ଶିକ୍ଷା ମନ୍ତ୍ରୀଙ୍କ ବୈଠକ

**ପୁରୀ,୧୯।୬/ଏନ୍ଏନ୍ଏସ୍:** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ମିଳିତ ଆନୁକୂଲ୍ୟରେ ଆଜି ପୁରୀ ସର୍କିଟ ହାଉସ ସମ୍ମିଳନୀ ଗୃହରେ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା ଅଭିଯାନର ଅଂଶ ବିଶେଷ ଗଣମାଧ୍ୟମ ପ୍ରତିନିଧିମାନ ଙ୍କ ସହ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ ବିସ୍ତୃତ ସୂଚନା ଦେଇ ଆମ ସରକାର ଲୋକଙ୍କ ସରକାର ଓ ସେମାନଙ୍କ ସମସ୍ୟା ସମାଧାନକୁ ଗୁରୁତ୍ୱ ଦେଇ ଗତ ଦୁଇ ବର୍ଷ ମଧ୍ୟରେ ୧୪୬୫୧ ଅଭିଯୋଗ ଗ୍ରହଣ ହୋଇଥିବା ବେଳେ ଶତକଡା ୯୫ ହାରରେ ୧୩୮୯୭ଟିର ସମାଧାନ ହୋଇଛି ବୋଲି କହିଥିଲେ। ଅଭିଯୋଗ ଶୁଣାଣିରେ ମଧ୍ୟ ୮୬ଜଣ ହିତାଧିକାରୀଙ୍କୁ ୭୩ଲକ୍ଷ ୮୦ହଜାର ଟଙ୍କାର ସହାୟତା ଦିଆଯାଇଛି। ପୁରୀ ଜିଲ୍ଲା ରେ ଖାଦ୍ୟ ସୁରକ୍ଷା ଯୋଜନାରେ ଜାତୀୟ ଓ ରାଜ୍ୟ ର ମୋଟ ୧୨୮୭୭୬୭ଜଣ ହିତାଧିକାରୀଙ୍କୁ ମଇ ଓ ଜୁନ ମାସ ଠାରୁ ମୁଣ୍ଡ ପିଛା ୫ କେଜି ପରିବର୍ତ୍ତେ ୧୦କେଜି ଲେଖାଏଁ ଚାଉଳ ଦିଆଯାଉଛି। ପୁରୀ ଜିଲ୍ଲାରେ ୨୦୨୪-୨୫ ଖରିଫ ଋତୁରେ ୪୭୧୦୩ ଜଣ ଚାଷୀଙ୍କ ଠାରୁ ୨୦୫୩୮୮୪.୨୪ କ୍ୟୁଣ୍ଟାଲ ଓ ରବି ଋତୁରେ ୨୫୩୨୧ ଜଣଙ୍କ ଠାରୁ ୬୦୦୪୬୮.୮୨ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସେହିପରି ଚଳିତ ବର୍ଷ ଖରିଫ ଋତୁରେ ୫୮୦୦୫ଜଣଙ୍କଠାରୁ ୨୦୩୬୪୫୯.୫୬ କ୍ୟୁଣ୍ଟାଲ ଧାନ ସଂଗ୍ରହ ହୋଇଛି। ସୁଭଦ୍ରା ଯୋଜନାରେ ଜିଲ୍ଲାର ୪୨୦୦୦୩ ଜଣ ହିତାଧିକାରୀଙ୍କୁ ୮୫୩କୋଟି ୫୮ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାର ୧୭୬୧୩ ଜଣ ଲକ୍ଷ ପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଜିଲ୍ଲାରେ ୭୧୭୬୬୨ ଜଣଙ୍କୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଡ ପ୍ରଦାନ କରାଯାଇଥିବା ବେଳେ ପ୍ରାୟ ୫୮ ହଜାର ବ୍ୟକ୍ତି ଉପକୃତ ହୋଇଛନ୍ତି। ଚିକିତ୍ସା ସୁବିଧା ବାବଦରେ ଖର୍ଚ୍ଚ ହୋଇଛି ୩୦୩,୬୩,୯୦,୬୯୨ ଟଙ୍କା। ବୟୋ ବନ୍ଦନା ଯୋଜନା ରେ ୩୮୬୭୦ କାର୍ଡ ବଣ୍ଟନ କରାଯାଇଛି। ଜନଜାତି ବିକାଶ କ୍ଷେତ୍ରରେ ମାଟ୍ରିକ ପୂର୍ବ ଓ ପରବର୍ତ୍ତୀ ଛାତ୍ର ବୃତ୍ତି ପାଇଁ ୧୧୪୧୨୦ ବିଦ୍ୟାର୍ଥୀଙ୍କୁ ପ୍ରାୟ ୮୦କୋଟି ଟଙ୍କା ର ସହାୟତା ପ୍ରଦାନ କରାଯାଇଛି। ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ରେ ୩୧ଟି ଗ୍ରାମକୁ ୪୦ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ମଧୁବାବୁ ପେନସନ ଯୋଜନା ରେ ୨୦୨୪-୨୫ ରେ ୫୪୩୬ ଜଣ ଓ ୨୫-୨୬ରେ ୫୮୫୯ଜଣ ହିତାଧିକାରୀ ଉପକୃତ ହେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬୪୬୩ ଜଣ ଓ ଅନ୍ତୋଦୟ ଗୃହ ଯୋଜନାରେ ୩୪୯୮ ଜଣ ଉପକୃତ ହୋଇଛନ୍ତି। ପୁରୀ ଆଇଟିଆଇକୁ ୧୦୦କୋଟି ଟଙ୍କା ବ୍ୟୟରେ ଉତ୍କର୍ଷ ଆଇଟିଆଇ କରାଯିବ। ଡେଲାଙ୍ଗ ଓ ନିମାପଡାରେ ୨ଗୋଟି ଏମ୍ଏସ୍ଏମ୍ଇ ପାର୍କ କରାଯିବ। ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଓ ଡିଫେନ୍ସରେ ସହାୟକ ଉପକରଣ ପାଇଁ ପ୍ରକଳ୍ପ ପ୍ରତିଷ୍ଠା ହେବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ। ଏଥିରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସ୍ନେହା ଅରୁଗୁଳା ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହିଥିଲେ।



## ଦେଶୀମଦ ଦୋକାନ ସ୍ଥାପନକୁ ନେଇ ଜନଅସନ୍ତୋଷ

# ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ

**ଖୋର୍ଦ୍ଧା,୧୯।୬/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌରପରିଷଦ ଅଧିନସ୍ଥ ୱାର୍ଡ଼ ନଂ -୨୦ (ତଳସାହି) ଅଞ୍ଚଳରେ ପ୍ରସ୍ତାବିତ ଦେଶୀ ମଦ ଦୋକାନ ସ୍ଥାପନକୁ ନେଇ ଏବେ ତୀବ୍ର ଜନଅସନ୍ତୋଷ ଦେଖାଦେଇଛି। ସହରର ଶାନ୍ତ ପରିବେଶ, ଶିକ୍ଷାନୁଷ୍ଠାନ, ଧାର୍ମିକ ସ୍ଥଳ ଏବଂ ଜନବସତି ମଧ୍ୟରେ ମଦ ଦୋକାନ ସ୍ଥାପନ ପାଇଁ ଉଦ୍ୟମ ଚାଲିଥିବା ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ବୃଦ୍ଧି ପାଇଛି। ଏହାର ପ୍ରତିବାଦ ସ୍ୱରୂପ ଅଞ୍ଚଳବାସୀ ଏକତ୍ରିତ ହୋଇ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହିତ ଉକ୍ତ ପ୍ରସ୍ତାବକୁ ତୁରନ୍ତ ବାତିଲ କରିବାକୁ ଦାବି ଅନୁରୋଧ କରିଛନ୍ତି। ପ୍ଲଟ ନଂ ୪୫୭/୫୩୧/୬୧୭୫, ୪୫୭/୫୩୧ ଏବଂ ଖାତା ନଂ -୬୪୮/୩୦୦୫, ୬୪୮/୨୦୬୩ ପ୍ଲଟ ନଂ ୪୫୭/୫୦୭୯, ୪୫୭/୫୩୧୬ରେ ଏକ ଦେଶୀ ମଦ ଦୋକାନ ସ୍ଥାପନ ପାଇଁ ପ୍ରଶାସନିକ ସ୍ତରରେ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି। କିନ୍ତୁ ଏହି ସ୍ଥାନର ଚାରିପାଖରେ ଶତାଧିକ ପରିବାର ବସବାସ କରୁଥିବା ବେଳେ ନିକଟରେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ମନ୍ଦିର ଓ ଅନ୍ୟାନ୍ୟ ସାର୍ବଜନୀନ ପ୍ରତିଷ୍ଠାନ ରହିଥିବାରୁ ଏଠାରେ ମଦ ଦୋକାନ ଖୋଲିବା ଜନସ୍ୱାର୍ଥ ବିରୋଧୀ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଏକ ଶାନ୍ତିପୂର୍ଣ୍ଣ ପରିବେଶ ପାଇଁ ପରିଚିତ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ, ମହିଳା ଓ ବୃଦ୍ଧବୃଦ୍ଧାମାନେ ନିଜ ଦୈନନ୍ଦିନ କାର୍ଯ୍ୟରେ ଏହି ଅଞ୍ଚଳର ରାସ୍ତା ରେ ଯିବା ଆସିବା କରନ୍ତି। ଯଦି ଏଠାରେ ମଦ ଦୋକାନ ଖୋଲାଯାଏ, ତେବେ ମଦ୍ୟପାନକାରୀଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ସାମାଜିକ ଅସୁରକ୍ଷା, ଝଗଡ଼ା, ଅଶାନ୍ତି ଓ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାର ଆଶଙ୍କା ରହିଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶା ଅବକାରୀ ଆଇନ -୨୦୦୮ ମଦ ବିକ୍ରୟ କେନ୍ଦ୍ର ସ୍ଥାପନ ସମୟରେ ସାର୍ବଜନୀନ ସ୍ୱାର୍ଥ, ଧାର୍ମିକ ସ୍ଥାନ, ଶିକ୍ଷାନୁଷ୍ଠାନ ଏବଂ ବାସପୋଯୋଗୀ ଅଞ୍ଚଳର ସୁରକ୍ଷା ଓ ଶାନ୍ତିକୁ ବିଚାର କରାଯିବା ଆବଶ୍ୟକ। ମାତ୍ର ରାଜସ୍ୱ ସଂଗ୍ରହ ପାଇଁ ଲୋକଙ୍କ ସାମାଜିକ ସୁରକ୍ଷାକୁ ବିପଦରେ ପକାଇବା ଉଚିତ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ଅଧିବାସୀ କହିଛନ୍ତି। ଏହି ଘଟଣା ବର୍ତ୍ତମାନ ସମଗ୍ର ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ଗ୍ରାମବାସୀମାନେ ସ୍ପଷ୍ଟ କରିଛନ୍ତି ଯେ, ଯଦି ପ୍ରଶାସନ ସେମାନଙ୍କ ଦାବିକୁ ଅଣଦେଖା କରେ, ତେବେ ସେମାନେ ଆଇନସମ୍ମତ ଏବଂ ଗଣତାନ୍ତ୍ରିକ ଉପାୟରେ ବୃହତ୍ତର ଜନଆନ୍ଦୋଳନ ଆରମ୍ଭ କରିବେ। ଏଥିପାଇଁ ଆବଶ୍ୟକ ପଡ଼ିଲେ ଗଣଧାରଣା, ବିକ୍ଷୋଭ ଏବଂ ଉଚ୍ଚସ୍ତରୀୟ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ାଯିବ ବୋଲି ଚେତାବନୀ ଦେଇଛନ୍ତି।

# ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ



**ଚିଲିକା,୧୯।୬/ଏନ୍ଏନ୍ଏସ୍:** ନାଚୁଣୀ ପଞ୍ଚାୟତ ଅଧୀନ ସୁନାଖଳା ନିକଟସ୍ଥ କହ୍ନେଇପୁର ଗ୍ରାମରେ ଗତକାଲି ରାତି ପ୍ରାୟ ୨ଟାରୁ ୩ଟା ସମୟରେ ଅଗ୍ନିକାଣ୍ଡ ଘଟି ଗ୍ରାମର ୨ ପରିବାରର ମୋଟ ୪ ବଖରା ଘର ସଂପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ସୂଚନାଯୋଗ୍ୟ ଯେ ଏହି ଅଗ୍ନିକାଣ୍ଡରେ ଗ୍ରାମର ପୂର୍ଣ୍ଣଚନ୍ଦ୍ର ମୁଦୁଲିଙ୍କ ଚାଳ ୨ବଖରା ମଧ୍ୟରୁ ଏକ ଦୋକାନଘର ଯେଉଁଥିରେ ଇଲେକ୍ଟ୍ରୋନିକ୍ସ ସାମାନ ଓ ଯନ୍ତ୍ରାଂଶ ତଥା ଇଲେକ୍ଟ୍ରିକାଲ ସୁଟି, ଏକ ମୋବାଇଲ ଓ ଅନ୍ୟାନ୍ୟ ଆସବାବପତ୍ର ପୋଡ଼ିଯାଇଥିବା ବେଳେ ଅନ୍ୟ ଏକ ଘରର ଆସବାବପତ୍ର ପୋଡ଼ିଯାଇଥିବା ପ୍ରକାଶ। ସେହିପରି ପଡ଼ୋଶୀ କେଦାର ମୁଦୁଲିଙ୍କ ୨ବଖରା ଏକ ଚାଳ ଓ ଅନ୍ୟଟି ଆଜବେଷ୍ଟସ ଘର ସହିତ କିଛି ନଗଦ ଟଙ୍କା ଓ ଆସବାବପତ୍ର ପୋଡ଼ିଯାଇଥିବା ପ୍ରକାଶ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିଲେ ମଧ୍ୟ ନିକଟରେ ଥିବା ବିଜୁଳି ଖୁଣ୍ଟିରୁ ସର୍ଟସର୍କିଟ୍ ଯୋଗୁଁ ଏହି ଘଟଣା ଘଟିଥିବା ଚର୍ଚ୍ଚା ହେଉଛି। ଖବରପାଇ ଚିଲିକା ବ୍ଲକର ଗଙ୍ଗାଧରପୁର ଅଗ୍ନିଶମ ବିଭାଗର ଦମକଳ ଆସି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନ ଏହି ୨ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଚନ୍ଦ୍ରଭାଗା ତେଲୁଗୁ ବସ୍ତିରେ ବିପର୍ଯ୍ୟୟ ସଚେତନତା ମକ୍‌ଡ୍ରିଲ୍



**କୋଣାର୍କ,୧୯।୬/ଏନ୍ଏନ୍ଏସ୍:** ରାଜ୍ୟ ବିପର୍ଯ୍ୟୟ ପ୍ରଶସନ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ସହାୟତାରେ ଗୋପ ବ୍ଲକ ପ୍ରଶାସନ ଓ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦର ମିଳିତ ଆନୁକୂଲ୍ୟରେ କୋଣାର୍କ ସ୍ଥିତ ଚନ୍ଦ୍ରଭାଗା ନୋଳିଆସାହି ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ଗୋପ ବ୍ଲକ ଅଧୀନ ୧୨ ଗୋଟି ଗ୍ରାମପଞ୍ଚାୟତର ସମୁଦାୟ ୧୭ଗୋଟି ବାତ୍ୟା ଆଶ୍ରୟସ୍ଥଳୀ ଠାରେ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରଶମନ ସଚେତନ ମକ୍ ଡ୍ରିଲ କାର୍ଯ୍ୟକର୍ମ ପୁରୀ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକର୍ମରେ କୋଣାର୍କସ୍ଥିତ ଚମ୍ପାହାର ଅଗ୍ନିଶମ ବିଭାଗ ଚନ୍ଦ୍ରଭାଗା ବାତ୍ୟା ଆଶ୍ରୟ ସ୍ଥଳୀ ଠାରେ ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରଶାସନର ବିଭିନ୍ନ କୌଶଳ ଅଭ୍ୟାସ ପ୍ରଦର୍ଶନ କରିଥିଲାବେଳେ ଗୋପ ଅଗ୍ନିଶମ ବିଭାଗ ତରଫରୁ ବାଙ୍ଗର ଏବଂ ଭୁଆଁ ସ୍ଥିତ ବାତ୍ୟା ଆଶ୍ରୟ ସ୍ଥଳୀ ଠାରେ ବିଭିନ୍ନ କୌଶଳ ଅଭ୍ୟାସ ପଦର୍ଶନ କରିଥିଲେ। ଆଜିର ଏହି କାର୍ଯ୍ୟକର୍ମକୁ ଗୋପ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟ ଶଙ୍କର ଦାଶ ଏବଂ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ କୁମାର ଜେନା ଜିପିଡ଼ିଓ, ନୟନିକା ତିଉଙ୍କ ଉପସ୍ଥିତିରେ ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀଗୁଡିକରେ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ସଫଳତା ସହ କରାଯାଇଥିଲା ବେଳେ ଅନ୍ୟମାନଙ୍କ ମଧ୍ୟରେ କୋଣାର୍କ ଏନଏସି ର ଅଧକ୍ଷା ସଂଯୁକ୍ତ ତ୍ରିପାଠୀ, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, ଉପାଧ୍ୟକ୍ଷ ସୁରେଶ କୁମାର ରାଉତରାୟ, ସୋଲାର ଅନୁଷ୍ଠାନର ସଂପାଦକ ହରିଶ୍ଚନ୍ଦ୍ର ଦାଶ ପ୍ରମୁଖ ଏହି ସଚେତନା କାର୍ଯ୍ୟକର୍ମ ରେ ଉପସ୍ଥିତ ରହି ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରଶମନ ଦିଗରେ ବିଭିନ୍ନ ମତ ଉପସ୍ଥାପନ କରିଥିଲେ। ଗୋପ ବ୍ଲକ୍‌ର ୧୭ଗୋଟି ଏବଂ ଏନ୍ଏସିର ୧ଗୋଟି ବାତ୍ୟା ଆଶ୍ରୟସ୍ଥଳୀଠାରେ ସୋଲାର ଅନୁଷ୍ଠାନର ବିପର୍ଯ୍ୟୟ ପରିଚାଳନା ସଂଯୋଜକ ଚିତ୍ତରଞ୍ଜନ ପରିଡାଙ୍କ ସମେତ ଓସ୍‌ଡମାର ତାଲିମପ୍ରାପ୍ତ ଆପଦ ମିତ୍ର ଦିବାକର ନାୟକ, ରସାନନ୍ଦ ମହାନ୍ତି, ପ୍ରୀତିମଞ୍ଜରୀ ଦାସ, ଅକ୍ଷୟ ସ୍ୱାଇଁ, ଜ୍ୟୋତିଶଙ୍କର ଦାଶ, ମଙ୍ଗରାଜ ବେଉରା ଏବଂ ବିବିଧ କୁମାର ଦାଶ ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରଶାସନିକ ଦକ୍ଷତା ପାଇଁ ବିଇଓଙ୍କୁ 'ସଙ୍ଗୀତଧାରା' ପକ୍ଷରୁ ସମ୍ବର୍ଦ୍ଧନା

**ନୟାଗଡ଼,୧୯।୬/ଏନ୍ଏନ୍ଏସ୍:** ଶିକ୍ଷା ଓ ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ପ୍ରଶାସନିକ ଦକ୍ଷତା ପାଇଁ ଦଶପଲ୍ଲା ଗୋଷ୍ଠୀ ଶିକ୍ଷାଧିକାରୀ (ବିଇଓ) ଭକ୍ତି ବିନୋଦ ସଲଙ୍କୁ ନୟାଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ 'ସଙ୍ଗୀତଧାରା' ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗୀତଧାରାର ଏକ ପ୍ରତିନିଧି ଦଳ ବିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ତାଙ୍କୁ ଉପଢୌକନ ଓ ସମ୍ମାନ ସୂଚକ ଫଳକ ପ୍ରଦାନ କରି ଏହି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ?ସୂଚନାଯୋଗ୍ୟ ଯେ, ନିକଟରେ 'ସଙ୍ଗୀତଧାରା' ପକ୍ଷରୁ ଦଶପଲ୍ଲାରେ ଅନୁଷ୍ଠିତ ବ୍ଲକସ୍ତରୀୟ ସଙ୍ଗୀତ ପ୍ରତିଯୋଗିତାରେ ସ୍ଥାନୀୟ ଅଞ୍ଚଳର ଲୁକ୍କାୟିତ ପ୍ରତିଭାମାନଙ୍କୁ ଚୟନ କରିବାରେ ଏବଂ ସେମାନଙ୍କୁ ଏହି ମଞ୍ଚରେ ସାମିଲ କରିବାରେ ଶ୍ରୀ ସଲ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହା ସହିତ ଜଣେ ଦକ୍ଷ ଶିକ୍ଷାଧିକାରୀ ଭାବେ ଦଶପଲ୍ଲା ବ୍ଲକରେ ସେ ଅନେକ ଗୁଡ଼ିଏ ଜନହିତକର ଓ ଉଲ୍ଲେଖନୀୟ କାର୍ଯ୍ୟ କରି ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଜନିତ ସମସ୍ୟାର ସଠିକ୍ ପରିଚାଳନା, ସରକାରୀ ଅନୁଦାନ ରାଶିର ସ୍ୱଚ୍ଛ ଓ ସଠିକ୍ ବିନିଯୋଗ ଏବଂ ଅବସରଗ୍ରହଣ କରୁଥିବା ଶିକ୍ଷକ ଓ କର୍ମଚାରୀମାନଙ୍କ ପେନସନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପାଦନ କରି ସେ ଜନସାଧାରଣ ଓ ଶିକ୍ଷକ ସମାଜର ଶ୍ରଦ୍ଧାଭାଜନ ହୋଇପାରିଛନ୍ତି।

ଏହି ସମ୍ବର୍ଦ୍ଧନା ପର୍ବରେ 'ସଙ୍ଗୀତଧାରା'ର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ସହ ସମ୍ପାଦକ ପ୍ରଶାନ୍ତ କୁମାର ପଟ୍ଟନାୟକ, ସଂଯୋଜକ ଲକ୍ଷ୍ମୀଧର ସାହୁ ଏବଂ ସଦସ୍ୟ ଅଶୋକ ମଲ୍ଲ ପ୍ରମୁଖ ଉପସ୍ଥିତ ରହି ଶିକ୍ଷାଧିକାରୀ ଶ୍ରୀ ସଲଙ୍କ ଗୁଣାବଳୀର ଉଚ୍ଛସିତ ପ୍ରଶଂସା କରିଥିଲେ। ଦଶପଲ୍ଲାରେ ଶିକ୍ଷା ସହିତ କଳା ଓ ସଂସ୍କୃତିର ବିକାଶ ପାଇଁ ବିଇଓଙ୍କ ଏଭଳି ସହଯୋଗ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି।

# ମଙ୍ଗରାଜପୁରରେ ଦେବଦମ୍ପତିଙ୍କ ବିବାହ

**ବାଣପୁର,୧୯।୬/ଏନ୍ଏନ୍ଏସ୍:** ମଙ୍ଗରାଜପୁର ଗ୍ରାମରେ ବିଜେ ଶ୍ରୀ ଶ୍ରୀ ଗତିଶ୍ୱର ଦେବଙ୍କ ବିବାହ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ବାର ପକ୍ଷରୁ ପ୍ରକାଶ ଚନ୍ଦ୍ର ପାଢ଼ୀ ଓ ସହ ଧର୍ମିଣୀ ଗୀତାଞ୍ଜଳି ପାଢ଼ୀ ସେହିପରି କନ୍ୟା ପକ୍ଷରୁ ସୌମ୍ୟରଞ୍ଜନ ପଣ୍ଡା ଓ ତାଙ୍କ ସହ ଧର୍ମିଣୀ ନିବେଦିତା ପଣ୍ଡା ବିବାହ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ। ପୂଜାରୀ ଦିଲୀପ କୁମାର ପଣ୍ଡା ଓ ଅରୁଣ ବିଗ୍ରହ ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ମଙ୍ଗରାଜପୁରର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଉକ୍ତ ମାଙ୍ଗଳିକ ଉତ୍ସବରେ ଆଲୋକ ସାଜସଜ୍ଜା, ବାଣ ଫୁଟାଇ ଗ୍ରାମ ପରିକ୍ରମା କରିବା ପରେ ବୈଦିକ ରୀତିନୀତି ଅନୁସାରେ ବିବାହ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସୀତା ଷଷ୍ଠୀ ଉପଲକ୍ଷେ ଶ୍ରୀ ଶ୍ରୀ ଗତିଶ୍ୱରଦେବ ନାଟ୍ୟସଂସଦ ତରଫରୁ 'ଏ ମନ କାଶୀ ବୃନ୍ଦାବନ' ନାଟକ ମଞ୍ଚସ୍ଥ କରାଯିବାର ଘୋଷଣା ହୋଇଥିଲା। ଗ୍ରାମ ପରିବେଶ ଅତ୍ୟନ୍ତ ଉତ୍ସବମୁଖର ଓ କୋଳାହଳପୂର୍ଣ୍ଣ ହୋଇପଡ଼ିଥିଲା।

## ଶିଳ୍ପୀଶ୍ରୀ ଅନୁଷ୍ଠାନ କାରିଗରଙ୍କ କୃତିତ୍ୱ

# ପିତ୍ତଳ ଚାଦରରେ ୯ ଫୁଟ୍‌ର ସିଂହାସନ

**କଣ୍ଟିଲୋ,୧୯।୬/ଏନ୍ଏନ୍ଏସ୍:** କଣ୍ଟିଲୋରେ କଂସା ପିତ୍ତଳ ବାସନ ନିର୍ମାଣର ପୂର୍ବ ଐତିହ ଓ ପ୍ରାଚୀନ କଳାକୃତୀ ଦିନକୁ ଦିନ ଲୋପ ପାଇବାର ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ, ଶିଳ୍ପୀଶ୍ରୀ ଅନୁଷ୍ଠାନର କୁଶଳୀ କାରିଗରମାନେ କୃତିତ୍ୱର ସହ ପିତ୍ତଳ ଚାଦରରେ ୯ଫୁଟ ଉଚ୍ଚର ଏକ ଆକର୍ଷଣୀୟ ସିଂହାସନ ନିର୍ମାଣ କରି ସର୍ବସାଧାରଣରେ କମାଲ୍ ଦେଖାଇଛନ୍ତି। ସୂଚନାରୁ ପ୍ରକାଶ ଯେ, କଣ୍ଟିଲୋ ଗ୍ରାମର କଂସା ପିତ୍ତଳ ବାସନ ନିର୍ମାଣର ଉତ୍ତମ ଗୁଣବତ୍ତା ପାଇଁ ରାଜ୍ୟ, ଦେଶ ଓ ବାହାର ଦେଶରେ ମଧ୍ୟ ଏହାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ତେବେ ଏହି ଶିଳ୍ପ ବିଭିନ୍ନ କାରଣରୁ ସଂକୁଚିତ ହୋଇପଡିଥିବାବେଳେ ନିର୍ଦ୍ଦିଷ୍ଟ କାରିଗର ମାନେ ଏବେବି ସେମାନଙ୍କ କଳା ନୈପୁଣ୍ୟର ନିଦର୍ଶନ ପ୍ରଦର୍ଶିତ କରିବା ସହ ଗ୍ରାମର ପୂର୍ବ ଐତିହ୍ୟ ଓ ପ୍ରାଚୀନ କଳାକୃତି ପରିଚୟକୁ ବଜାୟ ରଖିଛନ୍ତି। ଏହି ଶିଳ୍ପୀଶ୍ରୀ ଅନୁଷ୍ଠାନର କୁଶଳୀ କାରିଗରମାନେ ପୂର୍ବରୁ ପିତ୍ତଳ ନିର୍ମିତ ୨୫ଫୁଟ ଉଚ୍ଚତା ବିଶିଷ୍ଟ ଜାତିରପିତା ମହାତ୍ମା ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ନିର୍ମାଣକରି ଇସ୍ପାତନଗରୀ ରାଉରକେଲା ଓ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଇଥିବା ବେଳେ ପୁରୀ ଗିରୀମଠକୁ ୫୫ କିଲୋର ୪ଟା ପଣା ହଣ୍ଡା ଯୋଗାଇଛନ୍ତି। ଏବେ ବର୍ତ୍ତମାନ ୯ଫୁଟ ଉଚ୍ଚର ସିଂହାସନ ନିର୍ମାଣ କରିଛନ୍ତି। ଯାହା କଣ୍ଟିଲୋ କଂସାବାସନ ଶିଳ୍ପ ପ୍ରସିଦ୍ଧିକୁ ଉଜ୍ଜୀବିତ କରିବା ସହିତ ପ୍ରଶଂସା ସାଉଁଟିଛି। ଶିଳ୍ପୀଶ୍ରୀ ଅନୁଷ୍ଠାନ ମୁଖ୍ୟ ସରୋଜ ମହାରଣାଙ୍କ ସମେତ ସନ୍ତୋଷ ମହାରଣା, ପ୍ରଶାନ୍ତ ମହାରଣା ଓ ସହଯୋଗୀ ରାଜେଶ୍ ବେହେରା, ବିପିନ ସାହୁ ଓ ଓଲ୍ଡ଼ି ମିସ୍ତ୍ରୀ ପପିନି ନାୟକ ପ୍ରମୁଖ ଏହି ସିଂହାସନ ନିର୍ମାଣ କରିଛନ୍ତି। ଏଥିପାଇଁ ସେମାନଙ୍କୁ ୪୫ଦିନ ସମୟ ଲାଗିଥିବା ବେଳେ ସିଂହାସନ ଖିଲଣିର ଉଚ୍ଚତା ୯ଫୁଟ ରହିଛି। ନିର୍ମାଣ ହୋଇଥିବା ଉନ୍ନତ ଜ୍ଞାନ କୌଶଳ ପ୍ରୟୋଗ କରାଯାଇଛି। ପିତ୍ତଳ ଚାଦରରେ ଡିଜାଇନ କରାଯାଇ ଅନୁଷ୍ଠାନ ଶିଳ୍ପୀଙ୍କ ଦ୍ୱାରା ଖୋଦେଇ କାର୍ଯ୍ୟ କରାଯାଇଛି ଓ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ ମାସରେ ସମ୍ପନ୍ନ ହୋଇଛି ବୋଲି ଅନୁଷ୍ଠାନର ମୁଖ୍ୟ ଶିଳ୍ପୀ ସରୋଜ ମହାରଣା କହିଛନ୍ତି। ଏହି କାରୁକାର୍ଯ୍ୟପୂର୍ଣ୍ଣ ସିଂହାସନ ଖିଲଣିକୁ ଫିନିସିଂ ପରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ପଠାଯିବ ବୋଲି ଶିଳ୍ପୀଶ୍ରୀ ଅନୁଷ୍ଠାନର ସରୋଜ ମହାରଣା ସୂଚନା ଦେଇଛନ୍ତି।



# କିମ୍ସ୍‌ରେ ୯୦ ବର୍ଷ ବୟସ୍କଙ୍କ ସଫଳ ହୃଦ୍ ଅସ୍ତ୍ରୋପଚାର



**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** କିମ୍ସ୍‌ରେ ଜଣେ ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରେ ଜୀବନ ରକ୍ଷାକାରୀ ଆର୍ଟିକ୍ ଭଲଭ୍ ରିପ୍ଲେସମେଣ୍ଟ (ଏଭିଆର୍) ସଫଳତାର ସହ କରାଯାଇଛି। ବୃଦ୍ଧାବସ୍ଥା ଏବଂ ହୃଦଘାତରେ ଅତ୍ୟଧିକ ଦୁର୍ବଳତା ହେତୁ ରୋଗୀ ହୃଦ ଅସ୍ତ୍ରୋପଚାର ପାଇଁ ଅତ୍ୟଧିକ ବିପଦପୂର୍ଣ୍ଣ ଥିଲେ ମଧ୍ୟ ହୋଇଥିଲେ କିମ୍ସ୍ ଡାକ୍ତରମାନେ ଚାଲେଞ୍ଜର ସମ୍ମୁଖୀନ ହୋଇ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି। କିମ୍ସ୍‌ର ବିଶିଷ୍ଟ ହୃଦ୍ ସର୍ଜନ ଡାକ୍ତର ଅମିତ ଅଗ୍ରୱାଲଙ୍କ ନେତୃତ୍ୱରେ ହୃଦ୍‌ରୋଗ ସର୍ଜରୀ ଦଳ ଏହି ଜଟିଳ ପ୍ରକ୍ରିୟାରେ ରୋଗୀଙ୍କୁ ଉନ୍ନତ ହୃଦ୍‌ରୋଗ ଚିକିତ୍ସା ଯୋଗାଇବା କିମସ ପାଇଁ ଏକ ପ୍ରମୁଖ ସଫଳତା ବୋଲି କୁହାଯାଉଛି। ପ୍ରାୟତଃ ଅସ୍ତ୍ରୋପଚାର ପାଇଁ ଅନୁପଯୁକ୍ତ ବୋଲି ବିବେଚନା କରାଯାଉଥିବା ରୋଗୀଙ୍କଠାରେ ଏଭଳି ସଫଳ ଅସ୍ତ୍ରୋପଚାର ରୋଗୀକୁ ନୂଆ ଜୀବନ ଦେଇଛି। ସୂଚନାଯୋଗ୍ୟ, ହୃଦୟର ଆର୍ଟିକ୍ ଭାଲଭରେ ଓ ବାମ ଭେଣ୍ଟ୍ରିକୁଲାର ସଂକୀର୍ଣ୍ଣ ହୋଇଯାଇଥିବାରୁ ରୋଗୀ ଜଣକ ଗୁରୁତର ଆର୍ଟିକ୍ ଷ୍ଟେନୋସିସ୍ ରୋଗରେ ପୀଡ଼ିତ ହୋଇଥିଲେ। ସେ ଦୀର୍ଘ ସମୟ ଧରି ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା ସହ ଚାଲବୁଲ କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ ହୋଇପଡିଥିଲେ। ଏହା ସହ ସେ ସବୁବେଳେ ହୃଦ୍‌ଘାତର ଲକ୍ଷଣ ଅନୁଭବ କରୁଥିଲେ। ଫଳରେ ତାଙ୍କ ଦୈନନ୍ଦିନ ଜୀବନ କଷ୍ଟମୟ ହୋଇପଡ଼ିଥିଲା। ପରେ ସେ କିମ୍ସ ଡାକ୍ତରଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କଠାରେ ଏଭଳି ବିରଳ ସମସ୍ୟା ଥିବା ଜଣାପଡ଼ିଥିଲା। ଡା. ଅମିତ ଅଗ୍ରୱାଲ୍ ବହୁ ପରୀକ୍ଷା ପରେ ଏହି ରୋଗର ଅସ୍ତ୍ରୋପଚାର କରି ସଫଳ ହୋଇଥିଲେ। ଡା. ଅମିତ ଅଗ୍ରୱାଲ୍‌ଙ୍କ କହିବା ଅନୁସାରେ ବୟସାଧିକ୍ୟ ଓ ହୃଦୟ କାର୍ଯ୍ୟ କରିବାରେ ଦୁର୍ବଳ ହୋଇଯାଇଥିବାରୁ ତାଙ୍କଠାରେ ଅସ୍ତ୍ରୋପଚାର କରିବା ଅତ୍ୟଧିକ ବିପଦପୂର୍ଣ୍ଣ ଥିଲା। ଅସାବଧାନ ହୋଇଥିଲେ ଏ କ୍ଷେତ୍ରରେ ରୋଗୀର ଚିକିତ୍ସା ସମୟରେ ମୃତ୍ୟୁ ଓ ଅସ୍ତ୍ରୋପଚାର ପରବର୍ତ୍ତୀ ଜଟିଳତା ଅଧିକ ବୃଦ୍ଧି ପାଇବାର ସମ୍ଭାବନା ଥାଏ। ଏହା ଛଡ଼ା ୯୦ ବର୍ଷ ବୟସରେ ଓପନ ହାର୍ଟ ସର୍ଜରୀର ସବୁଠାରୁ ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହି ଅସୁବିଧା ସତ୍ତ୍ୱେ କିମ୍ସ୍ ଡାକ୍ତରୀ ଦଳ ଭାଲଭ୍ ରିପ୍ଲେସମେଣ୍ଟ ସର୍ଜରୀକୁ ସଫଳତାର ସହିତ ସମ୍ପନ୍ନ କରିଥିଲେ। ଅସ୍ତ୍ରୋପଚାର ପରେ ରୋଗୀ ଏବେ ସୁସ୍ଥ ଅଛନ୍ତି। ହୃଦ୍‌ରୋଗ ଯନ୍ତ୍ରଣାରୁ ଉପଶମ ମିଳିଛି। କିମ୍ସ୍ ଡାକ୍ତରଙ୍କ ଏହି ସଫଳତାରେ କିଟ୍, କିସ୍ ଓ କିମ୍ସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ଏହି ଅସ୍ତ୍ରୋପଚାରରେ ସାମିଲ ହୋଇଥିବା ସମସ୍ତ ଡାକ୍ତରୀ ଦଳ, ସ୍ୱାସ୍ଥ୍ୟ କର୍ମୀ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହ ସେ ରୋଗୀଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।


## ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ ନାମଲେଖା ବିଜ୍ଞପ୍ତି: ଆଜିଠାରୁ ଆବେଦନ, ଜୁଲାଇ ୧୦ରେ ମେଧା ତାଲିକା

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ (ଆଇଟିଇପି) ପାଠ୍ୟକ୍ରମରେ ନାମଲେଖା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌କୁ ଯାଇ ଏହି ପାଠ୍ୟକ୍ରମ ନିମନ୍ତେ ଆବେଦନ କରିପାରିବେ। ଆଜି ଅପରାହ୍ନ ୨ଟାରୁ ସାମ୍ସ ପୋର୍ଟାଲ୍‌ରେ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ଜୁଲାଇ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଆସନ୍ତା ଜୁଲାଇ ୧୦ ତାରିଖରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ। ଏହି ପାଠ୍ୟକ୍ରମରେ ନାମଲେଖା ଜାତୀୟ ପରୀକ୍ଷଣ ସଂସ୍ଥା (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ଅନୁଷ୍ଠିତ ଜାତୀୟ ସାଧାରଣ ପ୍ରବେଶିକା ପରୀକ୍ଷା (ନ୍ୟାସନାଲ କମନ ଏଣ୍ଟ୍ରାନ୍ସ ଟେଷ୍ଟ)ର ନମ୍ବର ଆଧାରରେ କରାଯିବ। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଇଣ୍ଟିଗ୍ରେଟେଡ୍ ଟିଚର୍ ଏଜୁକେସନ୍ ପ୍ରୋଗ୍ରାମ୍ ପାଠ୍ୟକ୍ରମର ପାଠପଢ଼ା ଆସନ୍ତା ଅଗଷ୍ଟ ୧ ତାରିଖରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ଆକାଶ ଅମ୍ବାନୀ ରଖିଲେ ଜିଓର ରୋଡ୍‌ମ୍ୟାପ୍

# କଲ୍, ବ୍ୟବସାୟ ଓ କୃଷି ପର୍ଯ୍ୟନ୍ତ ପହଞ୍ଚିବ ଏଆଇ

**ଭୁବନେଶ୍ୱର,ମୁମ୍ବାଇ,୧୯।୬/ଏନ୍ଏନ୍ଏସ୍:** ଜିଓର ପରବର୍ତ୍ତୀ ବଡ଼ ଲମ୍ଫ ଏଆଇ କ୍ଷେତ୍ରରେ ହେବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ବୈଠକରେ ଅଭିଭାଷଣ ଦେଇ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଭାରତ କେବଳ ଅନ୍ୟତ୍ର ବିକଶିତ ଏଆଇର ଏକ ଗ୍ରାହକ ହୋଇ ରହିବା ଉଚିତ୍ ନୁହେଁ; ବରଂ, ଭାରତ ଏଆଇରେ ଏକ ସୃଷ୍ଟିକର୍ତ୍ତା ଏବଂ ବିଶ୍ୱସ୍ତରରେ ଅଗ୍ରଣୀ ହେବା ଉଚିତ। ମୁକେଶ ଅମ୍ବାନୀ ଉଲ୍ଲେଖ କରିଛନ୍ତି ଯେ ଏହି ଦୃଷ୍ଟିକୋଣ ସହିତ, ରିଲାଏନ୍ସ ଇଣ୍ଟେଲିଜେନ୍ସକୁ କମ୍ପାନୀର ନୂତନ ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଆଗକୁ ବଢ଼ାଯାଉଛି। ସେ କହିଛନ୍ତି ଯେ ରିଲାଏନ୍ସ ଇଣ୍ଟେଲିଜେନ୍ସର ଉଦ୍ଦେଶ୍ୟ ହେଉଛି ଗ୍ରାହକ, ଉଦ୍ୟୋଗ ଏବଂ ସରକାରଙ୍କ ପାଇଁ ଏଆଇ ଭିତ୍ତିଭୂମି, ପ୍ଲାଟଫର୍ମ ଏବଂ ସେବାଗୁଡ଼ିକର ଏକ ଲାଭଦାୟକ ବ୍ୟବସାୟ




▶▶ ଜିଓ ଭାରତୀୟ ଭାଷାରେ ଦେଶୀୟ ଏଆଇ ବିକଶିତ କରୁଛି
▶▶ ୨୨ ଭାରତୀୟ ଭାଷାରେ ସେବା ପାଇଁ ପ୍ରସ୍ତୁତି

ନିର୍ମାଣ କରିବା। ଜିଓର ଅଧ୍ୟକ୍ଷ ଆକାଶ ଏମ୍. ଅମ୍ବାନୀ ରିଲାଏନ୍ସ ଇଣ୍ଟେଲିଜେନ୍ସର ସେବା ଏବଂ ଏଆଇ ଉତ୍ପାଦ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ସେ ସୂଚନା ଦେଇଥିଲେ ଯେ ରିଲାଏନ୍ସ ଇଣ୍ଟେଲିଜେନ୍ସ ଜାମନଗରରେ ଭାରତର ସାର୍ବଭୌମ ଏଆଇ ମେରୁଦଣ୍ଡ ନିର୍ମାଣ କରୁଛି। ଏହି ଭିତ୍ତିଭୂମି ରିଲାଏନ୍ସର ନିଜସ୍ୱ ସୌରଶକ୍ତି ଦ୍ୱାରା ପରିଚାଳିତ ହେବ। ୨୦୨୬ ଶେଷ ସୁଦ୍ଧା ୧୨୦ ମେଗାୱାଟର ପ୍ରାରମ୍ଭିକ କ୍ଷମତାକୁ କାର୍ଯ୍ୟକାରୀ କରିବାର ଯୋଜନା ରହିଛି। ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ, ଏହି କ୍ଷମତା ଦୁଇ ଲକ୍ଷରୁ ଅଧିକ ଏଚ୧୦୦-ସମତୁଲ୍ୟ ଜିପିୟୁ ପର୍ଯ୍ୟନ୍ତ ବଢ଼ିପାରିବ। ଆକାଶ ଅମ୍ବାନୀ କହିଛନ୍ତି, ଗ୍ଲୋବାଲ୍ ଏଆଇ ପ୍ଲାଟଫର୍ମଗୁଡ଼ିକ ସାଧାରଣତଃ ପ୍ରଥମେ ଇଂରାଜୀରେ ନିର୍ମିତ ହୋଇ ପରେ ଅନୁବାଦିତ ହୋଇଥାଏ। ବିପରୀତରେ, ଜିଓ ଭାରତୀୟ ଭାଷାରେ ଦେଶୀୟ ଏଆଇ ନିର୍ମାଣ କରୁଛି। ଭାରତର ଏଆଇ ଭାରତୀୟ ଭାଷାରେ କଥା ହେବ। ଏହା ଭାରତୀୟଙ୍କ ହୃଦୟକୁ ଯୋଡ଼ିବ। ଏହା ଭାରତର ଛବି ଏବଂ ଭାଗ୍ୟକୁ ପରିବର୍ତ୍ତନ କରିବ। ରିଲାଏନ୍ସ ଇଣ୍ଟେଲିଜେନ୍ସ ୨୨ଟି ଭାରତୀୟ ଭାଷାରେ ଭରସାଯୋଗ୍ୟ, ସୁଲଭ ଏବଂ ବହୁଭାଷୀ ଏଆଇ ସେବା ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଛି। ଆକାଶ ଅମ୍ବାନୀ ଭାରତୀୟ ପ୍ରଯୁକ୍ତିକୁ ବିଶ୍ୱରେ ପହଞ୍ଚାଇବାକୁ ଜିଓର ପଞ୍ଚମ ପ୍ରତିବଦ୍ଧତା ସହିତ ଯୋଡିଛନ୍ତି। ସେ କହିଛନ୍ତି ଯେ ୫ଜି, ଫିକ୍ସଡ଼ ୱାୟାରଲେସ୍ ଆକ୍ସେସ୍ ଏବଂ ଏଆଇ ସେବା ପାଇଁ ଜିଓ ଦ୍ୱାରା ବିକଶିତ ନିଜର ଡିପ୍-ଟେକ୍ ଷ୍ଟାକ୍ ଏବେ ଆନ୍ତର୍ଜାତୀୟ ସହଯୋଗୀମାନଙ୍କ ସହିତ କିଛି ନିର୍ଦ୍ଦିଷ୍ଟ ଦେଶଗୁଡ଼ିକରେ ନିୟୋଜିତ ହେବା ପାଇଁ ପ୍ରସ୍ତୁତ ରହିଛି। ରିଲାଏନ୍ସ ଗୁଗୁଲ, ମେଟା ଏବଂ ଏନଭିଡ଼ିଆ ସହିତ ଏହାର ସହଭାଗୀତା ସମ୍ପର୍କରେ ମଧ୍ୟ ସୂଚନା ଦେଇଛି। କମ୍ପାନୀ କହିଛି ଯେ ଏହି ସହଭାଗୀତା ଜରିଆରେ ବିଶ୍ୱ ପ୍ରଯୁକ୍ତିବିଦ୍ୟାକୁ ଭାରତୀୟ କାର୍ଯ୍ୟନ୍ୱୟନ, ଭାରତୀୟ ଭିତ୍ତିଭୂମି ଏବଂ ଭାରତ-ପ୍ରଥମ ଗଭର୍ଣ୍ଣାନ୍ସ ସହିତ ଯୋଡ଼ାଯିବ।

# ଯାତ୍ରୀ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ଟ୍ରେନରେ ଅତିରିକ୍ତ କୋଚ୍ ସଂଯୋଗ

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ଯାତ୍ରୀମାନଙ୍କୁ ଅଧିକ ଆରାମଦାୟକ ଭ୍ରମଣ ସୁବିଧା ଯୋଗାଇଦେବା ଏବଂ ଆଗାମୀ ସପ୍ତାହରେ ବଢୁଥିବା ଯାତ୍ରୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ କେତେକ ଏକ୍ସପ୍ରେସ ଟ୍ରେନରେ ଅସ୍ଥାୟୀ ଭାବେ ଅତିରିକ୍ତ କୋଚ୍ ସଂଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଟ୍ରେନ୍ ନମ୍ବର ୧୨୮୩୭ ହାୱଡା-ପୁରୀ ଏକ୍ସପ୍ରେସରେ ୨୦ ଜୁନ୍‌ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ। ସେହିଭଳି, ଟ୍ରେନ୍ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସରେ ୨୧ ଜୁନ୍ ୨୦୨୬ ଦିନ ଗୋଟିଏ



ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୦୪୫ ଶାଲିମାର-ଚର୍ଲାପଲ୍ଲୀ ଇଷ୍ଟ କୋଷ୍ଟ ଏକ୍ସପ୍ରେସରେ ୨୦ ଜୁନ୍‌ରୁ ୨୬ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ଏସି ୩-ଟାୟାର ସଂଯୋଗ କରାଯିବ। ଟ୍ରେନ୍ ନମ୍ବର ୧୮୦୬୩ ସାନ୍ତ୍ରାଗାଛି-ୟେଲହଙ୍କା ଏସି ଏକ୍ସପ୍ରେସରେ ୨୫ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ କୋଚ୍ ବୃଦ୍ଧି କରାଯିବ। ଟ୍ରେନ୍ ନମ୍ବର ୧୮୧୦୭ ରାଉରକେଲା-ଜଗଦଲପୁର ଇଣ୍ଟରସିଟି ଏକ୍ସପ୍ରେସରେ ୨୦ ଜୁନ୍ ୨୦୨୬ ଦିନ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ କୋଚ୍ ସଂଯୋଗ କରାଯିବ।

## ଓଡ଼ିଶାର 'ସ୍ୱତନ୍ତ୍ର ସଘନ ସଂଶୋଧନ' ମଡେଲକୁ ମହାରାଷ୍ଟ୍ର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର 'ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬' ପ୍ରକ୍ରିୟା ଏକ ସଫଳ ମଡେଲ ଭାବେ ଉଭା ହୋଇଛି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଚାଲିଥିବା ଏହି କାର୍ଯ୍ୟର ଅଗ୍ରଗତି ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପ୍ରମୁଖ ସଚିବ ଏସ. ବି. ଯୋଶୀଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ୧୧୨, ୧୧୩ ଏବଂ ୧୧୪ ନମ୍ବର ବିଧାନସଭା ନିର୍ବାଚନ ମଣ୍ଡଳୀଗୁଡ଼ିକର କାର୍ଯ୍ୟକଳାପ ସହ ପରିଗଣନା ଫର୍ମ ବଣ୍ଟନ, ଡିଜିଟାଇଜେସନ ଏବଂ କ୍ଷେତ୍ର କର୍ମଚାରୀଙ୍କ କାର୍ଯ୍ୟର ଅନୁଧ୍ୟାନ କରାଯାଇଛି। କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପାଇଁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ବିଏମସି କମିଶନର ଚଞ୍ଚଳ ରାଣା, ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ, ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ, କୈଳାସ ଚନ୍ଦ୍ର ଦାସ ଏବଂ ସମସ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ, ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନଙ୍କ ଉପସ୍ଥିତିରେ ଅନୁଷ୍ଠିତ ଅନ୍ୟ ଏକ ଉଚ୍ଚସ୍ତରୀୟ ବୈଠକରେ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ. ଚୋକଲିଙ୍ଗମ ଯୋଗଦେଇ ଓଡ଼ିଶାର ଏହି ଅଭିନବ ପ୍ରଣାଳୀକୁ ବେଶ୍ ପ୍ରଶଂସା କରିଛନ୍ତି। ରାଜ୍ୟରେ ଆଜି ସୁଦ୍ଧା ୯୯.୪୪ ପ୍ରତିଶତ (୩ କୋଟି ୩୨ ଲକ୍ଷ ୧୩ ହଜାର ୩୯୩ ଜଣ) ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଥିବା ବେଳେ ସେଥିରୁ ୬.୦୫ ପ୍ରତିଶତ (୨ କୋଟି ୨୦ ଲକ୍ଷ ୬୧ ହଜାର ୭୩୯ ଜଣ) ଭୋଟରଙ୍କ ତଥ୍ୟ ଡିଜିଟାଇଜେସନ ସରିଛି। ଏହି ସର୍ବୋତ୍ତମ ଜ୍ଞାନକୌଶଳ ଆଗାମୀ ଦିନରେ ଅନ୍ୟ ନିର୍ବାଚନୀ ପ୍ରକ୍ରିୟାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ଡେପୁଟି ସିଇଓ ଅନାମିକା ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




# ନିଟ୍ ପରୀକ୍ଷାର୍ଥୀଙ୍କ ପାଇଁ ଦେୟମୁକ୍ତ ବସ୍‌ସେବା

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ନିଟ୍ ପରୀକ୍ଷା ପାଇଁ ଭୁବନେଶ୍ୱରକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ବସ୍‌ସେବା ପ୍ରଦାନ କରାଯିବ। ଆସନ୍ତା ୨୧ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଭୁବନେଶ୍ୱର ରେଲ୍‌ୱେ ଷ୍ଟେସନ୍ (ମାଷ୍ଟରକ୍ୟାଣ୍ଟିନ୍), ବରମୁଣ୍ଡା ବସ୍‌ଷ୍ଟାଣ୍ଡ, ଖୋର୍ଦ୍ଧା ରୋଡ୍ ଷ୍ଟେସନ୍, ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡରୁ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କର ପରୀକ୍ଷା କେନ୍ଦ୍ରକୁ ନେବା-ଆଣିବା ପାଇଁ ସ୍ୱତନ୍ତ୍ର ବସ୍‌ର ବ୍ୟବସ୍ଥା କରାଯାଇଛି। ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୨୬ଟି ପରୀକ୍ଷା କେନ୍ଦ୍ର ପାଇଁ ପରୀକ୍ଷାର୍ଥୀମାନଙ୍କୁ ନେବା ଆଣିବା ନିମନ୍ତେ ୧୦୮ଟି ବସ୍ ଚଳାଚଳ କରିବ। ଛାତ୍ରଛାତ୍ରୀମାନେ ସେମାନଙ୍କ ନିଟ୍ ପରୀକ୍ଷାର ଆଡ୍‌ମିଟ୍ କାର୍ଡ ଦେଖାଇ ବସ୍‌ରେ ଯାତାୟତ କରିପାରିବେ। ପରୀକ୍ଷାର୍ଥୀମାନେ ଅଧିକ ଜାଣିବା ପାଇଁ ରବୀନ୍ଦ୍ର ନାଥ ଜେନା (୯୨୩୭୩୭୮୬୫୮) ଏବଂ ଚିତ୍ତରଞ୍ଜନ ସାହୁ (୯୨୩୭୩୭୮୫୭୨)ରେ ଯୋଗାଯୋଗ କରିପାରିବେ।

## ଜିଓ ଆଇପିଓ ପାଇଁ ଅପେକ୍ଷାର ଅନ୍ତ

# କମ୍ପାନୀ ୨୭ କୋଟି ପର୍ଯ୍ୟନ୍ତ ସେୟାର୍‌ର ନୂତନ ଇସ୍ୟୁ ଆଣିବ

**ଭୁବନେଶ୍ୱର,ମୁମ୍ବାଇ,୧୯।୬/ଏନ୍ଏନ୍ଏସ୍:** ଦେଶର ସବୁଠାରୁ ପ୍ରତୀକ୍ଷିତ ଆଇପିଓ ମଧ୍ୟରୁ ଅନ୍ୟତମ ଜିଓ ପ୍ଲାଟଫର୍ମସର ସାର୍ବଜନୀନ ଇସ୍ୟୁ ପାଇଁ ଆନୁଷ୍ଠାନିକ ପ୍ରକ୍ରିୟା ଆରମ୍ଭ ହୋଇଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦିଆଯାଇଥିବା ଏକ ସୂଚନାରେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଘୋଷଣା କରିଛି ଯେ ଜିଓ ପ୍ଲାଟଫର୍ମସ ଲିମିଟେଡର ବୋର୍ଡ ୨୭ କୋଟି ପର୍ଯ୍ୟନ୍ତ ଇକ୍ୱିଟି ସେୟାରର ନୂତନ ଇସ୍ୟୁକୁ ଅନୁମୋଦନ କରିଛି। ଏହି ସେୟାରଗୁଡ଼ିକର ଫେସ୍ ଭାଲ୍ୟୁ ପ୍ରତି ସେୟାର ୧୦ ଟଙ୍କା ରହିବ ଏବଂ ଇସ୍ୟୁ ମୂଲ୍ୟ ବୁକ୍-ବିଲଡିଂ ପ୍ରକ୍ରିୟା ମାଧ୍ୟମରେ ନିର୍ଣ୍ଣୟ କରାଯିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ୪୯ତମ ବାର୍ଷିକ ସାଧାରଣ ବୈଠକ (ଏଜିଏମ) ରେ କମ୍ପାନୀର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ ଡି. ଅମ୍ବାନୀ କହିଛନ୍ତି ଯେ ଜିଓ ପ୍ଲାଟଫର୍ମସ ବୋର୍ଡ ଡ୍ରାଫ୍ଟ ରେଡ୍ ହେରିଂ ପ୍ରସ୍ପେକ୍ଟସ୍‌କୁ ଅନୁମୋଦନ କରିଛି, ଯାହା ଆଜି ସେବି ନିକଟରେ ଦାଖଲ କରାଯିବ। ବିଏସଇ ଏବଂ ଏନଏସଇକୁ ଦିଆଯାଇଥିବା ସୂଚନାରେ, କମ୍ପାନୀ ଏହା ମଧ୍ୟ ଉଲ୍ଲେଖ କରିଛି ଯେ ଆଇପିଓ ଆବଶ୍ୟକୀୟ ନିୟାମକ ଅନୁମୋଦନ ଅଧୀନରେ ରହିବ। ଏଜିଏମ୍‌ରେ ମୁକେଶ ଅମ୍ବାନୀ ଏହି ମୁହୂର୍ତ୍ତକୁ




ରିଲାଏନ୍ସ ପରିବାର ଏବଂ ଏହାର ଲକ୍ଷ ଲକ୍ଷ ସେୟାରଧାରୀଙ୍କ ପାଇଁ ଏକ ଭାବନାତ୍ମକ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ରିଲାଏନ୍ସ ଏବଂ ଏହାର ସେୟାରଧାରକଙ୍କ ମଧ୍ୟରେ ସମ୍ପର୍କ ଗର୍ବ, ବିଶ୍ୱାସ, ସମ୍ମାନ ଏବଂ ସହଭାଗୀ ଅଭିବୃଦ୍ଧି ଉପରେ ନିର୍ମିତ ଏକ ଗଭୀର ଏବଂ ପବିତ୍ର ସମ୍ପର୍କ।

ମୁକେଶ ଅମ୍ବାନୀ କହିଛନ୍ତି, ଜିଓର ପ୍ରସ୍ତାବିତ ଲିଷ୍ଟିଙ୍ଗ ବିଶ୍ୱକୁ ପ୍ରଦର୍ଶନ କରିବ ଯେ ଭାରତ ବିଶ୍ୱସ୍ତରୀୟ ସ୍ତର, ବିଶ୍ୱସ୍ତରୀୟ କ୍ଷମତା ଏବଂ ବିଶ୍ୱସ୍ତରୀୟ ମୂଲ୍ୟର ପ୍ରଯୁକ୍ତି ବା ଟେକ୍ନୋଲୋଜି କମ୍ପାନୀ ନିର୍ମାଣ କରିପାରିବ। ମୁଁ ଆପଣଙ୍କୁ ଏବଂ ସମସ୍ତ ସମ୍ଭାବ୍ୟ ନୂତନ ନିବେଶକଙ୍କୁ ଆଶ୍ୱାସନା ଦେଉଛି ଯେ ଜିଓର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ। ସେ ଆହୁରି କହିଛନ୍ତି ଯେ ଏହି ବର୍ଷ ମୂଲ୍ୟ ସୃଷ୍ଟିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେଉଛି ଜିଓର ଆଗାମୀ ଆଇପିଓ। ଏହା ରିଲାଏନ୍ସ ସେୟାରଧାରୀଙ୍କ ପାଇଁ ଯଥେଷ୍ଟ ମୂଲ୍ୟ ଅନଲକ୍ କରିବ ଏବଂ ନୂତନ ନିବେଶକଙ୍କ ପାଇଁ ଆକର୍ଷଣୀୟ ନିବେଶ ସୁଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି। ଗତ ଏକ ଦଶନ୍ଧି ଧରି, ଜିଓ ଭାରତର ଡିଜିଟାଲ୍ ଦୃଶ୍ୟପଟକୁ ପରିବର୍ତ୍ତନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ମୁକେଶ ଅମ୍ବାନୀ ମନେ ପକାଇଥିଲେ ଯେ ଯେତେବେଳେ ଜିଓ ଏହାର ଯାତ୍ରା ଆରମ୍ଭ କରିଥିଲା, ସେତେବେଳେ ଭଏସ୍ ସେବା ଓ ଡାଟା ମହଙ୍ଗା ଥିଲା ଏବଂ ଇଣ୍ଟରନେଟ୍ ସ୍ପିଡ୍ କମ୍ ଥିଲା। ଜିଓ ଭଏସ୍ କଲ୍ ମାଗଣା ଏବଂ ହାଇ-ସ୍ପିଡ୍ ଡାଟାକୁ ସୁଲଭ କରିଥିଲା; ଆଜି ଏହାର ଉପଭୋକ୍ତା ସଂଖ୍ୟା ୫୨.୪ କୋଟି ଅତିକ୍ରମ କରିଛି। କମ୍ପାନୀର ୫ଜି ଗ୍ରାହକ ସଂଖ୍ୟା ୨୬.୮ କୋଟି ଅତିକ୍ରମ କରିଛି, ଯାହା ଚୀନ୍ ବାହାରେ ଯେକୌଣସି ଗୋଟିଏ ଦେଶର ଅପରେଟର ପାଇଁ ସର୍ବାଧିକ। ଜିଓଏୟାରଫାଇବର ୧.୩ କୋଟି ଘର ଓ ପରିସରରେ ପହଞ୍ଚିଛି, ଯାହା ଜିଓକୁ ବିଶ୍ୱର ସର୍ବବୃହତ ଫିକ୍ସଡ଼ ୱେୟାରଲେସ ବ୍ରଡବ୍ୟାଣ୍ଡ ଅପରେଟର କରିଛି। ଜିଓର ଅଭିବୃଦ୍ଧିର ପରବର୍ତ୍ତୀ ପର୍ଯ୍ୟାୟ ପାଞ୍ଚଟି ପ୍ରତିବଦ୍ଧତା ଉପରେ ଆଧାରିତ ରହିବ - ଜିଓ ଟ୍ରୁ ୫ଜିକୁ ଭାରତର ପରବର୍ତ୍ତୀ ଡିଜିଟାଲ୍ ଲମ୍ଫ ପାଇଁ ମୂଳଦୁଆ ଭାବରେ ସ୍ଥାପନ କରିବା, ଜିଓଏୟାରଫାଇବର ମାଧ୍ୟମରେ ଦେଶର ପ୍ରତ୍ୟେକ ଅଂଶକୁ ହାଇ-ସ୍ପିଡ୍ ହୋମ୍ ବ୍ରଡବ୍ୟାଣ୍ଡ ବିସ୍ତାର କରିବା, ଭାରତୀୟ ଉଦ୍ୟୋଗ ଓ କ୍ଷୁଦ୍ର ବ୍ୟବସାୟଗୁଡିକୁ ଡିଜିଟାଇଜେସନ୍ କରିବା, ସବୁଠି ସମସ୍ତଙ୍କ ପାଖରେ ଏଆଇ ଉପଲବ୍ଧ କରାଇବା ଏବଂ ଭାରତୀୟ ପ୍ରଯୁକ୍ତିବିଦ୍ୟାକୁ ବିଶ୍ୱ ସ୍ତରରେ ପହଞ୍ଚାଇବା।

## ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ସରଳ କରିବାକୁ ନୂତନ ମାନକ କାର୍ଯ୍ୟପ୍ରଣାଳୀ ଜାରି

**ଭୁବନେଶ୍ୱର,୧୯।୬/ଏନ୍ଏନ୍ଏସ୍:** ରାଜ୍ୟରେ ଆପାର୍ଟମେଣ୍ଟ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ସରଳ ଓ ସମନ୍ୱିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ଏକ ନୂତନ ମାନକ କାର୍ଯ୍ୟପ୍ରଣାଳୀ (ଏସ୍‌ଓପି) ଜାରି କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ମିଳିତ ସହଯୋଗରେ ଏହି ନିୟମାବଳୀ ପ୍ରଣୟନ କରାଯାଇଛି। ଏହି ନୂତନ ନିୟମାବଳୀ ଅନୁଯାୟୀ, ଆପାର୍ଟମେଣ୍ଟ ସମ୍ବନ୍ଧୀୟ ପଞ୍ଜୀକରଣକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି: ପ୍ରାକ୍-ରେରା (ପ୍ରି-ରେରା) ଆପାର୍ଟମେଣ୍ଟର ପୁନଃ ବିକ୍ରୟ, ପ୍ରାକ୍-ରେରା ପ୍ରକଳ୍ପରେ ବିକ୍ରୟ ହୋଇନଥିବା ଫ୍ଲାଟ୍‌ର ପ୍ରଥମ ବିକ୍ରୟ ଏବଂ ପରବର୍ତ୍ତୀ-ରେରା (ପୋଷ୍ଟ-ରେରା) ଆପାର୍ଟମେଣ୍ଟ। ପ୍ରତ୍ୟେକ ବିଭାଗ ପାଇଁ ଆବଶ୍ୟକୀୟ ଦଲିଲପତ୍ର, ଯାଞ୍ଚ ପ୍ରକ୍ରିୟା ଏବଂ ପଞ୍ଜୀକରଣର ସର୍ତ୍ତାବଳୀକୁ ଏହି ନୂତନ ନିୟମାବଳୀରେ ସ୍ପଷ୍ଟ କରାଯାଇଛି। ପରବର୍ତ୍ତୀ-ରେରା ଆପାର୍ଟମେଣ୍ଟ କ୍ଷେତ୍ରରେ ପଞ୍ଜୀକରଣ ପୂର୍ବରୁ ଓଡ଼ିଶା ରେରା ପଞ୍ଜୀକରଣ (ଯେଉଁଠି ପ୍ରଯୋଜ୍ୟ), ଦଖଲ ପ୍ରମାଣପତ୍ର (ଅକ୍ୟୁପାନ୍ସି ସାର୍ଟିଫିକେଟ୍), ଆଲଟମେଣ୍ଟ ଗ୍ରହୀତାଙ୍କ ସଂଘର ପଞ୍ଜୀକରଣ, ଧାରା-୯ ଅନୁଯାୟୀ ଘୋଷଣାନାମାର ପଞ୍ଜୀକରଣ ଏବଂ ସାଧାରଣ କ୍ଷେତ୍ର ଓ ସୁବିଧାର ହସ୍ତାନ୍ତର ସମ୍ବନ୍ଧୀୟ ବ୍ୟବସ୍ଥା ପାଳନ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ସମ୍ପୃକ୍ତ କ୍ଷମତାସମ୍ପନ୍ନ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପରେ ହିଁ ପଞ୍ଜୀକରଣ ସମ୍ଭବ ହେବ।



ନିତିଦିନ NITIDIN

ଦୁର୍ବଳ ଲୋକମାନେ କେବେ ବି କ୍ଷମା ମାଗନ୍ତି ନାହିଁ । ସେହିପରି କ୍ଷମା କରିବା ଶକ୍ତିଶାଳୀ ଲୋକର ବିଶେଷ ଗୁଣ । - ଗାନ୍ଧୀ ବାଣୀ

## ଚାଳଘର


ତପନ କୁମାର ସ୍ୱାଇଁ

ଆଜିକାଲି ଆଉ ମେଘ ବରଷୁନି
ନିଆଁ ବରଷୁଛି ଯେମିତି,
ଘରେ କି ବାହାରେ ରହି ହେଉ ନାହିଁ
ଆଗ ପରି ଆଉ ସେମିତି ।
ଆଗକାଳେ ଥିଲା ଗଛ ମାଳମାଳ
ଝଙ୍କା ଗହଳିଆ ସବୁଜ,
ଧରାକୁ ଏମିତି ଢାଙ୍କି ରଖିଥିଲା
ସତେକି ଯେମିତି ଗମ୍ବୁଜ ।
ଗାଆଁ ଗହଳିରେ ଥିଲା ଚାଳଘର
ନଥିଲା ଉତ୍ତାପ ଗରମ,
ଗଛ ଛାଇ ପାଇଁ ପାଣି ପାଗ ସବୁ
ରହୁଥିଲା ଟିକେ ନରମ ।
ମାଡୁ ଥିଲା ପୋଇ କଖାରୁ, କାକୁଡି,
ଚାଳ ମଥାନରେ ବାଗରେ,
ଜେଜେ ଦେଉଥିଲେ ରଞ୍ଜା ଗୋଟିଗୋଟି
ବାଉଁଶ ଗଛର ଡାଙ୍ଗରେ ।
ପତର ଛାଇରେ ଚାଳଘର ଏତେ
ଗରମ ଜମାରୁ ଲାଗେନା,
ବିଞ୍ଚି ହେବା ପାଇଁ ଆଈମାଆ ମୋର
ବିଞ୍ଚଣା କୋଉଠି ଖୋଜେନା ।
ସରକାର ଦେଲେ କୋଠଘର ସବୁ
ମେଘ ବତାସକୁ ଡରିକି,
ଭାବିଲ ଥରିଏ ଚାଳଘର ପରି
କୋଠା କେବେ ହେବ ସରିକି !

**ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର**
**ମୋ: ୯୦୪୦୦୩୩୩୯୦**

## ପୁଷି ବିଲେଇ


କୁନ୍ତଳା ମହାପାତ୍ର

ପୁଷି ବିଲେଇଟି ଥିରିଥିରି ଯାଇ
ସୋନୁ କୋଳେ ଯାଏ ପଶି
ତା ସ୍ନେହ ଡୋରିରେ ବାନ୍ଧି ହୋଇଯାଏ
ଦେହେ ହୁଏ ଘଷିଘାଷି ।
ସକାଳ ଆସିଲେ ପୁଷିକୁ ନଦେଖି
ସୋନୁ ହୁଏ କନ କନ
ଦାଣ୍ଡ ବାରିଆଡ଼ ଖୋଜି ସେ ଆସଇ
କୋଉଠି ଅଛି ମୋ ଧନ ।
ସକାଳେ ବିସ୍କୁଟ ଖରାବେଳେ ଭାତ
ରାତିରେ ଯେ କ୍ଷୀର ରୁଟି
ସଜାଡ଼ିକି ସୋନୁ ପୁଷି ଆଗେ ଥୁଏ
ପୁଷି ଖାଏ ଚାଟି ଚୁଟି ।
ସୋନୁ କଲେଜରୁ ଫେରିବା ପର୍ଯ୍ୟନ୍ତ
ପୁଷି ରହିଥାଏ ଚାହିଁ
ଦେଖିଦେଲେ ତାକୁ ଡିଆଁଟିଏ ମାରି
ତାପାଖେ ହୁଏ ଗେହ୍ଲେଇ ।
ମଣିଷକୁ ଯେତେ ଭଲ ପାଅ ତୁମେ
ମଣିଷ ତ ବୁଝେ ନାହିଁ
ପଶୁ ହୋଇ ପୁଷି ସ୍ନେହ ମମତାକୁ
ଏଡ଼ାଇ ପାରେନା ଯାଇ ।

**ଦଳେଇଘାଇ, ଜଗତସିଂହପୁର**
**ମୋ: ୮୧୪୪୪୧୩୭୪୯**

## ଆମ ଗର୍ବ, ଆମ ଗୌରବ



### ପ୍ରଶାନ୍ତ କୁମାର ସାହୁ

ଜନ୍ମ ତାରିଖ: ୨୪ ଅଗଷ୍ଟ ୧୯୬୩
ଜନ୍ମସ୍ଥାନ/ଠିକଣା: ନରସିଂହ ପୁର, ନହଙ୍ଗ ପାଟଣା, ଧର୍ମଶାଳା, ଜି: ଯାଜପୁର
ମୋ: ୯୪୩୭୦୭୩୯୨୧

ରାଜ୍ୟର ଜଣେ ସୁପରିଚିତ ଶିଶୁ ସାହିତ୍ୟିକ । ଶିଶୁସାହିତ୍ୟ ସଂକଳନ 'ଆରେ ପାରା ଆ', ଜୀବନୀ ସଂକଳନ 'ମାନନୀୟେଷୁ', କୁଇଜ୍ ପୁସ୍ତକ 'ବାପୁ ୧୫୦' ବେଶ୍ ପାଠକୀୟ ଆଦୃତି ଲାଭ କରିଛି । ଶିଶୁସାହିତ୍ୟ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁସାହିତ୍ୟ ସମ୍ମାନ, ଚାଚା ନେହରୁ ଶିଶୁସାହିତ୍ୟ ସମ୍ମାନ ଆଦି ଅନେକ ପୁରସ୍କାରରେ ସମ୍ମାନିତ । ଶିଶୁମାନଙ୍କର ପଠନ ରୁଚି ବିକାଶ ପାଇଁ ତାଙ୍କ ଦ୍ୱାରା ପ୍ରତିଷ୍ଠିତ 'ବାକ୍‌ଦେବୀ ଭ୍ରାମ୍ୟମାଣ ପାଠାଗାର' ବେଶ୍ ଲୋକପ୍ରିୟ । ଏପର୍ଯ୍ୟନ୍ତ ୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ପୁସ୍ତକ ଓ ପତ୍ରିକା ପଠନ କର୍ମଶାଳା ଆୟୋଜନ କରି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।

**ଆମ ପ୍ରଶ୍ନ:** ଆମ ଶିଶୁସାହିତ୍ୟ ପିଲାଙ୍କ ପାଖରେ କେତେ ପହଞ୍ଚୁଛି ?

**ଆପଣଙ୍କ ଉତ୍ତର:** ଶିଶୁସାହିତ୍ୟ ପାଠକଙ୍କ ନିକଟରେ ସଠିକ୍ ଭାବେ ପହଞ୍ଚିପାରୁନାହିଁ । ଏହାର କାରଣ ଅନେକ । ମୁଖ୍ୟତଃ ରଙ୍ଗିନ ଓ ଆକର୍ଷଣୀୟ ବହି ସଂଖ୍ୟା ଏତେ ଅଧିକ ନୁହେଁ । ଅଭିଭାବକମାନେ ମଧ୍ୟ ପିଲାମାନଙ୍କ ପାଠ୍ୟ ପୁସ୍ତକ ଶିକ୍ଷାକୁ ଅତ୍ୟଧିକ ଗୁରୁତ୍ୱ ଦେଉଥିବାରୁ ପିଲାମାନଙ୍କ ନିକଟରେ ଶିଶୁସାହିତ୍ୟ ପଢ଼ିବାର ବିଶେଷ ସୁଯୋଗ ରହୁନାହିଁ । ଅନେକ ଲେଖକ ଲେଖାର ମାନ ଅପେକ୍ଷା ପ୍ରକାଶନ ସଂଖ୍ୟାକୁ ଅଧିକ ଗୁରୁତ୍ୱ ଦେଉଥିବାରୁ ଶିଶୁସାହିତ୍ୟ ଗତାନୁଗତିକତାରୁ ବେଶି ଆଗକୁ ଯାଇପାରୁନାହିଁ । ପିଲାଙ୍କ ଶିଶୁସାହିତ୍ୟ ପଠନ ଅଭ୍ୟାସ ବୃଦ୍ଧି ପାଇଁ ପିତାମାତା, ଗୁରୁଜନ, ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଉଦ୍ୟମ କରିବା ଉଚିତ୍ । ଏ ଦିଗରେ ସରକାର ମଧ୍ୟ ଅଧିକ ଯତ୍ନବାନ ହେବା ଜରୁରୀ ।

### ଦେହକୁ ମନକୁ ହିତ

କୁହୁ କୁହୁ କୁହୁ ଗାଅଇ କୋଇଲି
ଆମ୍ବଗଛ ଡାଳେ ବସି
ସୁଧାସମ ତା'ର ସୁମଧୁର ସ୍ୱର
ମନକୁ କରଇ ଖୁସି ।
କୁଳୁ କୁଳୁ ଗାଇ ବହଇ ଝରଣା
ବନଭୂମି ପାହାଡ଼ରେ
ସେ ଗୀତର ତାନେ ଶୀତଳ ପବନେ
ପରାଣେ ପୁଲକ ଭରେ ।
ସୁଉ ସୁଉ ସୁଉ ସୁସୁରି ବଜାଇ
ପବନ ବି ଗାଏ ଗୀତ
ତୋଟାରେ ମାଳରେ ଖୋଲା ପଡ଼ିଆରେ
ଶୁଣିଥିବ କେବେ ମିତ ।
ସାଗର ଲହରୀ ବେଳାଭୂମିପରେ
ନାଚି ନାଚି ଗାଉଥାଏ
ସେହି ଅନୁଭବ ଗୀତେ ଲେଖିବାକୁ
ମନେ ଭାବ ଆସିଯାଏ !
କୋଇଲି ଝରଣା ପବନ ଲହରୀ
ଯେମିତି ଗାଆନ୍ତି ଗୀତ
ଆସ ସାଥୀ ଆମେ ସେମିତି ଗାଇବା
ଦେହକୁ ମନକୁ ହିତ ।

## ଖାଇଲି ତାଳସଜ


କୁଞ୍ଜ ବିହାରୀ ସାହୁ

ସରକନ୍ତାର ଆମରି ଗାଆଁ
ହସଖୁସିଆ ଅଜା,
ଦନେଇ ଦାସ ନାଆଁଟି ତା'ର
କରେ ବହୁତ ମଜା ।
କେନାଲ କଡ଼େ ଗଛ ମୂଳରେ
ବିକୁଛି ତାଳସଜ,
ନିଅରେ କିଣି ନାତିନାତୁଣୀ
ହୁଅନି ବଜବଜ ।
'ମୋ ଜେଜ ଲଗେଇଥିଲେ
ଯତନେ ତାଳଗଛ,
କେତେ ଗୁଡ଼ିଏ ଫଳ ଧରିଛି
ହୋଇଣ ଆଗପଛ ।
ଖାଆ ଖାଆରେ ତାଳସଜକୁ
କାଟୁଛି ତୁମପାଇଁ,
ଶୋଷ ମେଣ୍ଟିବ ଭଲ ଲାଗିବ
ଖରା ବି ଯିବ ଧାଇଁ ।'
ଥକ୍କାମାରିକି ବସିଲେ ଲୋକେ
ପକେଇଦେଇ ଡାଳ,
ଅଜାଙ୍କ ସାଥେ ମଉଜ କରି
କିଣିଖାଇଲେ ତାଳ ।
ବୋଉ କିଣିଲା ତାଳସଜଟେ
ହରଷେ ଦେଲି ଖାଇ,
ଆଉ ତିନିଟା ସାଥିରେ ନେଲି
ଘରେ ଖାଇବ ଭାଇ ।
ଅଜା କହିଲେ - 'ଗେହ୍ଲା ନାତୁଣୀ
ପଢ଼ିବୁ ଭଲ ପାଠ,
ପାଠ ପଢ଼ିଲେ ସଭିଏଁ ତୋତେ
କହିବେ ଭଲ ଚାଟ ।
ଟାଣଖରାରେ ଏକଲା କେବେ
କୁଆଡ଼େ ଯିବୁ ନାହିଁ,
ବୋଉ ସାଥିରେ ଯାଆ ତୁ ଘର
ଗୀତଟେ ଗାଇ ଗାଇ ।'

**ପାତ୍ରପଡ଼ା, ଭୁବନେଶ୍ୱର**
**ମୋ: ୭୦୦୮୧୪୨୦୪୦**

## ଏଇତ ଆମ ଘର


ସୁହଂସ ଭୋଇ

ଦୁଇ ବଖରା ଗୋବର ଲିପା
ଛୋଟ ଅଗଣା ତାର
ବାଉଁଶ ଛାତ ମାଟିର କାନ୍ଥ
ଏଇତ ଆମ ଘର ।
ଘର ମୁହଁରେ ଚଉରାଟିଏ
ଠିଆ ହୋଇଛି ସେ ତ
ନିଇତି ମାଆ ମୁଣ୍ଡିଆ ମାରେ
ମନାସେ ଆମ ହିତ ।
ବାଡ଼ିପଟରେ ଶାଗ କିଆରି
ବଡ଼ ସଜନା ଗଛ
ଧାଡ଼ିକି ଧାଡ଼ି ଲେମ୍ବୁ ପିଜୁଳି
ଅଛି ପଛକୁ ପଛ ।
ସଞ୍ଜ ସକାଳେ ରୋଷେଇ ଶାଳେ
ମାଆର ବିତେ ବେଳ
ତତଲା ଧୂଆଁ ନିଆଁକୁ ସହି
ରୋଷେଇ କରେ ଭଲ ।
ସଞ୍ଜ ନଇଁଲେ ଡାକ ପଡ଼ଇ
ପଢ଼ିବ ଆସ ପାଠ
ବତୀଟି ଜାଳି ବହିଟି ଧରୁ
ନ କରି ଆଉ ମଠ ।
ସଭିଏଁ ବସି ଏକାଠି ଖାଉଁ
ତଳେ ବିଛେଇ ଶପ
ନିଦ ମାଉସୀ ଆସଇ ଧାଇଁ
ମାଆ କହିଲେ ଗପ ।
ବାପା ଆମର ଘର ମୁରବି
ମାଆ ସ୍ନେହର ଝର
ଆମେ ଅବୋଧ ଶିଶୁ କଳିକା
ଘର ସରଗପୁର ।

**ପହଣ୍ଡି, ବିଜେପୁର, ବରଗଡ଼**
**ମୋ: ୯୪୩୭୫୨୨୪୫୫**

## ସାବାସ୍ ବିଠୁ


ଇଂ. ପ୍ରେମାନନ୍ଦ ନାୟକ

ଡାମରା କାଉ ଠେକୁଆ ଛୁଆ ବିଠୁକୁ କହିଲା- ତୋ' ବାପା, ବୋଉ, ଭାଇ, ଭଉଣୀ ସିଂହକୁ ଡରି କୁଆଡ଼େ ପଳେଇଗଲେ । ତୁ କାହିଁକି ରହିଲୁ ? ବାବାରେ, ସିଂହ ହାବୁଡ଼ରେ ପଡ଼ିଲେ ତୋର ନିସ୍ତାର ନାହିଁ ।

ଠେକୁଆ ଛୁଆ ବିଠୁ କହିଲା- ମଉସା, ହନୁ ଅବଧାନେ ପଢ଼େଇ ଥିଲେ, ଭିଟାମାଟି ଛାଡ଼ି ପଳେଇ ଗଲେ କୋଉଠି ଶାନ୍ତିରେ ରହି ହୁଏନା, ଏକଥା ମୁଁ ବୁଝିପାରୁଛି । ପୁଣି ପଢ଼େଇ ଥିଲେ ଯୋଉ କାମ ଶାବଳ କରିପାରେନା, ସେହି କାମକୁ ଛୁଞ୍ଚି ଅତି ସହଜରେ କରିଦିଏ । ଏହାର ମାନେ କ'ଣ ମୋ' ମୁଣ୍ଡରେ ପଶୁନି । ତମେ ଟିକେ ବୁଝେଇ ଦେଲ ।

ଡାମରା କାଉ କହିଲା- ଯୋଉ କାମଟା ବଳ ଦ୍ୱାରା ହୋଇପାରେ ନି, ସେହି କାମଟି ବୁଦ୍ଧି ଦ୍ୱାରା ଅତି ସହଜରେ ହୋଇଯାଏ । ଏକଥା ଶୁଣି ଠେକୁଆ ଛୁଆ ବିଠୁ ଟିକେ ହସି ଦେଲା ଆଉ ଦୌଡ଼ି ପଳେଇଲା । ଡାମରା କାଉ ମନକୁ ମନ କହିଲା- ଚଗଲା ହେଲେ କ'ଣ ହବ ଭାରି ବୁଦ୍ଧିଆ । ଆଜି କ'ଣ ତା' ମୁଣ୍ଡକୁ ଢୁକିଚି କେଜାଣି !

ବିଠୁ ଯାଇ ଝରଣା କୂଳରେ ପହଞ୍ଚିଲା । ଦେଖିଲା, ବଡ଼ କୁମ୍ଭୀରଟାଏ ପାଟି ମେଲା କରି କୂଳରେ ଶୋଇଛି । ଦୂରରେ ଥାଇ ପଚାରିଲା । କୁମ୍ଭୀର ଭାଇ ! ଏମିତି ମଲା ଭଳିଆ ଦେଖାଯାଉଚୁ କ'ଣ ? କୁମ୍ଭୀର କହିଲା- ଆଠ ଦିନ ହବ କିଛି ଖାଇନିରେ । ଠେକୁଆ ଛୁଆ ବିଠୁ କହିଲା- ଏ ଜଙ୍ଗଲରେ ତ ଜୀବଜନ୍ତୁ ନାହାଁନ୍ତି । ଗୋଟାଏ ସିଂହ ଅଛି । ତୁ ତାକୁ ଖା' । ସେ କେମିତି ଝରଣା ମଝିକି ଯିବ, ସେ କାମ ମୋର ।

ଡେଇଁ ଡେଇଁ ଯାଉଥିଲା ଠେକୁଆ ଛୁଆ ବିଠୁ । ଆଗରେ ସିଂହକୁ ଦେଖି ଅଟକି ଗଲା । କହିଲା- ମହାରାଜଙ୍କର ଜୟ ହେଉ । ସିଂହ ପଚାରିଲା- କିରେ ଖବର କ'ଣ ? ତୋର ଦେଖା ଦର୍ଶନ ନଥିଲା ? କୁଆଡ଼େ ଯାଇଥିଲୁ ? ଠେକୁଆ ଛୁଆ ବିଠୁ କହିଲା ଝରଣା ଆର ପଟେ ମୋ' ମାମୁଘର । ସେଇଠି କି ଯାଇଥିଲି । ମହାରାଜ ସେଠାକାର ରାଜା ଆଜି ସକାଳୁ ତା' ମନ୍ତ୍ରୀକୁ କହୁଥିଲା, କାଲି ସକାଳେ ଆସି ସେ ଆପଣଙ୍କ ବେକ ମୋଡ଼ି ଖାଇବ । ଏକଥା ଶୁଣି ମୋତେ ଭାରି ଅପମାନ ଲାଗିଲା । ଦୌଡ଼ି ଦୌଡ଼ି ଆସିଲି ଆପଣଙ୍କୁ ଖବର ଦେବାକୁ ।

ରାଗିଗଲା ସିଂହ । ପଚାରିଲା- କ'ଣ ସେ କହିଲା ? ଚାଲ୍ ମୋ ସାଙ୍ଗରେ । ଝରଣା କୂଳରେ ପହଞ୍ଚିଲା ସିଂହ । ପଚାରିଲା- ଝରଣାରେ ଏତେ ପାଣି, ତୁ ମାମୁ ଘରୁ କେମିତି ଆସିଲୁ କିରେ ? ଠେକୁଆ ଛୁଆ ବିଠୁ କହିଲା- ଏଇ ଟିକକ ଆଗରୁ ଝରଣା ପୂରା ଶୁଖିଲା ଥିଲା । ହଠାତ୍ ପାଣି ଆସି ଯାଇଛି । ମହାରାଜ, ଆପଣଙ୍କ ବଳ ଆଗରେ ଝରଣା ପାଣିର ବଳ ତୁଚ୍ଛ । ଏଥର ପାଣିକୁ ଡେଇଁ ପଡ଼ିଲା ସିଂହ । ଭୋକିଲା କୁମ୍ଭୀର ଛକିକି ଥିଲା । ସିଂହର ବେକକୁ କାମୁଡ଼ି ଧରି ପାଣିରେ ବୁଡ଼ିଗଲା । କିଛି ସମୟ ଦି' ଜଣ କାମୁଡ଼ା କାମୁଡ଼ି ହୋଇ ବୁଡ଼ିଲେ, ଉଠିଲେ ଶେଷରେ ଦି'ଜଣ ବୁଡ଼ିଗଲେ ଆଉ ଉଠିଲେ ନି ।

ଝରଣା କୂଳ ଗୋଟେ ଗଛରେ ବସିଥିଲା ଡାମରା କାଉ । କହିଲା- ସାବାସ୍ ବିଠୁ । କିନ୍ତୁ ହୋଇ ଶାବଳ କାମଟା ସହଜରେ କରି ଦେଲୁ । ଠେକୁଆ ଛୁଆ ବିଠୁ କହିଲା- ଏଇ କାମ କରିବା ପାଇଁ ମୁଁ ଏ ଜଙ୍ଗଲ ଛାଡ଼ି କୁଆଡ଼େ ଗଲିନି । ଏବେ ଆମ ଜଙ୍ଗଲରେ ରହିବାକୁ ଜମା ଡର ଲାଗିବନି ।


**ସାଲେପୁର, କଟକ- ୭୫୪୨୦୨,ମୋ: ୯୪୩୭୨୨୭୯୨୫**



## ରିନାର ଗୁହାରି


ପ୍ରଫେସର ରେଖା ଦାସ

ରିନା ପଢୁଥିଲା ଚତୁର୍ଥ ଶ୍ରେଣୀରେ । ସବୁବେଳେ ପରୀକ୍ଷାରେ ଫାଷ୍ଟ ହେଉଥାଏ । ପିଲାଙ୍କ ପାଇଁ ଲେଖା ଯାଉଥିବା ବହି ସବୁ ତାକୁ ପ୍ରାଇଜ ଭାବେ ଦେବା ଲାଗି ସେ ବାପାବୋଉଙ୍କୁ କୁହେ । ବାପା କିନ୍ତୁ ଚକଲେଟ୍ ଦେଇ ଠକିଦିଅନ୍ତି । ଏଥର ଫଳ ବାହାରିଲାପରେ ବାପାବୋଉଙ୍କୁ କେମିତି ଶିକ୍ଷା ଦିଅନ୍ତା ବୋଲି ସେ ଭାବିଲା ।



ପରୀକ୍ଷାଫଳ ବାହାରିଲା ଦିନ ରିନା ଘରକୁ ନ ଫେରି ମନ୍ଦିରକୁ ଗଲା । ତା ବୋଉ ମଙ୍ଗଳବାର ମନ୍ଦିରକୁ ଯାଆନ୍ତି । ବୋଉ କହନ୍ତି ମଙ୍ଗଳବାର ଦିନ ମଙ୍ଗଳାଙ୍କୁ ପୂଜା କରି ଯାହା ମାଗିବ ତାହା ମିଳିବ । ଯୋଗକୁ ଏଥର ତା ସ୍କୁଲରେ ପରୀକ୍ଷାଫଳ ବି ମଙ୍ଗଳବାର ବାହାରିଲା ।

ସଞ୍ଜ ହେଲା । ହେଲେ ରିନା ସ୍କୁଲରୁ ଫେରିଲା ନାହିଁ । ତା ବୋଉ ଭାବିଲେ ପରୀକ୍ଷା ଫଳ ବାହାରିଥିବ ତ ସାଙ୍ଗଙ୍କ ସାଙ୍ଗରେ ଖେଳୁଥିବ ! ମାତ୍ର ସଞ୍ଜ ହେଲାପରେ ବି ନ ଫେରିବାରୁ ବାପାବୋଉ ବ୍ୟସ୍ତ ହୋଇ ତାକୁ ଖୋଜିବାରେ ଲାଗିଲେ । ବାପା ଭାବିଲେ ପରୀକ୍ଷାରେ ଖରାପ ହେଲା କି !

ତା ବାପା ଯାଇ ରିନାର ଶିକ୍ଷକ ଓ ସାଙ୍ଗଙ୍କଠାରୁ ବୁଝିଲେ ଯେ ରିନା ସବୁଥର ପରି ଏଥର ବି ଫାଷ୍ଟ ହୋଇଛି । ତେବେ ତାକୁ କିଏ ନେଇ ଗଲାକି ? ଏମିତି ଭାବି ସେ ମନ୍ଦିର ପୂଜାରୀଙ୍କୁ ଖଡ଼ି ପକାଇ କହିବା ପାଇଁ ଗଲେ । ପୂଜାରୀ କହିଲେ- ରିନା ମନ୍ଦିରରେ ପ୍ରାର୍ଥନା କରୁଛି । ଏହାପରେ ରିନା ବାପା ତାକୁ ତଲୁ ଉଠାଇ ଗେହ୍ଲା କରି ପଚାରିଲେ ସିଏ ତ ଫାଷ୍ଟ ହୋଇଛି, ପୁଣି ଠାକୁରାଣୀଙ୍କୁ କ'ଣ ମାଗୁଛି ? ରିନା କହିଲା- ମୁଁ ମା'ଙ୍କୁ ମାଗିଛି ତମକୁ ବୁଝେଇ ଦେବା ପାଇଁ ଯେ ମୋର ଚକଲେଟ୍ ପ୍ରାଇଜ ନୁହଁ, ପିଲାଙ୍କ ବହି କି ମାଗାଜିନ ଦରକାର । ତା' ବାପା ହସିଲେ ଓ 'ଗପ ପସରା' ବହିଟିଏ କିଣି ଦେଲେ ।


**୨୫୨ ସହିଦ ନଗର, ଭୁବନେଶ୍ୱର**
**ମୋ: ୮୨୮୦୫୪୭୬୩୨**

## ମିଛ ଲାଗିଲେ ବି ସତ



କୁକୁରଟିଏ ଚାଷବାସରେ ଲୋକଙ୍କୁ ସାହାଯ୍ୟ କରିବା କଥା ଶୁଣିଲେ ଯେ କେହି ହେଲେ ବି ଆଶ୍ଚର୍ଯ୍ୟ ହୋଇଯିବେ । ସେ କ୍ଷେତରେ ମେସିନ୍ ଧରି ହଳ କରେ ଫସଲ ବି ସଂଗ୍ରହ କରେ । କେବଳ ଏତିକି ନୁହେଁ ନଳକୂପରୁ ପାଣି କାଢ଼େ ଏବଂ ତାକୁ ବାଲଟିରେ ବୋହିନିଏ । ସତେ ଯେମିତି ମାଲିକଙ୍କ ବିଶ୍ୱସ୍ତ ଚାକର ! ତା' ନାମ ଲେମନ ଏବଂ ସେ ସ୍ନାଉଜର୍ ପ୍ରଜାତିର କୁକୁର । ଋଷିଆର ଓମସ୍କ ଅଞ୍ଚଳର ବାସିନ୍ଦା ଆଲେକଜାଣ୍ଡର ମାତିସିନ ତାକୁ ଏହାକୁ କାମ ପାଇଁ ଉପଯୁକ୍ତ ତାଲିମ ଦେଇଥିଲେ । କୁକୁରଟି ବିଶେଷ କରି ତାଙ୍କ ଆଳୁ ଚାଷ କାର୍ଯ୍ୟରେ ମାଲିକଙ୍କୁ ସାହାଯ୍ୟ କରୁଥିଲା ।

## ତୁମ ପାଇଁ ବହି



### ପରୋପକାରୀ କୁକୁର ଓ ଅନ୍ୟାନ୍ୟ କାହାଣୀ

ଲେଖକ: ରମେଶ ଚନ୍ଦ୍ର ଦାଶ
ପ୍ରକାଶକ: ଶୀକ୍ଷାଶ୍ରୀ ପବ୍ଲିକେଶନ, ଅଠରନଳା, ଭୁବନେଶ୍ୱର-୨
ମୂଲ୍ୟ: ୧୫୦ ଟଙ୍କା


ପାଞ୍ଚଟି ଗପକୁ ନେଇ ଏହି ସଂକଳନଟି କରାଯାଇଛି । ସବୁ ଗଳ୍ପର କେନ୍ଦ୍ରବିନ୍ଦୁ ହେଉଛନ୍ତି ପଶୁପକ୍ଷୀ । ପରିବାର ସଦସ୍ୟଙ୍କ ସହ ସେମାନଙ୍କ ସଂପର୍କ ଓ ଆନୁଗତ୍ୟକୁ ଗଳ୍ପ ଗୁଡ଼ିକରେ ପ୍ରାଧାନ୍ୟ ଦିଆଯାଇଛି । ଗପ ଗୁଡ଼ିକର ଲିଖନଶୈଳୀ ଚମତ୍କାର ଓ ବିଷୟବସ୍ତୁ ମଧ୍ୟ କୌତୁହଳପୂର୍ଣ୍ଣ । ପିଲାମାନଙ୍କ ଲାଗି ଏହା ଅତ୍ୟନ୍ତ ଶିକ୍ଷଣୀୟ ମଧ୍ୟ । ବହିଟି ସଂପୂର୍ଣ୍ଣ ରଙ୍ଗିନ୍ ହୋଇଥିବାରୁ ପିଲାମାନଙ୍କୁ ନିଶ୍ଚୟ ଆକୃଷ୍ଟ କରିବ ।

## କୁନାକୁନିଙ୍କ ଚିତ୍ର




ଶ୍ରେୟା ପଣ୍ଡା, କ୍ଲାସ୍-୯, ସି.କେ.ସି ଏଜେ ସ୍କୁଲ, ପୋନୁରୋନି, କୋଚି, କେରଳ


ସାନ୍ୱୀ ନାୟକ, କ୍ଲାସ୍-୯, ସେଣ୍ଟ ଜାଭିୟର ହାଇସ୍କୁଲ, କେଦାର ଗୌରୀ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com




# ଟିମ୍ ଇଣ୍ଡିଆରେ ହର୍ଷିତ ରାଣା

## ଆଫଗାନିସ୍ତାନ ବିପକ୍ଷ ଅନ୍ତିମ ଦିନିକିଆ ଖେଳିପାରନ୍ତି



**ମୁମ୍ବାଇ, ୧୯।୬/ଏଜେନ୍ସି:** ଫାଷ୍ଟ ବୋଲର୍ ହର୍ଷିତ ରାଣାଙ୍କୁ ଆଫଗାନିସ୍ତାନ ବିପକ୍ଷ ତୃତୀୟ ଦିନିକିଆ ପାଇଁ ଟିମ୍ ଇଣ୍ଡିଆରେ ସାମିଲ କରାଯାଇଛି । ବିସିସିଆଇ ଶୁକ୍ରବାର କହିଛି, ରାଣା ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ରିହାବିଲିଟେସନ୍ ପୂରା କରିବା ପରେ ଚେନ୍ନାଇରେ ଭାରତୀୟ ଟିମ୍‌ରେ ଯୋଡ଼ିହୋଇଛନ୍ତି । ଚେନ୍ନାଇର ଚେପକ୍ ଷ୍ଟାଡିୟମ୍‌ରେ ଶନିବାର ସିରିଜ୍‌ର ତୃତୀୟ ଏବଂ ଅନ୍ତିମ ଦିନିକିଆ ମ୍ୟାଚ୍ ଖେଳାଯିବ । ହର୍ଷିତ ଏହି ମ୍ୟାଚ୍ ଖେଳିପାରନ୍ତି । ଟିମ୍ ଇଣ୍ଡିଆ ୩ ମ୍ୟାଚ୍‌ର ସିରିଜ୍‌ରେ ଏବେ ୨-୦ରେ ଆଗୁଆ ରହିଛି । ଟିମ୍ ପ୍ରଥମ ମ୍ୟାଚ୍ ୭ ୱିକେଟ୍‌ରେ ଏବଂ ଦ୍ୱିତୀୟ ମ୍ୟାଚ୍ ୧୭୦ ରନ୍‌ରେ ଜିତିଥିଲା ।

ଟି-୨୦ ବିଶ୍ୱକପ୍ ପୂର୍ବରୁ ସାଉଥ୍ ଆଫ୍ରିକା ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ହର୍ଷିତ ଆହତ ହୋଇଥିଲେ । ଆଘାତ ଗୁରୁତର ଥିବାରୁ ତାଙ୍କର ସର୍ଜରୀ କରାଇବାକୁ ପଡ଼ିଥିଲା । ଏହି କାରଣରୁ ସେ ବିଶ୍ୱକପ୍ ଏବଂ ଆଇପିଏଲ୍ ମଧ୍ୟ ଖେଳିପାରି ନଥିଲେ । ଏହାପରେ ସେ ସେଣ୍ଟର୍ ଅଫ୍ ଏକ୍ସିଲେନ୍ସରେ ବିସିସିଆଇର ଡାକ୍ତର ଏବଂ ଫିଜିଓଥେରାପିଷ୍ଟଙ୍କ ତଦାରଖରେ ଫିଟ୍‌ନେସ୍ ଉପରେ କାମ କରୁଥିଲେ । ଫିଟ୍‌ନେସ୍ ଟେଷ୍ଟ ପାସ୍ କରିବା ପରେ ଏବେ ତାଙ୍କୁ ଟିମ୍‌ରେ ସାମିଲ କରାଯାଇଛି । ଜସ୍‌ପ୍ରୀତ୍ ବୁମ୍‌ରା ଏବଂ ମହମ୍ମଦ ସିରାଜ୍‌ଙ୍କ ଅନୁପସ୍ଥିତିରେ ହର୍ଷିତଙ୍କ ଟିମ୍‌ରେ ସାମିଲ ହେବା ଭାରତର ପେସ୍ ଆଟାକ୍‌କୁ ଶକ୍ତିଶାଳୀ କରିବ । ସିରିଜ୍‌ରେ ବର୍ତ୍ତମାନ ସୁଦ୍ଧା ଅର୍ଶଦୀପ୍ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣା ଟିମ୍‌ର ଫାଷ୍ଟ ବୋଲିଂ ଦାୟିତ୍ୱ ତୁଲାଉଥିଲେ ।

# ତ୍ରିକୋଣୀୟ ସିରିଜ୍ ଫାଇନାଲ୍‌ରେ ଶ୍ରୀଲଙ୍କା-ଏ



**ଆଫଗାନିସ୍ତାନ-ଏ'କୁ ୧୦୩ ରନ୍‌ରେ ହରାଇଲା**

**ରବିବାର ଫାଇନାଲ୍‌ରେ ଭାରତ-ଏ'କୁ ଭେଟିବ**

**ଦାମ୍ବୁଲା, ୧୯।୬/ଏଜେନ୍ସି:** ଆଭିଷ୍କା ଫର୍ଣ୍ଣାଣ୍ଡୋଙ୍କ ଶତକ ବଳରେ ଶ୍ରୀଲଙ୍କା-ଏ' ଦିନିକିଆ ତ୍ରିକୋଣୀୟ ସିରିଜ୍‌ର ଫାଇନାଲ୍‌ରେ ପହଞ୍ଚିଛି । ଶୁକ୍ରବାର ଟିମ୍ ଆଫଗାନିସ୍ତାନ-ଏ'କୁ ୧୦୩ ରନ୍‌ରେ ହରାଇ ଦେଇଛି । ପ୍ରଥମେ ବ୍ୟାଟିଂ ପାଇଥିବା ଟିମ୍ ୫୦ ଓଭର୍‌ରେ ୮ ୱିକେଟ୍ ହରାଇ ୩୨୩ ରନ୍ କରିଥିଲା । ଜବାବରେ ଆଫଗାନିସ୍ତାନ-ଏ ୪୨.୫ ଓଭର୍‌ରେ ୨୧୯ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା । ୩୨୩ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଆଫଗାନିସ୍ତାନ-ଏ'ର ଆରମ୍ଭ ବହୁ ଖରା ଥିଲା । ପ୍ରଥମ ବଲ୍‌ରେ କ୍ୟାପ୍‌ଟେନ୍ ଇମ୍ରାନ୍ ମିର୍ ଏବଂ ଓଭର୍‌ର ଅନ୍ତିମ ବଲ୍‌ରେ ନୁର୍ ଉଲ୍ ରହମାନ୍ ଖାତା ଖୋଲିବା ପୂର୍ବରୁ ଫେରିଥିଲେ । ତେବେ ଓପ୍ନର୍ ହସନ୍ ଇସାଖିଲ୍ ଟିକି ରହି ୭୪ ବଲ୍‌ରେ ୭୮ ରନ୍ କରିବା ସହିତ ବହୀର ଶାହ (୩୫)ଙ୍କ ସହ ଚତୁର୍ଥ ୱିକେଟ୍ ପାଇଁ ୭୫ ରନ୍ ଯୋଡ଼ିଥିଲେ । ମଧ୍ୟକ୍ରମରେ ଫାରମନୁଲ୍ଲାହ ସଫି ୪୩ ରନ୍ କରିଥିଲେ ମଧ୍ୟ ତାଙ୍କୁ ଅନ୍ୟପଟୁ ବଡ଼ ସାଥ୍ ମିଳିନଥିଲା । ଦୁଲାଜ ସମୁଧିତା ଏବଂ କୁଗାଥସ ମଥୁଲାନ୍ ଲଗାତାର ୱିକେଟ୍ ନେଇ ଆଫଗାନିସ୍ତାନକୁ ୨୧୯ ରନ୍‌ରେ ସୀମିତ କରିଦେଇଥିଲେ । ସମୁଧିତା ୨୫ ରନ୍ ଦେଇ ୫ଟି ଏବଂ ମଥୁଲାନ୍ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ଟସ୍ ହାରି ବ୍ୟାଟିଂ ପାଇଥିବା ଶ୍ରୀଲଙ୍କା-ଏ'କୁ ନିରୋଶନ୍ ଡିକ୍‌ୱାଲା ଓ ଅଭିଷ୍କାର ଫର୍ଣ୍ଣାଣ୍ଡୋ ୧୩୩ ରନ୍‌ର ଓପ୍ନିଂ ପାର୍ଟନରଶିପ୍ କରିଥିଲେ । ଡିକ୍‌ୱାଲା ୫୪ ବଲ୍‌ରେ ୧୨ ଚୌକା ସହାୟତାରେ ୬୬ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ଅଭିଷ୍କା ଦ୍ୱିତୀୟ ୱିକେଟ୍ ପାଇଁ ନୁୱାନିନ୍ଦୁ ଫର୍ଣ୍ଣାଣ୍ଡୋ (୪୫)ଙ୍କ ସହ ୯୩ ରନ୍ ଯୋଡ଼ି ଟିମ୍‌କୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ । ଅଭିଷ୍କା ୯୩ ବଲ୍‌ରେ ୧୧୦ ରନ୍ କରି ଆଉଟ୍ ହୋଇଥିଲେ । ରବିନ୍ଦୁ ଫର୍ଣ୍ଣାଣ୍ଡୋ (୨୫) ଏବଂ ବନୁଜା ସାହନ (୧୯) ଟିମ୍‌କୁ ୩୨୨ ରନ୍‌ର ବଡ଼ ସ୍କୋର୍‌ରେ ପହଞ୍ଚାଇଥିଲେ । ଆଫଗାନିସ୍ତାନ ପକ୍ଷରୁ ଫରିଦୁନ୍ ଦାବୁଦଜଇ ୪ଟି ଏବଂ ଫାରମାନୁଲ୍ଲାହ ସଫି ୩ଟି ୱିକେଟ୍ ନେଇଥିଲେ ।

# ନକ୍‌ଆଉଟ୍‌ରେ ମେକ୍ସିକୋ ପ୍ରଥମ ଟିମ୍

## ଜୋନାଥନ୍ ଡେଭିଡ୍‌ଙ୍କ ହ୍ୟାଟ୍ରିକ୍: କାନାଡାର ପ୍ରଥମ ବିଜୟ

**ନ୍ୟୁୟର୍କ, ୧୯।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ରେ ଗୁରୁବାର ରାତି ରେକର୍ଡ ଏବଂ ରୋମାଞ୍ଚରେ ଭରପୂର ରହିଥିଲା । କାନାଡା ଜୋନାଥନ୍ ଡେଭିଡ୍‌ଙ୍କ ହ୍ୟାଟ୍ରିକ୍ ବଳଦରେ କତାରକୁ ୬-୦ରେ ହରାଇ ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ହାସଲ କରିବା ସହିତ ଶକ୍ତିଶାଳୀ ଭାବେ ନକ୍‌ଆଉଟ୍ ରାଉଣ୍ଡ୍ ଆଡ଼କୁ ବଢ଼ିଛି । ଅନ୍ୟପକ୍ଷରେ ସ୍ୱିଜରଲାଣ୍ଡ ୪-୧ରେ ବୋସ୍‌ନିଆ-ହର୍ଜଗୋଭିନାକୁ ହରାଇ ନିଜ ଗ୍ରୁପ୍‌ରେ ଅଗ୍ରଣୀ ହାସଲ କରିଛି । ସେହିପରି ସାଉଥ୍ ଆଫ୍ରିକା ନେବୋହୋ ମୋକୋଏନାଙ୍କ ବିଳମ୍ବିତ ପେନାଲ୍ଟି ଗୋଲ୍ ସହାୟତାରେ ଚେକ୍ ଗଣରାଜ୍ୟକୁ ୧-୧ ଡ୍ର'ରେ ରୋକି ଟୁର୍ଣ୍ଣାମେଣ୍ଟରେ ନିଜ ଆଶା ଉଜ୍ଜୀବିତ ରଖିଛି ।

## କାନାଡାର ଐତିହାସିକ ରେକର୍ଡ



ଭାଙ୍କୋଭର୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଷ୍ଟ୍ରାଇକର୍ ଜୋନାଥନ୍ ଡେଭିଡ୍‌ଙ୍କ ହ୍ୟାଟ୍ରିକ୍ ବଳରେ କତାର୍‌କୁ ୬-୦ ଗୋଲ୍‌ରେ ହରାଇ କାନାଡା ଫୁଟ୍‌ବଲ୍ ଇତିହାସରେ ନିଜର ସବୁଠୁ ସ୍ମରଣୀୟ ବିଜୟ ହାସଲ କରିଛି । ଏହି ବିଜୟ ସହିତ କାନାଡା ନକ୍‌ଆଉଟ୍ ରାଉଣ୍ଡ୍‌ରେ ପହଞ୍ଚିବାର ଦାବିକୁ ମଜଭୁତ କରିଛି । ଡେଭିଡ୍ ଚଳିତ ବିଶ୍ୱକପ୍‌ରେ ହ୍ୟାଟ୍ରିକ୍ ହାସଲ କରିବାରେ ଲିଓନେଲ୍ ମେସିଙ୍କ ପରେ ଦ୍ୱିତୀୟ ଖେଳାଳି ହୋଇଛନ୍ତି । ମ୍ୟାଚ୍‌ରେ କାନାଡ଼ା ପ୍ରଥମରୁ ଦବ୍‌ଦବା କାଏମ କରି ଖେଳିଥିଲା । ସାଇଲ ଲାରିନ୍ ୧୬ଶ ମିନିଟ୍‌ରେ ଗୋଲ୍ କରି ଟିମ୍‌କୁ ଅଗ୍ରଣୀ ପ୍ରଦାନ କରିଥିଲେ । ଏହାପରେ ଡେଭିଡ୍ ୨୯ତମ ମିନିଟ୍‌ରେ ପ୍ରଥମ ଏବଂ ପ୍ରଥମ ହାଫ୍‌ର ଇନ୍‌ଜୁରୀ ଟାଇମ୍ (୪୫+୩ତମ)ରେ ଗୋଲ୍ ଦେଇ ସ୍କୋର୍ ୩-୦ କରିଥିଲେ । ୩୩ତମ ମିନିଟ୍‌ରେ ହୋମାନ୍ ଅହମଦଙ୍କୁ ଏବଂ ଦ୍ୱିତୀୟ ହାଫ୍‌ରେ ଅସିମ୍ ମଦିବୋଙ୍କୁ ରେକର୍ଡ କାର୍ଡ ମିଳିବା ଫଳରେ କତାର୍ ୯ ଖେଳାଳିଙ୍କ ସହ ଖେଳିବାକୁ ବାଧ୍ୟ ହୋଇଥିଲା । ନାଥନ୍ ସାଲିବା ୬୪ତମ ମିନିଟ୍‌ରେ ଚତୁର୍ଥ ଗୋଲ୍ କରିଥିବା ବେଳେ ମହମ୍ମଦ ମନାଇଙ୍କ ଆତ୍ମଘାତୀ ଗୋଲ୍ କାନାଡାକୁ ୫-୦ରେ ଆଗୁଆ କରିଥିଲା । ଇନ୍‌ଜୁରୀ ଟାଇମ୍ (୯୦+୨)ରେ ଡେଭିଡ୍ ନିଜର ତୃତୀୟ ଗୋଲ୍ ଦେଇ ହ୍ୟାଟ୍ରିକ୍ ପୂରା କରିଥିଲେ ।

## ସ୍ୱିଜରଲାଣ୍ଡ୍‌ର ଧମାକାଦାର ବିଜୟ



ଗ୍ରୁପ୍-ବି'ର ଅନ୍ୟ ଏକ ମ୍ୟାଚ୍‌ରେ ବୋସ୍‌ନିଆ-ହର୍ଜଗୋଭିନାକୁ ୪-୧ ଗୋଲ୍‌ରେ ହରାଇ ସ୍ୱିଜରଲାଣ୍ଡ୍ ନିଜ ଅଭିଯାନକୁ ନୂଆ ଦିଗ ଦେଇଛି । ମ୍ୟାଚ୍ ବହୁ ସମୟ ପର୍ଯ୍ୟନ୍ତ ସନ୍ତୁଳିତ ରହିଥିଲା । କିନ୍ତୁ ଅନ୍ତିମ ୧୫ ମିନିଟ୍‌ରେ ସ୍ୱିସ୍ ଟିମ୍ ଆକ୍ରମଣାତ୍ମକ ଖେଳ ଦେଖାଇ ୪ ଗୋଲ୍ ଦେଇଥିଲା । ବଦଳ ଖେଳାଳି ଜୋହାନ୍ ମଞ୍ଜିମ୍ବି ୭୪ତମ ଏବଂ ୯୦ତମ ମିନିଟ୍‌ରେ ଦୁଇଟି ଗୋଲ୍ ଦେଇଥିଲେ । ରୁବେନ୍ ଭର୍ଗାସ୍ ୮୪ତମ ମିନିଟ୍‌ରେ ଗୋଲ୍ କରିଥିବା ବେଳେ କ୍ୟାପ୍‌ଟେନ୍ ଗ୍ରେନିଟ୍ ଝାକା ଷ୍ଟପେଜ୍ ଟାଇମ୍‌ରେ ପେନାଲ୍ଟିକୁ ଗୋଲ୍‌ରେ ବଦଳାଇ ବିଜୟ ଉପରେ ମୋହର ଲଗାଇଥିଲେ । ତାରିକ୍ ମୁହରେମୋଭିଚ୍‌ଙ୍କୁ ବିପଜ୍ଜନକ ଟ୍ୟାକଲ୍ ପାଇଁ ରେଡ୍ କାର୍ଡ ମିଳିବାରୁ ୧୦ ଖେଳାଳିରେ ଖେଳୁଥିବା ବୋସ୍‌ନିଆ-ହର୍ଜଗୋଭିନା ଟିମ୍ ସ୍ୱିସ୍ ଆକ୍ରମଣକୁ ରୋକିପାରି ନଥିଲା । ତେବେ ଇନ୍‌ଜୁରୀ ଟାଇମ୍‌ରେ ଏର୍ମିନ୍ ମହାମିକ୍ ଗୋଟିଏ ଗୋଲ୍ ଦେଇ ପରାଜୟର ବ୍ୟବଧାନକୁ କମ୍ କରିଥିଲେ ।

## ଦକ୍ଷିଣ କୋରିଆକୁ ୧-୦ରେ ହରାଇଲା ମେକ୍ସିକୋ

**ଜାପୋପାନ୍ (ମେକ୍ସିକୋ), ୧୯।୬/ଏଜେନ୍ସି:** ସହ-ଆୟୋଜକ ମେକ୍ସିକୋ ଫୁଟ୍‌ବଲ୍ ବିଶ୍ୱକପ୍‌ର ନକ୍‌ଆଉଟ୍‌ରେ ପ୍ରବେଶ କରିଛି । ଟୁର୍ଣ୍ଣାମେଣ୍ଟର ରାଉଣ୍ଡ୍ ଅଫ୍ ୩୨ରେ ପହଞ୍ଚିବାରେ ମେକ୍ସିକୋ ଚଳିତ ସଂସ୍କରଣର ପ୍ରଥମ ଟିମ୍ ହୋଇଛି । ଶୁକ୍ରବାରର ଅନ୍ତିମ ମ୍ୟାଚ୍‌ରେ ଟିମ୍ ଦକ୍ଷିଣ କୋରିଆକୁ ୧-୦ ଗୋଲ୍‌ରେ ହରାଇଛି । ଗ୍ୱାଡଲାହାରା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଏ' ମ୍ୟାଚ୍‌ରେ ଏକମାତ୍ର ଗୋଲ୍‌ଟି ୫୦ତମ ମିନିଟ୍‌ରେ ଲୁଇସ୍ ରୋମା ସ୍କୋର୍ କରିଥିଲେ । ମେକ୍ସିକୋ ନିଜର ପ୍ରାରମ୍ଭିକ ଦୁଇଟି ମ୍ୟାଚ୍‌ରେ କୌଣସି ଗୋଲ୍ ନଖାଇ ବିଜୟୀ ହୋଇଥିଲା ଏବଂ ୧୯୯୮ରେ ଫ୍ରାନ୍ସ ପରେ ଏପରି କରିବାରେ ପ୍ରଥମ ଆୟୋଜକ ଦେଶ ହୋଇଛି ।



ମ୍ୟାଚ୍‌ର ପ୍ରଥମ ହାଫ୍ ଗୋଲ୍‌ଶୂନ୍ୟ ରହିଥିଲା । ଦୁଇ ଟିମ୍ ପ୍ରଥମରୁ ରକ୍ଷଣାତ୍ମକ ଆରମ୍ଭ କରିବା ଫଳରେ କମ୍ ଗୋଲ୍ ସୁଯୋଗ ସୃଷ୍ଟି ହୋଇଥିଲା । ଦ୍ୱିତୀୟ ହାଫ୍ ଆରମ୍ଭରୁ ମେକ୍ସିକୋ ୧-୦ର ଅଗ୍ରଣୀ ହାସଲ କରିଥିଲା । ୫୦ତମ ମିନିଟ୍‌ରେ ଲୁଇସ୍ ରୋମୋ ଦକ୍ଷିଣ କୋରିଆ ଗୋଲ୍‌କିପର୍ କିମ୍ ସ୍ୟୁଙ୍ଗ୍-ଗ୍ୟୁ ଏବଂ ଡିଫେଣ୍ଡର୍ ଲି ଗୁହ୍ୟୁକ୍‌ଙ୍କ ତ୍ରୁଟିର ଫାଇଦା ଉଠାଇ ସହଜ ଗୋଲ୍ ଦେଇଥିଲେ । ଦକ୍ଷିଣ କୋରିଆ ଅନ୍ତିମ ମିନିଟ୍‌ରେ ଗୋଲ୍ ଦେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ମେକ୍ସିକୋ ଗୋଲ୍‌କିପର୍ ରାଉଲ୍ ରେଙ୍ଗଲ୍ ଅନ୍ତିମ ସମୟରେ ଦୁଇଟି ଚମତ୍କାର ସେଭ୍ କରି ଟିମ୍‌ର ବିଜୟ ସୁନିଶ୍ଚିତ କରିଥିଲେ । ଏବେ ମେକ୍ସିକୋ ନିଜର ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ଚେକ୍ ଗଣରାଜ୍ୟକୁ ଭେଟିବ । ଦକ୍ଷିଣ କୋରିଆର ସାମ୍ନା ସାଉଥ୍ ଆଫ୍ରିକା ସହ ହେବ । ଏହି ବିଜୟ ସହ ଟିମ୍ ୬ ପଏଣ୍ଟ ସହ ଗ୍ରୁପ୍ ଶୀର୍ଷରେ ରହିଛି । ଦକ୍ଷିଣ କୋରିଆ ୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛି ।

## ସାଉଥ୍ ଆଫ୍ରିକାର ଲଜ୍ଜା ରଖିଲେ ମୋକୋଏନା



ଗୁରୁବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଏ'ର ଏକ ମ୍ୟାଚ୍ ସାଉଥ୍ ଆଫ୍ରିକା ଓ ଚେକ୍ ଗଣରାଜ୍ୟ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର' ହୋଇଛି । ଏହି ଡ୍ର' ଫଳରେ ସାଉଥ୍ ଆଫ୍ରିକା ନିଜ ନକ୍‌ଆଉଟ୍ ଆଶାକୁ ଉଜ୍ଜୀବିତ ରଖିଛି । ମ୍ୟାଚ୍‌ର ୬୫ ମିନିଟ୍‌ରେ ଗୋଲ୍ ଦେଇ ମିଚାଲ୍ ସାଦିଲେକ୍ ଚେକ୍ ଟିମ୍‌କୁ ଆଗୁଆ କରିଥିଲେ । ଏହାପରେ ସ୍ଥିତି ବରାବର ପାଇଁ ସାଉଥ୍ ଆଫ୍ରିକା ଲଗାତାର ଉଦ୍ୟମ ଚଳାଇଥିଲା । ଶେଷରେ ୮୩ତମ ମିନିଟ୍‌ରେ ଟିମ୍‌କୁ ସଫଳତା ମିଳିଥିଲା । ଥାପେଲୋ ମାସେକୋଙ୍କ ଶଟ୍‌ରେ ହ୍ୟାଣ୍ଡ୍‌ବଲ୍ ହେବାରୁ ଟିମ୍‌କୁ ପେନାଲ୍ଟି ମିଳିଥିଲା ଏବଂ ଏହାକୁ ତେବୋହୋ ମୋକୋଏନା ଗୋଲ୍‌ରେ ପରିବର୍ତ୍ତନ କରି ଟିମ୍‌ର ଲଜ୍ଜା ରଖିଥିଲେ । ଏହା ସହିତ ଟିମ୍‌ର ଦ୍ୱିତୀୟ ରାଉଣ୍ଡ୍‌ରେ ପହଞ୍ଚି ଆଶା ଉଜ୍ଜୀବିତ ହୋଇଛି । ତେବେ ସାଉଥ୍ ଆଫ୍ରିକାକୁ ପରବର୍ତ୍ତୀ ମ୍ୟାଚ୍ ନୋବୋହୋ ମୋକୋଏନାଙ୍କ ବିନା ଖେଳିବାକୁ ପଡ଼ିବ । କାରଣ ତାଙ୍କୁ ଦ୍ୱିତୀୟ ହଳଦିଆ ମିଳିଥିବାରୁ ନିଲମ୍ବିତ ହେବାକୁ ପଡ଼ିଛି ।



# ହିଜବୁଲ୍ଲା-ଇସ୍ରାଏଲ୍ ଯୁଦ୍ଧବିରତି



**ଜେରୁଜେଲମ୍, ବେରୁତ, ୧୯।୬/ଏଜେନ୍ସି:** ଆମେରିକା-ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ପରେ ଆଉ ଏକ ବଡ଼ ଆଶ୍ୱସ୍ତିଜନକ ଖବର ସାମ୍ନାକୁ ଆସିଛି । ଇସ୍ରାଏଲ-ହିଜବୁଲ୍ଲା ମଧ୍ୟରେ ମଧ୍ୟ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ ପାଇଛି । ରଏଟର୍ସ ଅନୁଯାୟୀ, ଦୁଇ ପକ୍ଷଙ୍କ ମଧ୍ୟରେ ଏହି ଯୁଦ୍ଧବିରତି ଶୁକ୍ରବାର ସ୍ଥାନୀୟ ସମୟ ଅପରାହ୍ନ ୪ଟା (ଭାରତୀୟ ସମୟ ସନ୍ଧ୍ୟା ୬:୩୦)ରୁ ଲାଗୁ ହୋଇଛି । ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଆମେରିକା ଏବଂ କତାରର ମଧ୍ୟସ୍ଥିମାନେ ଇରାନର ସହାୟତାରେ ଏହି ଚୁକ୍ତି କରାଇଛନ୍ତି । ତେବେ ଯୁଦ୍ଧବିରତି ପୂର୍ବରୁ ଇସ୍ରାଏଲ୍ ପକ୍ଷରୁ ଗୁରୁବାର ବିଳମ୍ବିତ ରାତିରେ ହିଜବୁଲ୍ଲା ସଂଗଠନ ଉଦ୍ଦେଶ୍ୟରେ ଦକ୍ଷିଣ ଲେବାନନ୍‌ରେ ଏକ ବଡ଼ ଧରଣର ଆକ୍ରମଣ ହୋଇଥିଲା । ଇସ୍ରାଏଲର ଏହି ଘାତକ ଆକ୍ରମଣରେ ୪୭ଜଣ ପ୍ରାଣ ହରାଇଥିବା ବେଳେ ଅନେକ ଲୋକ ଗୁରୁତର ହୋଇପଡିଛନ୍ତି । ଅନେକ କ୍ଷୟକ୍ଷତି ଘଟିଛି ଦକ୍ଷିଣ ଲେବାନନ୍‌ରେ । ଯୁଦ୍ଧ ବିରତି ପୂର୍ବରୁ ଇସ୍ରାଏଲ୍ ସେନା (ଆଇଡିଏଫ୍) ଦାବି କରିଥିଲା ଯେ, ସେମାନେ ଗୁରୁବାର ରାତିରୁ ଦକ୍ଷିଣ ଏବଂ ପୂର୍ବ ଲେବାନନରେ ୮୦ରୁ ଅଧିକ ଆସ୍ଥାନ ଉପରେ ଆକ୍ରମଣ କରିଛନ୍ତି, ଯେଉଁଥିରେ ହିଜବୁଲ୍ଲାର ଅନେକ ଲଢୁଆ (ଲଢ଼େଇ କରୁଥିବା ସଦସ୍ୟ) ନିହତ ହୋଇଛନ୍ତି । ଆଇଡିଏଫ୍ ଅନୁଯାୟୀ, ନବାତିୟେହ ଏବଂ ଦକ୍ଷିଣ ଲେବାନନର ଅନ୍ୟାନ୍ୟ ଅଞ୍ଚଳରେ ଥିବା ହିଜବୁଲ୍ଲାର କମାଣ୍ଡ ସେଣ୍ଟର, ରକେଟ୍ ଲଞ୍ଚର୍ ଏବଂ ଅନ୍ୟାନ୍ୟ ସାମରିକ ଭିତ୍ତିଭୂମିକୁ ଟାର୍ଗେଟ୍ କରାଯାଇଛି । ସେନା ପକ୍ଷରୁ ଏହା ମଧ୍ୟ କୁହାଯାଇଛି ଯେ ବେକା ଉପତ୍ୟକାରେ ଥିବା ହିଜବୁଲ୍ଲାର ଦୁଇଟି ସକ୍ରିୟ କମାଣ୍ଡ ସେଣ୍ଟର ଉପରେ ମଧ୍ୟ ବିମାନ ଆକ୍ରମଣ କରାଯାଇଛି । ହିଜବୁଲ୍ଲା ପକ୍ଷରୁ ବାରମ୍ବାର ଯୁଦ୍ଧବିରତି (ସିଜ୍‌ଫାୟାର) ନିୟମ ଉଲ୍ଲଂଘନ କରାଯାଉଥିବାରୁ, ଏହାର ଜବାବରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଆଇଡିଏଫ୍ ପ୍ରକାଶ କରିଛି । ସେହିପରି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍‌ଜ କହିଛନ୍ତି, ଇରାନ- ଆମେରିକା ଚୁକ୍ତିରେ କ'ଣ ଅଛି ନ ଅଛି ସେଥିରେ ଇସ୍ରାଏଲ୍‌ର କିଛି ଯାଏଆସେ ନାହିଁ । ଲେବାନନରେ ଇସ୍ରାଏଲ୍ ପକ୍ଷରୁ ସେନା ମୁତୟନ ଜାରି ରହିବ । ଇସ୍ରାଏଲ୍ ସେନା ଦକ୍ଷିଣ ଲେବାନନରୁ ପଛକୁ ହଟିବ ନାହିଁ । ସେ କହିଛନ୍ତି ଯେ ଭୂମଧ୍ୟସାଗର ଉପକୂଳରୁ ବ୍ୟୁଫୋର୍ଟ ପାହାଡ଼ ପର୍ଯ୍ୟନ୍ତ ନିର୍ମିତ ତଥାକଥିତ ସୁରକ୍ଷା ଜୋନ୍‌ରେ ଇସ୍ରାଏଲ୍ ସୈନ୍ୟମାନଙ୍କ ମୁତୟନ ଜାରି ରହିବ । ପ୍ରତିରକ୍ଷା ମନ୍ତ୍ରୀ ଚେତାବନୀ ଦେଇଛନ୍ତି ଯେ ଯଦି ହିଜବୁଲ୍ଲା ପକ୍ଷରୁ ଯୁଦ୍ଧବିରତିର କୌଣସି ବି ଉଲ୍ଲଂଘନ କରାଯାଏ, ତେବେ ତାର ଜବାବ ସମ୍ପୂର୍ଣ୍ଣ ଶକ୍ତିର ସହ ଦିଆଯିବ । ଅନ୍ୟପକ୍ଷେ ହିଜବୁଲ୍ଲା ମଧ୍ୟ କହିଥିଲା ଯେ, ସେମାନେ ଯେକୌଣସି ପରିସ୍ଥିତିରେ ମଧ୍ୟ ଲେବାନନ୍‌କୁ ସୁରକ୍ଷା ଦେବେ । ଇସ୍ରାଏଲ୍‌କୁ ଉଚିତ୍ ଜବାବ ଦିଆଯିବ । ତେବେ ଏପ୍ରକାର ବାକ୍‌ଯୁଦ୍ଧ ପରେ ପରେ ଉଭୟ ପକ୍ଷ ଯୁଦ୍ଧବିରତି ପାଇଁ ସହମତି ପ୍ରକାଶ କରିଛନ୍ତି । ତେବେ ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷର ହେବା ପରେ ମଧ୍ୟ ଇସ୍ରାଏଲ୍ କିପରି ଲେବାନନ୍ ଉପରେ ଆକ୍ରମଣ କରିପାରିଲା ତାହାକୁ ନେଇ ବିତର୍କ ଆରମ୍ଭ ହୋଇଛି ।

### ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ...

# ଇରାନ୍‌କୁ ଉସୁକାଉଛନ୍ତି ଟ୍ରମ୍ପ୍

**ତେହରାନ୍, ୱାଶିଂଟନ୍, ୧୯।୬/ଏଜେନ୍ସି:** ଆମେରିକା-ଇରାନ ମଧ୍ୟରେ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ଆଶା କରାଯାଉଥିଲା ଯେ, ମଧ୍ୟପ୍ରାଚ୍ୟରେ ଉପୁଜିଥିବା ଏକ ବଡ଼ ସଂକଟ ଟଳିଯିବ ବୋଲି । କିନ୍ତୁ ଏହି ଆଶା ଏବେ କ୍ଷୀଣ ହେବାରେ ଲାଗିଛି । ରିପୋର୍ଟ ଅନୁସାରେ ଚୁକ୍ତି ସ୍ୱାକ୍ଷର କରିବାର କିଛି ଘଣ୍ଟା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ଉଦ୍ଦେଶ୍ୟରେ ଏକ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି ଯେ, "ଚୁକ୍ତି ସ୍ୱାକ୍ଷରିତ ହୋଇସାରିଛି । ଇରାନ୍ ସବୁକିଛି ହରାଇବା ପରେ ତାଙ୍କ ପାଖରେ ନତମସ୍ତକ ହୋଇଛି । ଇରାନ୍ ପାଖରେ ଏବେ ଆଉ କିଛି ବି ନାହିଁ ।" ଏତଦ୍‌ବ୍ୟତୀତ ଚୁକ୍ତି ସର୍ତ୍ତ ଅନୁସାରେ ଆମେରିକା, ଇରାନ୍‌କୁ ୨୮ ଲକ୍ଷ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଥିବା ବେଳେ ଟ୍ରମ୍ପ୍ କିନ୍ତୁ ଆଜି ସିଧାସଳଖ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି । ଟ୍ରମ୍ପ୍ କହିଛନ୍ତି, 'ଆମେ ଏବେ କେବଳ ୬୦ ଦିନର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବୁ ଏବଂ ଇରାନ୍‌କୁ ଗୋଟିଏ ଡଲାର ମଧ୍ୟ ଦିଆଯିବ ନାହିଁ ।' ଟ୍ରମ୍ପ ନିଜର ଅନ୍ୟ ଏକ ପୋଷ୍ଟରେ ଦାବି କରିଛନ୍ତି ଯେ ଇରାନର ସାମରିକ ଶକ୍ତି ବହୁତ ଖରାପ ଭାବେ ଦୁର୍ବଳ ହୋଇଯାଇଛି । ସେ କହିଛନ୍ତି ଯେ, ଇରାନ ପାଖରେ ଏବେ ବାୟୁସେନା, ନୌସେନା, ଏୟାର ଡିଫେନ୍ସ ସିଷ୍ଟମ ଏବଂ ରଡାର ଭଳି କ୍ଷମତା ପ୍ରାୟତଃ ଆଉ ବାକି ରହିନାହିଁ । ଟ୍ରମ୍ପଙ୍କ ଏପ୍ରକାର ବୟାନବାଜି ପରେ ଇରାନ୍ ମଧ୍ୟ ପ୍ରତିକ୍ରିୟା ଦେବା ଆରମ୍ଭ କରିଛି । ଯୁଦ୍ଧରେ କିଏ ଜିତିଛି କିଏ ହାରିଛି, କିଏ ଆଲୋଚନା ତଥା ଶାନ୍ତି ଚୁକ୍ତି କରିବାକୁ ବାଧ୍ୟ ହୋଇଛି, ଏହାରି ମଧ୍ୟରେ ଆଉ ଏକ ରିପୋର୍ଟ ମଧ୍ୟ ସାମ୍ନାକୁ ଆସିଛି ଯେ, ଉଭୟ ଇରାନ୍ ଓ ଆମେରିକାର ପ୍ରତିନିଧିମାନେ ଆଜି ଦିନରେ ସ୍ୱିଜରଲ୍ୟାଣ୍ଡରେ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିବା ପୂର୍ବରୁ ଚୂଡାନ୍ତ ଥିଲେ ମଧ୍ୟ ଏହାକୁ ବାତିଲ୍ କରିଦିଆଯାଇଛି । ସୁତରାଂ ଟ୍ରମ୍ପ୍‌ଙ୍କ ଏପ୍ରକାର ବୟାନବାଜି ତଥା ଚୁକ୍ତି ସର୍ତ୍ତ ଅବମାନନା କରିବା ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତିକୁ ପ୍ରଭାବିତ କରିବା ଆଶଙ୍କା ସୃଷ୍ଟି ହୋଇଛି ।



# ମାଲାବାର୍ ପକ୍ଷରୁ 'ନୁଓ୍ୱା' ପ୍ରାକୃତିକ ହୀରା ସଂଗ୍ରହର ଶୁଭାରମ୍ଭ



**ଭୁବନେଶ୍ୱର, ୧୯।୬/ଏଜେନ୍ସି:** ମାଲାବାର୍ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଭୁବନେଶ୍ୱରରେ ଏକ ନୂତନ ହୀରା ଗହଣା ସଂଗ୍ରହ 'ନୁଓ୍ୱା'ର ଶୁଭାରମ୍ଭ କରିଛି, ଯାହା ପ୍ରକୃତିର ସୂକ୍ଷ୍ମ ଗଠନ ଓ ଶୈଳୀ ଦ୍ୱାରା ଅନୁପ୍ରାଣିତ । ଏପ୍ରକାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ବିଶେଷତ୍ୱ ରହିଛି । ଏହି ଗହଣାଗୁଡ଼ିକ ଆଧୁନିକତାର ସ୍ପର୍ଶ ସହିତ ୧୪ ଏବଂ ୧୮ କ୍ୟାରେଟ୍ ସୁନାରେ ପ୍ରସ୍ତୁତ । ଏଥିରେ ପ୍ରାକୃତିକ ହୀରା ସହିତ ରଙ୍ଗୀନ ରତ୍ନପଥର ଏବଂ ସେରାମିକ୍ ଏନାମେଲିଂର ବ୍ୟବହାର କରାଯାଇଛି, ଯାହା ଓଡ଼ିଶାର ସମସ୍ତ ସୋ'ରୁମ୍‌ରେ ଉପଲବ୍ଧ ହେବ । ଏହି ସଂଗ୍ରହଟି ଗଠନ ଏବଂ କୋମଳତା ମଧ୍ୟରେ ସନ୍ତୁଳନ ରକ୍ଷା କରି ଏପରି ଗହଣା ସୃଷ୍ଟି କରେ ଯାହା ପରିଶୋଧିତ, ବହୁମୁଖୀ ଏବଂ ସମସ୍ତ ପ୍ରକାରର ଉତ୍ସବ ପାଇଁ ପ୍ରାସଙ୍ଗିକ ମନେହୁଏ । ପ୍ରତ୍ୟେକ ଡିଜାଇନ୍ ଜଟିଳ ବିବରଣୀ, ତରଳ ରୂପ ଏବଂ ଏକ ସ୍ୱଷ୍ଟ ଆଧୁନିକ ସୌନ୍ଦର୍ଯ୍ୟ ମାଧ୍ୟମରେ ପ୍ରକୃତିର ଶୈଳୀକୁ ପ୍ରଦର୍ଶିତ କରିଥାଏ ।

ଓଲିଉଡ୍ ଅଭିନେତ୍ରୀ ମିସ୍ ଜାସମିନ୍ ରଥଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ ପ୍ରସିଦ୍ଧ ଅଭିନେତ୍ରୀ କରିନା କପୁର ଖାନ ଏହି ସଂଗ୍ରହର ମୁଖ୍ୟ ଚେହେରା ଭାବେ ଜାରି ରହିଛନ୍ତି । ନିଜର ସହଜ ସାରଲ୍ୟ, ଆତ୍ମବିଶ୍ୱାସ ଏବଂ ଚିରସ୍ଥାୟୀ ଆକର୍ଷଣ ପାଇଁ ଜଣାଶୁଣା କରିନା, ଏହି ସଂଗ୍ରହର ବ୍ୟକ୍ତିଗତ ସ୍ୱତନ୍ତ୍ରତା, ଆଧୁନିକ ନାରୀତ୍ୱ ଏବଂ ଚିରନ୍ତନ ଅତ୍ୟାଧୁନିକତାର ପ୍ରତିଫଳନକୁ ସମ୍ପୂର୍ଣ୍ଣ ରୂପେ ପ୍ରଦର୍ଶିତ କରନ୍ତି ।

ନୁଓ୍ୱା' ଶୁଭାରମ୍ଭ ଅବସରରେ ମାଲାବାର୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଏମ୍‌ପି. ଅହମ୍ମଦ କହିଛନ୍ତି, 'ଏହି ସଂଗ୍ରହର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରକୃତିର ଶୈଳୀକୁ ସମ୍ମାନ ଜଣାଇବା - ସେହି ଜଟିଳ ଗଠନ, ସୃଷ୍ଟି ଏବଂ ବିବରଣୀ ଯାହା ଚୁପଚାପ୍ ଆମ ଚାରିପାଖର ଦୁନିଆକୁ ଗଢ଼ିଥାଏ । ନୁଓ୍ୱା' ମାଧ୍ୟମରେ, ଆମେ ସେହି ସୌନ୍ଦର୍ଯ୍ୟକୁ ଏକ ସମସାମୟିକ ହୀରା ସଂଗ୍ରହରେ ରୂପାନ୍ତରିତ କରିବାକୁ ଚାହୁଁଥିଲୁ ଯାହା ଆଜିର ମହିଳାମାନଙ୍କ ପାଇଁ ଅତ୍ୟାଧୁନିକ, ବହୁମୁଖୀ ଏବଂ ପ୍ରାସଙ୍ଗିକ ମନେହେବ । ପ୍ରତ୍ୟେକ ଅଳଙ୍କାର ଜଟିଳ କାରିଗରୀ ଏବଂ ସହଜ ସାରଲ୍ୟ ମଧ୍ୟରେ ଏକ ସନ୍ତୁଳନ ପ୍ରତିଫଳିତ କରେ, ଯାହା ଏପରି ଗହଣା ସୃଷ୍ଟି କରେ ଯାହାକୁ ବିଭିନ୍ନ ଉତ୍ସବ ଏବଂ ପିଢ଼ି ପରେ ପିଢ଼ି ପିନ୍ଧାଯାଇପାରିବ ଏବଂ ଏହାର ପ୍ରଶଂସା କରାଯାଇପାରିବ । ଏହି ସଂଗ୍ରହଟି ସେହି ମହିଳାମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି ଯେଉଁମାନେ ସୂକ୍ଷ୍ମ ବିଳାସିତା ଏବଂ ଅର୍ଥପୂର୍ଣ୍ଣ ଡିଜାଇନ୍‌କୁ ପସନ୍ଦ କରନ୍ତି । ପ୍ରକୃତିରେ ଥିବା ସମ୍ଭାବନା ଦ୍ୱାରା ଅନୁପ୍ରାଣିତ ହୋଇ, ନୁଆ ସୂକ୍ଷ୍ମ ବିବରଣୀ ସହିତ ଶକ୍ତିଶାଳୀ ଦୃଶ୍ୟମାନ ଚରିତ୍ରକୁ ମିଶ୍ରିତ କରି ଆଧୁନିକ ହୀରା ଗହଣାର ଏକ ସ୍ୱତନ୍ତ୍ର ଅଭିବ୍ୟକ୍ତି ପ୍ରଦାନ କରେ ।

୧୯୯୩ରେ ପ୍ରତିଷ୍ଠିତ ମାଲାବାର୍ ଗ୍ରୁପ୍ ବିଶ୍ୱର ୫ମ ବୃହତ୍ତମ ଗହଣା ବିକ୍ରେତା ଅଟେ, ଯାହାର ୧୪ଟି ଦେଶରେ ୪୪୫ରୁ ଅଧିକ ଶୋ'ରୁମ୍ ରହିଛି । କମ୍ପାନୀ ନିଜ ଲାଭର ୫ ପ୍ରତିଶତ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟରେ ବିନିଯୋଗ କରେ ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra